


ଜାନୁଆରୀ ୨୯ରେ
'ଲଭ୍ ଆଣ୍ଡ ୱାର୍'
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-75 ◆TUESDAY ◆8 SEPTEMBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୭୫ ◆ମଙ୍ଗଳବାର ◆୮ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଉତ୍ତରପ୍ରଦେଶରେ କ୍ୟାଣ୍ଟର ଓଲଟି ୧୨ ଶ୍ରଦ୍ଧାଳୁ ମୃତ



■ ବାଘପତ, ୭।୯(ଏଜେନ୍ସି): ଉତ୍ତରପ୍ରଦେଶର ବାଘପତ ଜିଲ୍ଲା ଇଷ୍ଟର୍ଣ୍ଣ ପେରିଫେରାଲ୍ ଏକ୍ସପ୍ରେସୱେରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୧୨ ଜଣ ପ୍ରାଣ ହରାଇଛନ୍ତି। ରାଜସ୍ଥାନର ବାଗଡ଼ ଧାମରୁ ଦର୍ଶନ ସାରି ବଦାୟୁଁ ଫେରୁଥିବା ଶ୍ରଦ୍ଧାଳୁଙ୍କ ଏକ କ୍ୟାଣ୍ଟର ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୧୬ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ବାଘପତ ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଖେକ୍ରା କୋତବାଲି ଅଞ୍ଚଳର ବାସୀ ଏବଂ ବାଡ଼ା ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଗାଡ଼ିଟିରେ ବୁଦାଉଁର ପ୍ରାୟ ୩୨ ଜଣ ଶ୍ରଦ୍ଧାଳୁ ଯାତ୍ରା କରୁଥିଲେ। ଖବର ପାଇ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଜିଲ୍ଲା ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ୬ ଜଣଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଆହତଙ୍କ ମଧ୍ୟରୁ ଆଜି ଆଉ ୬ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ପ୍ରାଥମିକ ସୂଚନାରୁ ଜଣାପଡ଼ିଛି ଯେ, ରାତିରେ ଶ୍ରଦ୍ଧାଳୁ ଶୋଇଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।। ପଛରୁ ଆସୁଥିବା ଅନ୍ୟ ଏକ ଗାଡ଼ି ଧକ୍କା ଦେବାରୁ କ୍ୟାଣ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଜଣେ ଆହତ ଯାତ୍ରୀ କହିଛନ୍ତି।

## ହିମାଳୟ ବରଫ ତରଳିବା ପଛରେ ମଣିଷ ପରିସ୍ରା!



■ ନୂଆଦିଲ୍ଲୀ,୭।୯(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟର ବେସ୍ କ୍ୟାମ୍ପରେ ବୃଦ୍ଧି ପାଉଥିବା ଜନଗହଳି ଓ ମାନବୀୟ କାର୍ଯ୍ୟକଳାପ ବର୍ତ୍ତମାନ ସେଠାକାର ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ରିଜିଓନାଲ ଏନଭାଇରନମେଣ୍ଟାଲ ଚେଞ୍ଜ ପତ୍ରିକାରେ ପ୍ରକାଶିତ ଗବେଷଣା ଅନୁଯାୟୀ, ବିଶ୍ୱତାପନ ବ୍ୟତୀତ ବେସ୍ କ୍ୟାମ୍ପରେ ବ୍ୟବହୃତ ଇନ୍ଧନ ଏବଂ ପର୍ବତାରୋହୀଙ୍କ ପରିସ୍ରାରୁ ନିର୍ଗତ ଉତ୍ତାପ ଯୋଗୁଁ ଖୁମ୍ବୁ ହିମପର୍ବତ ଦ୍ରୁତ ଗତିରେ ତରଳିବାରେ ଲାଗିଛି। ରିପୋର୍ଟ ଅନୁସାରେ, ପ୍ରତିବର୍ଷ ପ୍ରାୟ ୮୦୦ ରୁ ୧,୨୦୦ ପର୍ବତାରୋହୀ ଏଭରେଷ୍ଟ ନିକଟକୁ ଯାତ୍ରା କରିଥାନ୍ତି। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ୫୦୦ ରୁ ୭୦୦ ସ୍ଥାନୀୟ ପର୍ବତାରୋହୀ ମୂଳ ଶିବିରରେ ଏକତ୍ରିତ ହୁଅନ୍ତି। ତଥ୍ୟ ଅନୁଯାୟୀ ୨୦୨୩ ପର୍ବତାରୋହଣ ଋତୁରେ, ବେସ୍ କ୍ୟାମ୍ପରେ ପର୍ବତାରୋହୀମାନଙ୍କ ଦ୍ୱାରା ଦୈନିକ ପ୍ରାୟ ୬,୭୬୬ ଲିଟର ପରିସ୍ରା ନିର୍ଗତ ହୋଇଥିଲା। ଶରୀରରୁ ବାହାରୁଥିବା ଏହି ପରିସ୍ରାର ଉତ୍ତାପ ବରଫ ତରଳାଇବାରେ ସହାୟକ ହେଉଛି। ମାନବୀୟ ବିଭିନ୍ନ କାର୍ଯ୍ୟକଳାପ ଯୋଗୁଁ ତରଳୁଥିବା ବରଫ ମଧ୍ୟରୁ ପରିସ୍ରାର ଉତ୍ତାପ ପ୍ରାୟ ୬% ପାଇଁ ଦାୟୀ ରହିଥିବା ଜଣାପଡ଼ିଛି। ଏହା ବ୍ୟତୀତ ରନ୍ଧନ, ଗରମ ଏବଂ ବିଦ୍ୟୁତ ପାଇଁ ବ୍ୟବହୃତ ଏଲ୍‌ପିଜି, କିରୋସିନି ଓ ପେଟ୍ରୋଲ ପରି ଜୀବାଶ୍ମ ▶ପୃଷ୍ଠା-୭

# ଜଟିଳ ହେଉଛି ଡିଜିପି ନିଯୁକ୍ତି ମାମଲା

## ନିଜ ଆଡୁ ପକ୍ଷଭୁକ୍ତ ହେଲେ ଆଇପିଏସ୍ ସୁଶାନ୍ତ ନାଥ

■ ଭୁବନେଶ୍ୱର,୭।୯(ସମିସ): ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି ସୁପ୍ରିମକୋର୍ଟରେ ଓଡ଼ିଶା ଡିଜିପି ଚୟନ ମାମଲା ଗଡ଼ି ଚାଲିଛି। ସୋମବାର ସୁପ୍ରିମ୍‌କୋର୍ଟରେ ଡିଜିପି ଚୟନ ମାମଲାର ଶୁଣାଣି ଥିଲା। ହେଲେ ମାତ୍ର ୭ ମିନିଟ୍ ଶୁଣାଣି ପରେ ଏହି ମାମଲାର ଶୁଣାଣି ଆସନ୍ତା ୧୬ ତାରିଖକୁ ଘୁଞ୍ଚି ଯାଇଛି। ତେବେ ଏହା ମଧ୍ୟରେ ସୁପ୍ରିମକୋର୍ଟରେ ଏକାଧିକ କଥା ସାମ୍ନାକୁ ଆସିଛି। ପ୍ରଥମ ଥର ପାଇଁ ଏହି ମାମଲାରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ବରିଷ୍ଠ ଆଇପିଏସ୍ ଅଫିସର ତଥା ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ଏହି ମାମଲାରେ ଏଣ୍ଟ୍ରି ହୋଇଛି। ତାଙ୍କ ପକ୍ଷକୁ ବି ଶୁଣିବା ଆବଶ୍ୟକ ବୋଲି ସୁଶାନ୍ତ ତାଙ୍କ ଓକିଲଙ୍କ ଜରିଆରେ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ପୂର୍ବ ଶୁଣାଣି ବେଳେ ଆମିକସ୍ କ୍ୟୁରୀ ରାଜୁ ରାମଚନ୍ଦ୍ରନ୍ ତାଙ୍କ ସ୍ୱାଧୀନ ମତ କୋର୍ଟଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ଯାହାର ଜବାବ ନେବାକୁ ସମୟ ଲାଗିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେତା ଅନୁରୋଧ କରିବା ପରେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ତାରିଖ ଧାର୍ଯ୍ୟ କରିଥିଲେ।

ଡିଜିପି ଚୟନ ମାମଲାରେ ସୁଶାନ୍ତ ନାଥଙ୍କ ଏଣ୍ଟ୍ରି ଏବେ ଅନେକ କିଛି ଦିଗକୁ ଇଙ୍ଗିତ କରୁଛି। ପ୍ରଥମରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଏଜି ପୀତାମ୍ବର ଆଚାର୍ଯ୍ୟ ସୁପ୍ରିମକୋର୍ଟଙ୍କ ପାଖରେ ଗୋଟିଏ ଯୁକ୍ତି

### ପୁଣି ୧୬କୁ ଘୁଞ୍ଚିଲା ଶୁଣାଣି

ଉପସ୍ଥାପନା କରି ଏହା ସେବା ସମ୍ପର୍କିତ ମାମଲା ଦର୍ଶାଇବାରୁ ପିଆଇଏଲ୍‌ର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନ କରାଯାଇଥିଲା। ହେଲେ ସୁଶାନ୍ତଙ୍କ ଏଣ୍ଟ୍ରୀ ପରେ ଏହି ମାମଲାରେ ଏକପ୍ରକାର 'ଲୋକସ୍ ଷ୍ଟାଣ୍ଡିଙ୍ଗ୍' ଆସିଯାଇଛି ବୋଲି ଆଲୋଚନା ହୋଉଛି। ଏହାର ଅର୍ଥ ପ୍ରଭାବିତ ପାର୍ଥୀ ନିଜେ ସିଧାସଳଖ ସାମ୍ନାକୁ ଆସି ମାମଲାରେ ପକ୍ଷଭୁକ୍ତ ହୋଇଛନ୍ତି। ରାଜ୍ୟ ସରକାର କିଭଳି ଭାବେ ୟୁପିଏସ୍‌ସିକୁ ନିଜ ଦ୍ୱାରା ପଠାଯାଇଥିବା ଏକ ତାଲିକାରୁ ସୁଶାନ୍ତଙ୍କୁ ହଟାଇବାକୁ ଚାହୁଁଛନ୍ତି ସେ ନେଇ ଆପତ୍ତି ଉଠାଇଛନ୍ତି। ଜେଲ୍ ଡିଜିପି ସୁଶାନ୍ତ ନାଥ ସୁପ୍ରିମକୋର୍ଟର ବିଚାର ପ୍ରକ୍ରିୟାରେ ହସ୍ତକ୍ଷେପକାରୀ ଭାବରେ ଯୋଗ ଦେଉଛନ୍ତି।

ସେହିପରି ରବିବାର ମଧ୍ୟ ପିଟିସନରଙ୍କ ପକ୍ଷରୁ ଅତିରିକ୍ତ ପିଟିସନ ଦାଖଲ କରାଯାଇଥିଲା। ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ ରାଜ୍ୟ ସରକାର ଏହି ମାମଲାରେ ବହୁତ କିଛି ତଥ୍ୟ ଲୁଚାଇଛନ୍ତି। ଏହାସହ ଗୁରୁତ୍ୱପୂର୍ଣ୍ଣ ଚିଠିର ନକଲ ସଂଲଗ୍ନ କରି ନାହାନ୍ତି। ଆବେଦନକାରୀ ଅତିରିକ୍ତ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ଓଡ଼ିଶା ସରକାରଙ୍କ ଯବାବରେ ଯଦିଓ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର ରାଜ୍ୟ ନିଯୁକ୍ତି ଚିଠି ସମ୍ପର୍କିତ ୨୦୨୬ ଫେବୃଆରୀ ୯ର ଚିଠି ଉଲ୍ଲେଖ ରହିଛି, କିନ୍ତୁ ଏହାକୁ ସଂଲଗ୍ନ କରାଯାଇ ନାହିଁ। ଏହା ମଧ୍ୟରେ ଆମିକସ୍ କ୍ୟୁରୀ ମଧ୍ୟ ପୂର୍ବ ଶୁଣାଣିରେ ନିଜର ସ୍ୱାଧୀନ ମତ ଉପସ୍ଥାପନା କରି ସାରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ▶ପୃଷ୍ଠା-୭

### ଖଣି ଆଇନ ସଂଶୋଧନକୁ ବିରୋଧ

## ୯ରେ ଲୋକଭବନ ସମ୍ମୁଖରେ ବିଜେଡିର ଗଣଧାରଣା

ଭୁବନେଶ୍ୱର,୭।୯(ସମିସ): ଏମଏମଡିଆର ସଂଶୋଧନ ଆଇନକୁ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି ଏହାକୁ ବିରୋଧ କରିଆସୁଥିବା ବିଜୁ ଜନତା ଦଳ ଆନ୍ଦୋଳନାତ୍ମକ ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ୯ ତାରିଖରେ ବିଜେଡି ପକ୍ଷରୁ ଲୋକଭବନ ଆଗରେ ଗଣଧାରଣା ଦିଆଯିବ। ଏହା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆଇନର ପ୍ରତ୍ୟାହାର

- ■ ଆଇନ ପ୍ରତ୍ୟାହାର ଲାଗି ରାଷ୍ଟ୍ରପତିଙ୍କୁ ଦିଆଯିବ ଦାବିପତ୍ର
- ■ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ ରାଜ୍ୟପାଳଙ୍କ ନିକଟରେ ହେବ ଦାବି

ଦାବିରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ପଣ୍ଡା ଏନେଇ ସୂଚନା ପ୍ରଦାନ କରିଛନ୍ତି।

ବିଜେଡି ନେତାମାନେ କହିଛନ୍ତି ଯେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏମଏମଡିଆର ଆଇନ ଓଡ଼ିଶାର ସ୍ୱାର୍ଥ ବିରୋଧୀ ଓ ଏହି ଆଇନ ଯୋଗୁଁ ▶ପୃଷ୍ଠା-୭

## ଫେବୃଆରୀ-ମାର୍ଚ୍ଚରେ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ସମ୍ଭାବନା

■ ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରରେ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ରହିଛି। ଜନଗଣନା-୨୦୨୭ର କାର୍ଯ୍ୟସୂଚୀରେ ପରିବର୍ତ୍ତନ ପରେ ଏହି ୫ ରାଜ୍ୟର ନିର୍ବାଚନ ସମୟ ପ୍ରାୟ ସ୍ପଷ୍ଟ ହୋଇଛି। ଏହି ୫ ରାଜ୍ୟ ମଧ୍ୟରୁ ମଣିପୁର ବିଧାନସଭାର କାର୍ଯ୍ୟକାଳ ୨୦୨୭ ମାର୍ଚ୍ଚ ୧୩ରେ ଶେଷ ହେଉଛି। ଗୋଆର ମାର୍ଚ୍ଚ ୧୪, ପଞ୍ଜାବର ମାର୍ଚ୍ଚ ୧୬ ଓ ଉତ୍ତରାଖଣ୍ଡର ମାର୍ଚ୍ଚ ୨୮ରେ କାର୍ଯ୍ୟକାଳ ଶେଷ ହେବ। ଉତ୍ତରପ୍ରଦେଶ ବିଧାନସଭାର କାର୍ଯ୍ୟକାଳ ମେ' ୨୨ରେ ଶେଷ ହେବ।

ଏହିସବୁ ରାଜ୍ୟରେ ଏକ ସମୟରେ ବିଧାନସଭା ନିର୍ବାଚନ ହେଲେ ମାର୍ଚ୍ଚ ୧୩ ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ସଂପନ୍ନ କରିବାକୁ ପଡ଼ିବ। ଏହା ହେଲେ ଉତ୍ତରପ୍ରଦେଶରେ ବିଧାନସଭା କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ଦୁଇ ମାସ ପୂର୍ବରୁ ମତଦାନ ହେବ। ବଡ଼ ରାଜ୍ୟ ହୋଇଥିବାରୁ ଉତ୍ତରପ୍ରଦେଶରେ ଏକାଧିକ ପର୍ଯ୍ୟାୟରେ ଭୋଟ ହେବାର ସମ୍ଭାବନା ରହିଛି। ନିର୍ବାଚନ କାର୍ଯ୍ୟସୂଚୀ ଜାନୁଆରୀ ୨୦୨୭ରେ ଘୋଷଣା ହୋଇପାରେ। ଏହି ୫ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ମଧ୍ୟ ଚାଲିଛି। ନିର୍ବାଚନ ଓ ଜନଗଣନା କାର୍ଯ୍ୟ ଏକ ସମୟରେ ନ ପଡ଼ିବା ପାଇଁ କେନ୍ଦ୍ର ସରକାର ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡର ବରଫ ନ ପଡୁଥିବା ଅଞ୍ଚଳ ଏବଂ ଗୋଆରେ ଜନସଂଖ୍ୟା ଗଣନା ପର୍ଯ୍ୟାୟକୁ ଡିସେମ୍ବର ୧, ୨୦୨୬ରୁ ଜାନୁଆରୀ ୪, ୨୦୨୭ ମଧ୍ୟରେ କରିବାକୁ ନିଷ୍ପତ୍ତି ନେଇଛି। ମଣିପୁରରେ ଜନଗଣନାର ଘର ତାଲିକା ପ୍ରସ୍ତୁତି ପର୍ଯ୍ୟାୟକୁ ପରେ ▶ପୃଷ୍ଠା-୭

### ଅକ୍ଟୋବରରେ ବିଧାନସଭାର ୫ ଆସନ, ଲୋକସଭାର ଗୋଟିଏରେ ଉପନିର୍ବାଚନ

■ ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଆସନ୍ତା ଅକଟୋବର ମାସ ୬ ତାରିଖରେ ତିନିଟି ରାଜ୍ୟ ବିଧାନସଭାର ୫ଟି ଆସନରେ ଏବଂ ଆସାମର ନଗାଓଁ ଲୋକସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ କମିସନ ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି। ତାମିଲନାଡୁରେ ଦୁଇଟି, ପଶ୍ଚିମବଙ୍ଗରେ ଦୁଇଟି ଏବଂ ପୁଡୁଚେରୀର ଗୋଟିଏ ଆସନରେ ଉପନିର୍ବାଚନ ହେବ। ଆସନ୍ତା ୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ। ଅକଟୋବର ୯ ତାରିଖରେ ଭୋଟ ଗଣତି କରାଯିବ ବୋଲି କମିସନଙ୍କ ପକ୍ଷରୁ କୁହାଯାଇଛି।

## ନୂଆପଡ଼ା ଉପ-କାରାଗାରରୁ ଦୁଷ୍କର୍ମ ଅଭିଯୁକ୍ତ ଫେରାର

■ କୋମନା,୭।୯(ସମିସ): ନୂଆପଡ଼ା ଉପ-କାରାଗାରରୁ ଜଣେ ଦୁଷ୍କର୍ମ ଅଭିଯୁକ୍ତ ଫେରାର ହୋଇଯାଇଛି। ସେ ହେଲେ ସିନାପାଲି ଥାନା ଅଧୀନ କାନ୍ଦୁଲକୋନା ଗ୍ରାମର ବିଶ୍ୱବିହାରୀ ମାଝୀ (୩୦)। ୨୦୧୯ରେ ଏକ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୨୧ରେ ନୂଆପଡ଼ା କୋର୍ଟ ତାଙ୍କୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ ଶୁଣାଇଥିଲେ। ଆଜି ସକାଳ ପ୍ରାୟ ୮ଟା ସମୟରେ କାରାଗାର ପରିସରରେ ସଫେଇ କାର୍ଯ୍ୟ ଚାଲିଥିବାବେଳେ ଜେଲ୍ ହତାରୁ ଖସି ପଳାଇବାରେ ସଫଳ ହୋଇଛନ୍ତି। ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ବଳରାମ



ବିଷି ମାଝୀ ଘଟଣାକୁ ସ୍ୱୀକାର କରିବା ସହ ତୁରନ୍ତ ହାଇଆଲର୍ଟ ଜାରି କରାଯାଇଥିବା ପ୍ରକାଶ କରିଛନ୍ତି। ଫେରାର କଏଦୀଙ୍କୁ ଧରିବାପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଜୋରଦାର୍ ତଲାସୀ ଅଭିଯାନ ଆରମ୍ଭ ହୋଇଛି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଜେଲରୁ କଏଦୀ କିପରି ଖସିଗଲେ, ତାହାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ପଛରେ କାହାର ଅବହେଳା ରହିଛି, ତାହାର ତଦନ୍ତ କରାଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

### ରାଜ୍ୟ କ୍ୟାବିନେଟରେ ୧୨ ବିଭାଗର ୧୮ ପ୍ରସ୍ତାବକୁ ଅନୁମୋଦନ

## ଶକ୍ତି, ପାନୀୟ ଜଳ, ଜଳସେଚନ, ସଡ଼କ ଭିତ୍ତିଭୂମି ସୁଦୃଢ଼ୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୭।୯(ସମିସ): ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୧୨ଟି ବିଭାଗର ୧୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପ୍ରମୁଖ ପ୍ରସ୍ତାବଗୁଡ଼ିକ ମଧ୍ୟରେ ଶକ୍ତି, ପାନୀୟ ଜଳ, ସଡ଼କ ଭିତ୍ତିଭୂମି ଉନ୍ନତିକରଣ ଓ ଜଳସେଚକୁ ପ୍ରାଥମିକତା ଦେଇଛନ୍ତି। ବିଶେଷକରି ଓଡ଼ିଶାରେ ବିଦ୍ୟୁତ୍ ସଞ୍ଚରଣ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ କ୍ୟାବିନେଟରେ ୧୫୯୪୮.୭୦ କୋଟି ଟଙ୍କାର ବୃହତ୍ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାକୁ ଓଡ଼ିଶାର ଶକ୍ତି କ୍ଷେତ୍ରରେ ଏଯାବତ୍ ସର୍ବବୃହତ୍ ନିବେଶ ବୋଲି କୁହାଯାଉଛି। ଏହାବ୍ୟତୀତ କ୍ୟାବିନେଟରେ ଓଡ଼ିଶା ଜନ ବିଶ୍ୱାସ, ବିଲ୍ ୨୦୨୬କୁ ମଧ୍ୟ ଅନୁମୋଦନ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକ ପରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ବିଦ୍ୟୁତ୍ ସଞ୍ଚାରଣ ଭିତ୍ତିଭୂମିକୁ ସୁଦୃଢ଼ ଓ ସମ୍ପ୍ରସାରିତ କରିବା ପାଇଁ



- ■ ବିଦ୍ୟୁତ୍ ସଞ୍ଚରଣ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ୧୫୯୪୮ କୋଟିର ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ
- ■ ଜଳସେଚନ ପ୍ରକଳ୍ପଗୁଡ଼ିକରେ ବୋଇତ ଯୋଜନାକୁ ମଞ୍ଜୁରୀ, ଖର୍ଚ୍ଚ ହେବ ୬୫୦ କୋଟି ଟଙ୍କା

୧୫୯୪୮ କୋଟି ଟଙ୍କାର ରେକର୍ଡ ପୁଞ୍ଜିନିବେଶ ହେଉଛି। ପ୍ରଥମ ଥର ପାଇଁ ରାଜ୍ୟ ସରକାର ଏଥିରେ ୭୬୫ କେଭି ଟ୍ରାନ୍ସମିସନ ନେଟୱର୍କ ପ୍ରତିଷ୍ଠା କରିବେ। ଖୁଣ୍ଟୁଣି, ଡୁବୁରୀ ଓ କୋଲାବିରାଠାରେ ୩ଟି ନୂଆ ୭୬୫ କେଭି ଗ୍ରୀଡ ସବ୍-ଷ୍ଟେସନ ସ୍ଥାପନ କରାଯିବ। କାଂସବାହାଲ ଓ ଟିଟିଲାଗଡଠାରେ ଆଉ ୨ଟି ଗ୍ରୀଡ ସବ୍-ଷ୍ଟେସନ ପ୍ରତିଷ୍ଠାକୁ ଅନୁମୋଦନ ମିଳିଥିବା ବେଳେ ଏହ୍‌ଦ୍ୱାରା ▶ପୃଷ୍ଠା-୭

## ୯ରୁ ରାଜ୍ୟରେ ପୁଣି ବଢ଼ିବ ବର୍ଷା

■ ଭୁବନେଶ୍ୱର,୭।୯(ସମିସ): ଆସନ୍ତା ୯ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି। ଆଗାମୀ ସେପ୍ଟେମ୍ବର ୯ ତାରିଖ ବେଳକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ବର୍ଷାର ପରିମାଣ ବଢିବା ସହ କେତେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ମୌସୁମୀ ଜନିତ ଟ୍ରଫ୍ ଗଙ୍ଗାନଗର, ଉତ୍ତପ୍ରଦେଶଠାରୁ ନେଇ ଉତ୍ତରପୂର୍ବ ବଙ୍ଗୋପସାଗର ମଧ୍ୟରେ ରହିଛି। ଏହାଫଳରେ କାଁ ଭାଁ ସ୍ଥାନରେ ବର୍ଷା ହେଉଛି। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ବିଶେଷ ବର୍ଷା ନ ଥିଲେ ମଧ୍ୟ ଏହି ସମୟରେ କିଛି କିଛି ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହବାର ସମ୍ଭାବନା ରହିଛି।

### ଆଗକୁ ସୃଷ୍ଟି ହେବ ୨ ଟି ଲଘୁଚାପ



ମଙ୍ଗଳବାର ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡା ଓ ସୁନ୍ଦରଗଡ ଏହି ୧୫ ଜିଲ୍ଲାରେ ବିଜୁଳି ଘଡଘଡି ସହ କାଁ ଭାଁ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ଆସନ୍ତା ୯ ତାରିଖରୁ ବର୍ଷା ବଢିବା ସହ ମୟୂରଭଞ୍ଜ ବାଲେଶ୍ୱର ଓ କେନ୍ଦୁଝରରେ ପ୍ରବଳ ବର୍ଷା ସହ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ କିଛି କିଛି ଅଞ୍ଚଳରେ ଭଲ ବର୍ଷା ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ପାଣିପାଗ ▶ପୃଷ୍ଠା-୭

### ଓଲଟ ପାଲଟ



ବିରୋଧୀ କହିଲେ ଓଡିଶା ପାଇଁକି
କେନ୍ଦ୍ର କରେ ଅବହେଳା,
ଖଣି-ପାଣି ସବୁ ଲୁଟ୍ ଚାଲିଛି
ଦୁର୍ନୀତି ପୁଳା ପୁଳା।
ପ୍ରତ୍ୟେକ କଥାରେ ଶାସକ ଦଳଟା
ଝାଡ଼ିଲା ମୁହଁ ଫୁଟାଣି,
ଏବେ ଦୁଇ ମନ୍ତ୍ରୀ ବିରୋଧ କରନ୍ତି
କଳିଜା ହୁଅଇ ପାଣି।
କି କରିବ ଧନ ମଣ॥
-ଯାଯାବର

### ବିଜେପିରେ ଫାଟ ଜଳଜଳ

## କାର୍ଯ୍ୟକାରିଣୀକୁ ଆସିଲେନି ୬ ନେତା

■ ଭୁବନେଶ୍ୱର,୭।୯(ସମିସ): କଟକରେ ଗତ ୫ ଓ ୬ ତାରିଖ ଦୁଇଦିନ ଧରି ରାଜ୍ୟ ବିଜେପିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ନେତାମାନେ ଓଡ଼ିଶାରେ ବିଜେପିର ସଂଗଠନ, ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବ୍ୟାପକ ମାନସମନ୍ଥନ ସହ ଆବଶ୍ୟକ ପରାମର୍ଶ, ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଦଳର ଶକ୍ତି ବୃଦ୍ଧି ପାଇଁ ଏହି ବୈଠକ ବେଶ୍ ଉପଯୋଗୀ ହେବ ବୋଲି ଦଳର କେତେକ ନେତା ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟକାରିଣୀରେ ରାଜ୍ୟର ୬ ଜଣ ବଡ଼ ନେତାଙ୍କ ଅନୁପସ୍ଥିତି ସ୍ୱାଭାବିକ ଭାବରେ ଦଳରେ ଚାଲିଥିବା ଅନ୍ତର୍କନ୍ଦଳକୁ ସ୍ପଷ୍ଟ କରିଦେଇଛି। ଏପରିକି ଏହି ନେତାମାନେ ଓଡ଼ିଶାରେ ଥାଇ ଅନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାବେଳେ କାର୍ଯ୍ୟକାରିଣୀରେ ଅନୁପସ୍ଥିତି ଅନେକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ରାଜ୍ୟ ବିଜେପିରେ ଚାଲିଥିବା ଛକାପଞ୍ଝା ରାଜନୀତି ସଭିଙ୍କୁ ଅଳ୍ପ ବହୁତେ ଜଣା ଅଛି। ମାତ୍ର ବୈଠକରେ ବିଏଲ୍ ସନ୍ତୋଷ, ସୁନୀଲ ବଂଶଲଙ୍କ ପରି ଜାତୀୟସ୍ତରର ପ୍ରଭାବଶାଳୀ ନେତା ଯୋଗ ଦେଇଥିବାବେଳେ ଏହି ନେତାମାନଙ୍କ ଅନୁପସ୍ଥିତି ଦଳରେ ଚାଲିଥିବା ଭୟଙ୍କର ଗୋଷ୍ଠୀବାଦ ଓ ଅନ୍ତର୍କନ୍ଦଳର ଝଲକ ବୋଲି ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି।

ଦଳ ପକ୍ଷରୁ ଜାରି ବିବୃତିରେ ରାଜ୍ୟର ସମସ୍ତ ସାଂସଦ ଓ ଦୁଇ କେନ୍ଦ୍ରମନ୍ତ୍ରୀ ବୈଠକରେ ଯୋଗ ଦେବେ ବୋଲି କୁହାଯାଇଥିଲା। ମାତ୍ର ବିଡ଼ମ୍ବନା ହେଉଛି ଦୁଇ କେନ୍ଦ୍ରମନ୍ତ୍ରୀ

- ■ ରାଜ୍ୟରେ ଥାଇ ବି ଆସିଲେନି କେନ୍ଦ୍ରମନ୍ତ୍ରୀ
- ■ ବୟକଟ୍ ପଛର କାରଣ ତୀବ୍ର ଅନ୍ତଃକନ୍ଦଳ!

ଜୁଏଲ୍ ଓରାମ ଓ ଅଶ୍ୱିନୀ ବୈଷ୍ଣବ କେହି ବି ବୈଠକରେ ଉପସ୍ଥିତ ରହିଲେ ନାହିଁ। ସେହିପରି ପୂର୍ବ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ବୈଠକରେ ଦେଖିବାକୁ ମିଳିଲା ନାହିଁ। ରାଜ୍ୟ ରାଜନୀତି ସହ ବିଶେଷ ସମ୍ପର୍କ ରଖୁ ନ ଥିବା ଅଶ୍ୱିନୀ ବୈଷ୍ଣବ କେବେ ଦଳର ରାଜ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖାଯାଇ ନାହିଁ। ଶ୍ରୀ ବୈଷ୍ଣବ ଓଡ଼ିଶାରୁ ନିର୍ବାଚିତ ଓ ଓଡ଼ିଶା କୋଟାରେ ମନ୍ତ୍ରୀ; ଏପରିକି ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଘନିଷ୍ଠ ବୋଲି ତାଙ୍କର ବିଶେଷ ପରିଚିତି ରହିଛି। ମାତ୍ର ରାଜ୍ୟ ବିଜେପି କାର୍ଯ୍ୟକାରିଣୀରେ ତାଙ୍କୁ ଦେଖିବାକୁ ନ ମିଳିବା ଭିନ୍ନ ବାର୍ତ୍ତା ଦେଇଛି।

ଜୁଏଲ ଓରାମ ରାଜ୍ୟ ବିଜେପିର ପୂର୍ବତନ ସଭାପତି। ସୁନ୍ଦରଗଡ଼ର ସାଂସଦ ଓ କେନ୍ଦ୍ରରେ କ୍ୟାବିନେଟ୍ ମନ୍ତ୍ରୀ। ସୁନ୍ଦରଗଡରେ ଉପସ୍ଥିତ ଥିବା ସତ୍ତ୍ୱେ ସେ କାର୍ଯ୍ୟକ୍ରମକୁ ନ ଆସିବାକୁ ନେଇ ଭିନ୍ନଭିନ୍ନ ଚର୍ଚ୍ଚା ହେଉଛି। ନିକଟରେ ତାଙ୍କର ଘନିଷ୍ଠ ସହଯୋଗୀ ପ୍ରକାଶ ପାଣୱାନଙ୍କ ଗିରଫଦାରୀ ପରେ ସେ ଦଳ ଉପରେ ଖପ୍ପା ଥିବା କୁହାଯାଉଛି। ପୁଣି ଆଗାମୀ ଦିନରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ତାଙ୍କ ପଦ ଯାଇପାରେ ବୋଲି ଦଳର କିଛି ନେତା କରୁଥିବା ପ୍ରଚାରରେ ସେ କ୍ଷୁବ୍ଧ। ଦଳରେ ତାଙ୍କ ଗୁରୁତ୍ୱ କମୁଥିବା ଓ ସମାନ ସମୟରେ ଅନ୍ୟ ଦଳରୁ ଆମଦାନୀ ନେତାଙ୍କୁ ଅଧିକ ଗୁରୁତ୍ୱ ▶ପୃଷ୍ଠା-୭

### କିରେଇ ଗ୍ରାମ୍ୟ ବ୍ୟାଙ୍କରୁ ଲୁଟ୍

## କ୍ୟାସିୟରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟିନେଲେ ୨.୩୭ ଲକ୍ଷ



■ ରାଉରକେଲା,୭।୯(ସମିସ): ସୁନ୍ଦରଗଡ଼ ଜିଲ୍ଲା କିରେଇ ସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ସୋମବାର ଦିନ ଦ୍ୱିପ୍ରହରେ ହୋଇଛି ସଶସ୍ତ୍ର ଡକାୟତି। ବନ୍ଧୁକ ମୁନରେ ବ୍ୟାଙ୍କ କର୍ମଚାରୀଙ୍କୁ ଭୟଭୀତ କରି ଦୁର୍ବୃତ୍ତ ପ୍ରାୟ ୨ ଲକ୍ଷ ୩୭ ହଜାର ଟଙ୍କା ଲୁଟି ନେଇଛନ୍ତି।

ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ସାଢେ ୩ଟାରେ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ ପିସ୍ତଲ ଧରି ବ୍ୟାଙ୍କ ଭିତରକୁ ପଶିଥିଲେ। ଉପସ୍ଥିତ ଗ୍ରାହକ ଏବଂ ବ୍ୟାଙ୍କ କର୍ମଚାରୀଙ୍କୁ ପିସ୍ତଲ ଦେଖାଇ ଧମକ ଦେବା ସହ କ୍ୟାସ୍ କାଉଣ୍ଟରରେ ବସିଥିବା ମହିଳା କର୍ମଚାରୀଙ୍କୁ ବନ୍ଧୁକ ମୁନରେ ଧମକ ଦେଇ ତାଙ୍କ ନିକଟରୁ ନଗଦ ପ୍ରାୟ ୨ ଲକ୍ଷ ୩୭ ହଜାର ଟଙ୍କା ଲୁଟି ନେଇଥିଲେ। ଏହାପରେ ବ୍ୟାଙ୍କ କର୍ମଚାରୀ ଏବଂ ▶ପୃଷ୍ଠା-୭

## ପ୍ରଧାନବିଚାରପତିଙ୍କ ପ୍ରଶ୍ନ: ମୋ ଅବସରକୁ ଅପେକ୍ଷା କରିଛ କି?

ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଆରାବଳୀ ପର୍ବତମାଳାର ସଜ୍ଞା ଓ ସୀମା ନିର୍ଦ୍ଧାରଣ ନିମିତ୍ତ ଉଚ୍ଚସ୍ତରୀୟ କମିଟି (ଏଚ୍‌ପିସି)ର ୬ ମାସ ସମୟ ସୀମା ବୃଦ୍ଧି ଆବେଦନକୁ ସୁପ୍ରିମକୋର୍ଟ ସୋମବାର ସମ୍ପୂର୍ଣ୍ଣ ରୂପେ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏଚ୍‌ପିସିକୁ ତାଗିଦ କରିଛନ୍ତି। ଏହି



କମିଟିକୁ ଆସନ୍ତା ନଭେମ୍ବର ୩୦ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନହେଲେ କମିଟିର ପୁନର୍ଗଠନ କରାଯିବ ବୋଲି କୋର୍ଟ ଚେତାବନୀ ଦେଇଛନ୍ତି। ଶୁଣାଣି ସମୟରେ, ଏଚ୍‌ପିସି ତରଫରୁ ବିଳମ୍ବ ନେଇ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତାଙ୍କ ଅବସର ଫେବୃଆରୀ ୯ରେ ରହିଥିବା ବେଳେ କମିଟି ଫେବୃଆରୀ ୨୮ରେ ରିପୋର୍ଟ ଦାଖଲ ପାଇଁ ସମୟ ମାଗିଛି। ଫଳରେ ବିଚାରପତି ସୂର୍ଯ୍ୟକାନ୍ତ ତାଙ୍କ ଅବସରକୁ କମିଟି ଅପେକ୍ଷା କରିଛି କି ବୋଲି ପ୍ରଶ୍ନ କରିଥିଲେ। ଏହାପରେ କମିଟି ତୁରନ୍ତ ରିପୋର୍ଟ ଦାଖଲ କରୁ ଏବଂ ସେଥିପାଇଁ ଦିନରାତି ଏକ କରି କାମ କରୁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ରାଜସ୍ଥାନ ଓ ଗୁଜରାଟର ଆଦିବାସୀ ସମ୍ପ୍ରଦାୟ ସମେତ ସମସ୍ତ ପକ୍ଷଙ୍କ ସହ ବିଚାରବିମର୍ଶ କରିବାକୁ କୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ଖଣି କାର୍ଯ୍ୟକୁ ନିୟନ୍ତ୍ରିତ କରିବା ପାଇଁ ପୂର୍ବରୁ ଆରାବଳୀ ପର୍ବତମାଳାରା ଉଚ୍ଚତାର ସଜ୍ଞା ନିରୂପଣର ପ୍ରୟାସ ହୋଇଥିଲା। ଉକ୍ତ ସଜ୍ଞା କାର୍ଯ୍ୟକାରୀ ହେଲେ ଆରାବଳୀର ପ୍ରାୟ ୯୦% ଅଞ୍ଚଳ ପରିବେଶ ସୁରକ୍ଷା ବଳୟରୁ ବାହାରିଯିବା ଆଶଙ୍କା ପ୍ରକାଶ ପାଇଥିଲା। ଏହା ବିରୁଦ୍ଧରେ ଦେଶରେ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ପୁନଃ ସ୍ୱତନ୍ତ୍ର ସମୀକ୍ଷା ପାଇଁ ଚଳିତ ବର୍ଷ ମେ-ଜୁନ ମାସରେ ୫ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା।

## ଫ୍ରିଜ୍‌ରୁ ମିଳିଲା ଯୁବତୀଙ୍କ ମୁଣ୍ଡ, କଟା ଆଙ୍ଗୁଠି; ସ୍ୱାମୀ ଗିରଫ

ଗୌହାଟୀ, ୭।୯(ଏଜେନ୍ସି): ଆସାମର ଗୌହାଟୀ ସ୍ଥିତ ବଶିଷ୍ଠପୁର ଅଞ୍ଚଳରେ ଜଣେ ୨୫ ବର୍ଷୀୟା ଯୁବତୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକଙ୍କ କଟା ମୁଣ୍ଡକୁ ଏକ ପଲିଥିନ୍ ବ୍ୟାଗରେ ଭର୍ତ୍ତି କରି ଫ୍ରିଜ୍ ଭିତରେ ରଖାଯାଇଥିଲା। ନିହତ ଯୁବତୀ ଜଣକ ହେଉଛନ୍ତି ରିୟା ତାଲୁକଦାର ଗୋସ୍ୱାମୀ। ପୁଲିସ ଅନୁଯାୟୀ, ରିୟା ଏବଂ ତାଙ୍କ ସ୍ୱାମୀ ରମାନୁଜନ ଗୋସ୍ୱାମୀଙ୍କର ମାତ୍ର ଛଅ ମାସ ପୂର୍ବରୁ ପ୍ରେମ ବିବାହ ହୋଇଥିଲା ଏବଂ ସେମାନେ ଏହି ଭଡ଼ା ଫ୍ଲାଟରେ ରହୁଥିଲେ। ଗତ ରବିବାର ଫ୍ଲାଟରୁ ଦୁର୍ଗନ୍ଧ ବାହାରିବାରୁ ପଡ଼ୋଶୀମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଫ୍ଲାଟରୁ ମୃତଦେହ ଉଦ୍ଧାର କରିବା ସହ ହତ୍ୟାରେ ବ୍ୟବହୃତ ହୋଇଥିବା ଅସ୍ତ୍ରଶସ୍ତ୍ର ଜବତ କରିଥିଲା।

# ଦିଲ୍ଲୀ କୋଠା ତଳେ ଏବେ ବି ଫସିଛନ୍ତି ୪୦ ଛାତ୍ର





ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଗତକାଲି ଦିଲ୍ଲୀରେ କୋଠା ଭୁଶୁଡ଼ିବା ଘଟଣାରେ ୭ ଜଣ ଛାତ୍ର ପ୍ରାଣ ହରାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଭଗ୍ନାବଶେଷ ତଳେ ଏବେ ବି ୪୦ରୁ ଅଧିକ ଛାତ୍ର ଚାପି ହୋଇ ରହିଛନ୍ତି ବୋଲି ଅନୁମାନ କରାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। କେତେକ ପିଲା ଭଗ୍ନାବଶେଷ ଭିତରୁ ଫୋନ କରି ଜୀବନ ରକ୍ଷା ପାଇଁ ଆକୁଳ ନିବେଦନ କରୁଛନ୍ତି। ଆଉ କେତେକ ପିଲା ଭିଡିଓ କଲ କରୁଥିବା ମଧ୍ୟ ଜଣାପଡ଼ିଛି। ଏନ୍‌ଡିଆରଏଫ୍, ଦିଲ୍ଲୀ ଅଗ୍ନିଶମ ବାହିନୀ, ପୁଲିସ ଓ ବିପର୍ଯ୍ୟୟ ପରିଚାଳନା ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏପର୍ଯ୍ୟନ୍ତ ୧୨ ଜଣଙ୍କୁ ଭଗ୍ନାବଶେଷରୁ ଉଦ୍ଧାର କରାଯାଇଛି। ଫସି ରହିଥିବା ପିଲାମାନଙ୍କ ସଂପର୍କୀୟମାନେ ଦିନରାତି ଘଟଣାସ୍ଥଳରେ ଜଗି ରହିଛନ୍ତି। ସେମାନେ ଅପେକ୍ଷା କରିଛନ୍ତି କେତେବେଳେ ଉଦ୍ଧାର ପାଇବେ ସେମାନଙ୍କର ପିଲା। ଖାଇବା ପିଇବା ଛାଡ଼ି ପିଲାମାନଙ୍କର ଫଟୋ ଧରି ସେମାନେ ଆକୁଳ ଚିତ୍କାର କରୁଥିବା ଘଟଣା ସେଠାରେ ହୃଦୟବିଦାରକ ଦୃଶ୍ୟ ସୃଷ୍ଟି କରିଛି। କୁକୁର ଓ ଅନ୍ୟ ସରଞ୍ଜାମ ସାହାଯ୍ୟରେ ପିଲାମାନଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ଲାଗିଛନ୍ତି ସ୍ୱତନ୍ତ୍ର ଟିମ୍।

ଇତିମଧ୍ୟରେ ଏହି ଘଟଣାକୁ ନେଇ ଦିଲ୍ଲୀ ସରକାର ୫ ଜଣ ଏମ୍‌ସିଡି (ଦିଲ୍ଲୀ ମୁନିସିପାଲ କମିସନ) ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଅଛନ୍ତି। ରବିବାର ମରାମତି କାମ

**■ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି, ୧୨ ଉଦ୍ଧାର**
**■ ୫ ଏମ୍‌ସିଡି ଅଧିକାରୀ ନିଲମ୍ବିତ**

ଚାଲିଥିବା ବେଳେ ପ୍ରାୟ ଅପରାହ୍ନ ୧ଟା ୩୦ରେ ବହୁମହଲା କୋଠାଟି ଭୁଶୁଡ଼ି ପଡ଼ିଥିଲା। କୋଠାର ତଳ ମହଲାରେ ଜମିଥିବା ପାଣି ଓ ଚାଲିଥିବା ମରାମତି କାମ ଭୁଶୁଡ଼ିବାର କାରଣ ହୋଇଥାଇପାରେ ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ଘଟଣା ପରେ ଦିଲ୍ଲୀର ପୁରୁଣା ଓ ସମାନ ଧରଣର କୋଠାଗୁଡ଼ିକର ଢାଞ୍ଚାଗତ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। କୋଠା ମାଲିକଙ୍କ ବିରୋଧରେ ମାମଲା ରୁଜୁ ସହ ମାଜିଷ୍ଟ୍ରେଟ୍ ତଦନ୍ତ ମଧ୍ୟ ଆଦେଶ ହୋଇଛି। ଦୁର୍ଘଟଣା ପରେ ଫେରାର ଥିବା ଅଟ୍ଟାଳିକାର ମାଲିକ ହରିରାମ ଗୁପ୍ତାଙ୍କୁ ରାଜସ୍ଥାନର ଭିୱାଡ଼ି ଅଞ୍ଚଳରୁ ପୁଲିସ ଅଟକ ରଖିଛି। ଏହାସହିତ ତାଙ୍କର ପତ୍ନୀ ଓ ପୁଅଙ୍କୁ ମଧ୍ୟ ପୁଲିସ ଗିରଫ କରିଥିବା ଜଣାପଡ଼ିଛି।

## ମୃତ୍ୟୁଯନ୍ତାରେ ଦିଲ୍ଲୀ ଛାତ୍ରଛାତ୍ରୀ

### ୭ ଲକ୍ଷ ପିଲା, ହଷ୍ଟେଲ ରୁମ୍ ମାତ୍ର ୮ ହଜାର

ନୂଆଦିଲ୍ଲୀ, ୭।୯(ଏଜେନ୍ସି): ହଷ୍ଟେଲ କୋଠା ଭୁଶୁଡ଼ିବା ଘଟଣା ପରେ ଦିଲ୍ଲୀରେ ପାଠପଢୁଥିବା ବାହାର ରାଜ୍ୟର ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଲାଣି। ବିଶେଷ କରି ଦିଲ୍ଲୀ ୟୁନିଭର୍ସିଟି ଅଞ୍ଚଳରେ ଏହି ଅଘଟଣ ଘଟିଥିବାରୁ ବିଶ୍ୱବିଦ୍ୟାଳୟର ଉତ୍ତରଦାୟିତ୍ୱ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଏହି ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ପ୍ରାୟ ୭ ଲକ୍ଷ ପିଲା ପାଠ ପଢୁଥିବା ବେଳେ ୟୁନଭର୍ସିଟିରେ ରହିଛି ମାତ୍ର ୮ ହଜାର ହଷ୍ଟେଲ ରୁମ୍। ଅବଶିଷ୍ଟ ପିଲା ରହିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ନଥିବାରୁ ସେମାନେ ଅସୁରକ୍ଷିତ ଘରୋଇ ପିଜି ହଷ୍ଟେଲରେ ରହିବାକୁ ବାଧ୍ୟ ହେଉଛନ୍ତି। ଏହାକୁ ନେଇ ଦିଲ୍ଲୀ ହାଇକୋର୍ଟ ଉଦବେଗ ପ୍ରକାଶ କରିବା ସହିତ ସମସ୍ତ ଘରୋଇ ହଷ୍ଟେଲ କୋଠାର ଗୋଟିଏ ସପ୍ତାହ ଭିତରେ ଅଡିଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏଭଳି ଦୁର୍ଦ୍ଦଶା ପାଇଁ ଦିଲ୍ଲୀ ମୁନିସିପାଲ କର୍ପୋରେସନ (ଏମ୍‌ସିଡି) ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ମଧ୍ୟ ସମାନ ପରିମାଣର ଦାୟୀ। ବାହାରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ ରହିବା ବ୍ୟବସ୍ଥା କରିବାରେ ସେମାନେ ବିଫଳ ହୋଇଛନ୍ତି। ଯାହାଫଳରେ ପିଲାମାନେ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ହଷ୍ଟେଲରେ ରହିବାକୁ

**ହାଇକୋର୍ଟ କ୍ଷୁବ୍ଧ**

ବାଧ୍ୟ ହେଉଛନ୍ତି। ବାହାର ରାଜ୍ୟରୁ ଦିଲ୍ଲୀକୁ ପାଠପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହଷ୍ଟେଲ ଓ ରହିବା ବ୍ୟବସ୍ଥାର ଅବସ୍ଥା ଅତ୍ୟନ୍ତ ଦୟନୀୟ। କୋଠା ଭୁଶୁଡ଼ିବା ଭଳି ଦୁର୍ଘଟଣା ଯେପରି ଆଗକୁ ନ ଘଟେ, ସେଥିପାଇଁ ଛାତ୍ରାବାସ ଓ ପିଜି ବ୍ୟବସ୍ଥାର ସୁରକ୍ଷା ମାନଦଣ୍ଡ ଯାଞ୍ଚ ଏବଂ ଦାୟିତ୍ୱ ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ।।ଦେଇଛନ୍ତି। ପ୍ରତିଦୁଇ ବର୍ଷରେ ରାଜଧାନୀରେ ଏଭଳି ଦୁର୍ଘଟଣା ଘଟୁଛି। ଏହାକୁ ରୋକିବା ଲାଗି ଦିଲ୍ଲୀ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି।



## ପ୍ରଶ୍ନ କଲେ ଉତ୍ତର ମିଳୁଛି ଦିମାଗୀ ନକ୍ସଲ: ରାହୁଲ




ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଦିଲ୍ଲୀରେ ଘରୋଇ ହଷ୍ଟେଲ କୋଠା ଭୁଶୁଡ଼ିବା ଘଟଣା ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଗତକାଲିର ଘଟଣା କିଛି ନୂଆ ନୁହେଁ। ଏହାପୂର୍ବରୁ ମଧ୍ୟ ଏଭଳି ଦୁର୍ଘଟଣା ଘଟିଛି। ଏହାକୁ ରୋକିବା ଲାଗି ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ଦୁର୍ଘଟଣା ପରେ ସରକାର ସକ୍ରିୟ ହୋଇପଡୁଛନ୍ତି। ଏଭଳି ଘଟଣା ପାଇଁ ଯେଉଁମାନେ ପ୍ରକୃତରେ ଦୋଷୀ ସେମାନଙ୍କୁ ସରକାର ସୁରକ୍ଷା ଦେଉଛନ୍ତି। ତଳିଆ କର୍ମଚାରୀଙ୍କ ମୁଣ୍ଡ ଉପରେ ଦୋଷ ଦେଇ ସରକାର ଖସିଯିବାକୁ ଚେଷ୍ଟା କରୁଛନ୍ତି। କେବଳ ଏତିକି ନୁହେଁ, ଏସଂପର୍କରେ କେହି ପ୍ରଶ୍ନ ପଚାରିଲେ ସରକାରୀ ନେତା ସେମାନଙ୍କୁ ଦିମାଗୀ ନକ୍ସଲ କହୁଛନ୍ତି। ସରକାରଙ୍କୁ ପ୍ରଶ୍ନ କରୁଥିବା ଲୋକମାନଙ୍କୁ ନିରବ କରିବା ଲାଗି ସରକାର ଏଭଳି ଚାଲ ଖେଳୁଛନ୍ତି। ସରକାରଙ୍କର ଏକି ପ୍ରକାର ମାନସିକତା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଛୋଟ ପିଲାମାନଙ୍କ ଜୀବନକୁ ନଷ୍ଟ କରାଯାଉଛି। ସେମାନଙ୍କର ସ୍ୱପ୍ନ ଓ ଭବିଷ୍ୟତକୁ ଧ୍ୱଂସ କରାଯାଉଛି। ଏଥିପାଇଁ କାହାରିକୁ ଅନୁମତି ଦିଆଯିବା ଉଚିତ ନୁହେଁ। ଏସଂପର୍କରେ ସରକାରଙ୍କୁ ପ୍ରଶ୍ନ କରାଯିବ ଏବଂ ସରକାରଙ୍କୁ ଏହାର ଉତ୍ତର ଦେବାକୁ ପଡ଼ିବ ବୋଲି ରାହୁଲ କହିଛନ୍ତି।


## ୩୬ ହଜାର ଫୁଟ୍ ଉଚ୍ଚରେ ବିମାନରୁ ତେଲ ଲିକ୍

### କୋଚି ଫେରିଲା ଏୟାର ଇଣ୍ଡିଆ ଏକ୍ସପ୍ରେସ୍

କୋଚି, ୭।୯(ଏଜେନ୍ସି): ଆବୁଧାବି ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବୋଇଂ-୭୩୭ ବିମାନରେ ଉଡ଼ାଣ ସମୟରେ ଇଞ୍ଜିନ୍ ତେଲର ପରିମାଣ ଦ୍ରୁତ ହ୍ରାସ ପାଇବାରୁ ଏହାକୁ ମଝି ଆକାଶରୁ କୋଚି ଫେରାଇ ଅଣାଯାଇଛି। ଉଡ଼ାଣର ପ୍ରାୟ ୫୦ ମିନିଟ୍ ପରେ ୩୬ ହଜାର ଫୁଟ୍ ଉଚ୍ଚତାରେ ପାଇଲଟ୍‌ମାନେ ଇଞ୍ଜିନ୍-୧ର ତେଲ ପରିମାଣ ଦ୍ରୁତ ହ୍ରାସ ପାଉଥିବା ଲକ୍ଷ୍ୟ କରିଥିଲେ। ସୁରକ୍ଷା ପ୍ରକ୍ରିୟା ଅନୁସରଣ କରି ପାଇଲଟ୍‌ମାନେ ଆବୁଧାବି ଯାତ୍ରା ବାତିଲ କରି କୋଚି ବିମାନବନ୍ଦରକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଇଞ୍ଜିନ୍‌ର ତେଲ ଚାପ ବିପଜ୍ଜନକ ସୀମାକୁ ପହଞ୍ଚିବାରୁ ଇଞ୍ଜିନ୍-୧କୁ ବନ୍ଦ କରାଯାଇଥିଲା। ଘଟଣା ସମୟରେ ବିମାନଟି ପ୍ରାୟ



୩୬ ହଜାର ଫୁଟ୍ ଉଚ୍ଚତାରେ ଉଡୁଥିଲା। ତେଲ ପରିମାଣ କ୍ରମାଗତ ଭାବେ କମିବାରୁ ପାଇଲଟ୍‌ମାନେ ପରିସ୍ଥିତିର ମୂଲ୍ୟାୟନ କରି ତୁରନ୍ତ ଫେରିବା ନିଷ୍ପତ୍ତି ନେଇଥିଲେ। କମାଣ୍ଡର ମୁମ୍ବାଇ ରେଡିଓ ମାଧ୍ୟମରେ ବିମାନ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କୁ ଜଣାଇ କୋଚି ଦିଗକୁ ବିମାନ ଫେରାଇଥିଲେ। ପ୍ରାୟ ୪୫ ମିନିଟ୍ ପରେ ଇଞ୍ଜିନ୍-୧ର ତେଲ ଚାପରେ ଅସ୍ଥିରତା ଦେଖାଦେଇଥିଲା ଏବଂ ଏହା ବିପଦ ସଙ୍କେତ ଦେଉଥିବା ସୀମାକୁ ପହଞ୍ଚିଥିଲା। ଏହାପରେ ପାଇଲଟ୍‌ମାନେ ନିର୍ଦ୍ଧାରିତ ଜରୁରୀ ପ୍ରକ୍ରିୟା ଅନୁସରଣ କରି ଇଞ୍ଜିନ୍-୧କୁ ବନ୍ଦ କରିଦେଇଥିଲେ। ଇଞ୍ଜିନ୍ ବନ୍ଦ ହୋଇଯିବା ପରେ ମଧ୍ୟ ପାଇଲଟ୍‌ମାନେ ବିମାନକୁ ସୁରକ୍ଷିତ ଭାବେ କୋଚି ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରାଇଥିଲେ। ବିମାନଟି ଅଧିକ ଓଜନରେ ଥିବା ସତ୍ତ୍ୱେ ଗୋଟିଏ ଇଞ୍ଜିନ୍‌ର ସହାୟତାରେ ଅବତରଣ ସଫଳ ହୋଇଥିଲା। ବିମାନରେ ଥିବା ଯାତ୍ରୀମାନେ କକ୍‌ପିଟ୍‌ରେ ସୃଷ୍ଟି ହୋଇଥିବା ପରିସ୍ଥିତିର ଗୁରୁତ୍ୱ ସମ୍ପର୍କରେ ଅବଗତ ନଥିବା ଜଣାପଡ଼ିଛି। ଭାରତୀୟ ବିମାନ ସେବା କ୍ଷେତ୍ରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନ ଫେରାଇ ଅଣାଯିବା ଘଟଣା ବଢୁଥିବା ସମୟରେ ଏହି ଘଟଣା ସାମ୍ନାକୁ ଆସିଛି। ଏହା ବିମାନ ସୁରକ୍ଷା ଯାଞ୍ଚ ଓ ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠାଇଛି।



## ପୁଣି ଭାଙ୍ଗିବ ଉଦ୍ଧବ ସେନା!

ମୁମ୍ବଇ, ୭।୯(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ପୁଣିଥରେ ଶିବସେନାରେ ବିଭାଜନ ନେଇ ଚର୍ଚ୍ଚା ଜୋର ଧରିଛି। ସିନ୍ଦେ ଗୋଷ୍ଠୀର ବିଧାୟକ ମୁର୍ଜି ପଟେଲ ଦାବି କରିଛନ୍ତି ଯେ, ଉଦ୍ଧବ ଠାକରେ ଗୋଷ୍ଠୀର ପ୍ରାୟ ୧୪ ଜଣ ବିଧାୟକ ଏକନାଥ ସିନ୍ଦେଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏହାକୁ ନେଇ 'ଅପରେସନ୍ ଟାଇଗର-୪' ଆରମ୍ଭ ହେବା ନେଇ ସେ ଦାବି କରିଛନ୍ତି। ଠାକରେ ଗୋଷ୍ଠୀରେ ବର୍ତ୍ତମାନ ୨୦ ଜଣ ବିଧାୟକ ଅଛନ୍ତି। ତେବେ ୧୪ ବିଧାୟକ ସିନ୍ଦେଙ୍କ ସହ ମିଶିବା ନେଇ ହୋଇଥିବା ଦାବିର କୌଣସି ଆନୁଷ୍ଠାନିକ ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ। କିଛି ବିଧାୟକ ଗୋପନ ସ୍ଥାନରେ ସିନ୍ଦେଙ୍କୁ ଭେଟିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଏହା ପୂର୍ବରୁ ଉଦ୍ଧବ ଠାକରେ ଗୋଷ୍ଠୀର ୯ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେଇଥିଲେ। ଫଳରେ ସିନ୍ଦେ ଗୋଷ୍ଠୀର ଲୋକସଭା ସାଂସଦ ସଂଖ୍ୟା ୭ରୁ ବଢ଼ି ୧୩ ହୋଇଛି। ଏବେ ବିଧାୟକମାନଙ୍କ ମଧ୍ୟରେ ମଧ୍ୟ ଦଳବଦଳ ହେବା ନେଇ ଆଶଙ୍କା ବଢ଼ିଛି। ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୨୮୮ ଆସନରୁ ମହାଯୁତି ୨୩୫ଟି ଆସନ ଜିତିଥିଲା। ଅନ୍ୟପକ୍ଷରେ ମହାବିକାଶ ଅଘାଡ଼ି ୫୦ଟି ଆସନ ପାଇଥିଲା। ଉଦ୍ଧବ ଠାକରେଙ୍କ ଶିବସେନା ୨୦ଟି ଆସନରେ ସୀମିତ ରହିଥିଲା। ଶିବସେନାରେ ଦଳୀୟ ବିଭାଜନର ଇତିହାସ ମଧ୍ୟ ପୁରୁଣା। ୧୯୯୧ରେ ବାଲାସାହେବ ଠାକରେଙ୍କ ନେତୃତ୍ୱ ସମୟରେ ଛଗନ ଭୁଜବଳ ୧୪ ଜଣ ବିଧାୟକଙ୍କ ସହ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ।

**'ସିନ୍ଦେଙ୍କ ସହ ହାତ ମିଳାଇବେ ୧୪ ବିଧାୟକ'**


## ଆକାଶରେ ଡ୍ରୋନ୍ ଦେଖାଯିବାରୁ ଅମୃତସର ବିମାନବନ୍ଦର ବନ୍ଦ

ଅମୃତସର, ୭।୯(ଏଜେନ୍ସି): ବିମାନବନ୍ଦର ଉପରେ ଡ୍ରୋନ ଉଡୁଥିବା ଦେଖାଯିବା ପରେ ପଞ୍ଜାବର ଅମୃତସର ବିମାନବନ୍ଦରରେ ରବିବାର ରାତିରେ ଏକ ଘଣ୍ଟାରୁ ଅଧିକ ସମୟ ପାଇଁ ବିମାନ ଚଳାଚଳ ବନ୍ଦ ରହିଥିଲା।



ଫଳରେ ଅବତରଣ ପାଇଁ ଅପେକ୍ଷାରତ ୭ଟି ବିମାନକୁ ଦିଲ୍ଲୀ ଓ ଚଣ୍ଡୀଗଡ଼କୁ ପଠାଇ ଦିଆଯାଇଥିଲା। ସୂଚନା ଅନୁସାରେ, ରାତି ପ୍ରାୟ ୯ଟା ୫୦ ମିନିଟ୍‌ରେ ଭାରତୀୟ ବାୟୁସେନା ପକ୍ଷରୁ ବିମାନ ନିୟନ୍ତ୍ରଣ କକ୍ଷକୁ ବିମାନବନ୍ଦର ଅଞ୍ଚଳରେ ଡ୍ରୋନ୍ ଚଳାଚଳ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଡ୍ରୋନ୍ ଯୋଗୁଁ ବିମାନ ଚଳାଚଳ ପ୍ରତି କୌଣସି ବିପଦ ରହିଛି କି ନାହିଁ, ତାହା ଯାଞ୍ଚ କରିବା ପାଇଁ ନିୟମ ଅନୁସାରେ ଏକ କମିଟି ଗଠନ କରାଯାଇଥିଲା। କମିଟି ପରିସ୍ଥିତିର ସମୀକ୍ଷା କରିବା ପରେ ସାମୟିକ ଭାବେ ବିମାନ ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ସମୟରେ ଅମୃତସରରେ ଅବତରଣ କରିବାକୁ ଥିବା ୭ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଥିଲା। ସେଥିରୁ ୨ଟି ବିମାନକୁ ଚଣ୍ଡିଗଡ଼ ଏବଂ ୫ଟି ବିମାନକୁ ଦିଲ୍ଲୀ ପଠାଯାଇଥିଲା। ଦିଲ୍ଲୀ ପଠାଯାଇଥିବା ବିମାନଗୁଡ଼ିକ ମଧ୍ୟରେ ଏୟାର ଇଣ୍ଡିଆର ୨ଟି, ଇଣ୍ଡିଗୋର ୨ଟି ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଗୋଟିଏ ବିମାନ ଥିଲା। ପରେ ଡ୍ରୋନ୍ ସମ୍ପର୍କରେ ଆଉ କୌଣସି ଖବର ନମିଳିବାରୁ ରାତି ପ୍ରାୟ ୧୧ଟାରେ ପରିସ୍ଥିତିର ପୁନଃସମୀକ୍ଷା କରାଯାଇଥିଲା।

## ମସ୍କୋରେ ନୋଏଡା ଇଞ୍ଜିନିୟରଙ୍କୁ ନିର୍ଯାତନା



### ରୁଷ୍ ସେନାରେ ଯୋଗଦେବା ପାଇଁ ମୋ ସ୍ୱାମୀଙ୍କ ଉପରେ ଚାପ ପକାଯାଉଛି

ମସ୍କୋ, ୭।୯(ଏଜେନ୍ସି): ରୁଷିଆର ମସ୍କୋରେ ଜଣେ ଭାରତୀୟ ଇଞ୍ଜିନିୟରଙ୍କୁ ପୁଲିସ ଅଟକ ରଖିଥିବା ବେଳେ ତାଙ୍କୁ ରୁଷ ସେନାରେ ଯୋଗଦେଇ ୟୁକ୍ରେନ ବିରୋଧରେ ଯୁଦ୍ଧ କରିବାକୁ ଚାପ ଦିଆଯାଉଥିବା ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଘଟଣା ନେଇ ଭାରତୀୟ ଦୂତାବାସ ରୁଷ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହିଛି। ପତ୍ନୀ ସ୍ନେହା ଗୁପ୍ତା ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସେ କହିଛନ୍ତି, ତାଙ୍କ ସ୍ୱାମୀ ଚନ୍ଦନ ଗୁପ୍ତା କାନପୁରର ଇଞ୍ଜିନିୟର ଏବଂ ନୋଏଡାସ୍ଥିତ ଏକ କମ୍ପାନି ମାଧ୍ୟମରେ ମିଳିଥିବା ବିଶେଷଜ୍ଞ କର୍ମଚାରୀ ଭିସାରେ ପରିବାର ସହ ମସ୍କୋରେ ରହୁଥିଲେ। ସୂଚନା ଅନୁସାରେ, ସେପ୍ଟେମ୍ବର ୫ ରାତି ପ୍ରାୟ ୧୧ଟା ୩୦ରେ ମସ୍କୋର ରେଡ୍ ସ୍କୋୟାର ଅଞ୍ଚଳରୁ ଚନ୍ଦନ ଓ ତାଙ୍କ ବନ୍ଧୁ ଆଶିଷଙ୍କୁ ପୁଲିସ ଅଟକ କରିଥିଲା। ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରିବା ଏବଂ ନିକଟରେ ଥିବା ଏକ ଆମ୍ବୁଲାନ୍ସର କାଚ ଭାଙ୍ଗିବା ଅଭିଯୋଗରେ ସେମାନଙ୍କୁ ଅଟକ ରଖାଯାଇଥିବା ରୁଷ ପକ୍ଷରୁ ସୂଚନା ମିଳିଛି। ଦୁହେଁ ବାଉମାନ୍ସକାୟା ପୁଲିସ ଥାନାରେ ଅଟକ ଥିବା ଜଣାପଡ଼ିଛି। ଭାରତୀୟ ଦୂତାବାସ ରୁଷ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ମୁକ୍ତି ପାଇଁ ଅନୁରୋଧ କରିବା ସହ ଚନ୍ଦନଙ୍କ ସହ କୂଟନୈତିକ ଯୋଗାଯୋଗ ସୁବିଧା ଦେବାକୁ ଦାବି କରିଛି। ତେବେ ଚନ୍ଦନଙ୍କୁ ରୁଷ ସେନାରେ ଯୋଗଦେବାକୁ ଚାପ ଦିଆଯାଉଥିବା ପତ୍ନୀଙ୍କ ଅଭିଯୋଗ ନେଇ ଅଧିକାରୀମାନେ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ଦେଇନାହାନ୍ତି। ରୁଷ ସେନାରେ ଭାରତୀୟଙ୍କ ନିଯୁକ୍ତିକୁ ନେଇ ପୂର୍ବରୁ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ବିଦେଶ ମନ୍ତ୍ରଣାଳୟ ଅନୁସାରେ, ରୁଷ ସେନାରେ ଏପର୍ଯ୍ୟନ୍ତ ୨୨୭ ଜଣ ଭାରତୀୟ ନିଯୁକ୍ତ ହୋଇଥିବା ଜଣାପଡ଼ିଛି।



## ଟିଏମ୍‌ସି ସାଂସଦଙ୍କ ଘରେ ପଶିଲା ଇଡି

ନୂଆଦିଲ୍ଲୀ, ୭।୯(ଏଜେନ୍ସି): ମନି ଲଣ୍ଡରିଂ ମାମଲାରେ ଇଡି ସୋମବାର ଟିଏମସି ରାଜ୍ୟସଭା ସାଂସଦ ନଦିମୁଲ ହକଙ୍କ ବାସଭବନ ସମେତ ଦିଲ୍ଲୀ, ପଶ୍ଚିମବଙ୍ଗ ଏବଂ ଝାରଖଣ୍ଡର ମୋଟ ୭ଟି ସ୍ଥାନରେ ଚଢ଼ଉ କରିଛି। 'ଅଖବାର-ଏ-ମସରିକ୍' ନାମକ ଏକ ଉର୍ଦ୍ଦୁ ଖବରକାଗଜ ସହ ଜଡିତ ଆର୍ଥିକ ଅନିୟମିତତା ଏବଂ ମନି ଲଣ୍ଡରିଂ ଘଟଣାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୋମବାର ସକାଳୁ ଇଡିର କୋଲକାତା ଜୋନାଲ୍ ଅଫିସ୍ ପକ୍ଷରୁ କୋଲକାତା, ଦିଲ୍ଲୀ ଏବଂ ରାଞ୍ଚିରେ ଏହି ଚଢ଼ଉ କରାଯାଇଥିଲା। ସୁରକ୍ଷାକର୍ମୀ ଏବଂ ସ୍ଥାନୀୟ ପୋଲିସର ସହଯୋଗରେ 'ଅଖବାର-ଏ-ମସରିକ୍ ପ୍ରାଇଭେଟ୍ ଲିମିଟେଡ୍' ଏବଂ ଏହାର ନିର୍ଦ୍ଦେଶକ ମହମ୍ମଦ ନଦିମୁଲ ହକଙ୍କ ବିରୋଧରେ ଏହି ଅଭିଯାନ ଚାଲିଛି। ବେଆଇନ ଟଙ୍କା କାରବାର, ହିସାବ ବହିରେ ନଥିବା ନଗଦ କାରବାର ଏବଂ ସନ୍ଦିଗ୍ଧ ସୂତ୍ରରୁ ପାଣ୍ଠି ସଂଗ୍ରହ ଅଭିଯୋଗକୁ ନେଇ ମଧ୍ୟ ତଦନ୍ତ କରାଯାଉଛି।

## ଅକ୍ଟୋବର ୭ ଭଳି ଆକ୍ରମଣ ହେଲେ ପୂର୍ଣ୍ଣାଙ୍ଗ ଯୁଦ୍ଧ: ଇସ୍ରାଏଲ

ଜେରୁଜେଲେମ, ୭।୯(ଏଜେନ୍ସି): ୨୦୨୩ ଅକ୍ଟୋବର ୭ ଭଳି ଆକ୍ରମଣ ପାଲେଷ୍ଟିନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହେବାର ଆଶଙ୍କା ଦେଖାଦେଲେ ପାଲେଷ୍ଟିନୀ କର୍ତ୍ତୃପକ୍ଷ ବିରୋଧରେ 'ପୂର୍ଣ୍ଣାଙ୍ଗ ଯୁଦ୍ଧ' ଆରମ୍ଭ କରିବ ଇସ୍ରାଏଲ୍। ଇସ୍ରାଏଲର ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ୍ କାଟ୍ଜ୍ ସୋମବାର ଏହି କଠୋର ଚେତାବନୀ ଦେଇଛନ୍ତି। ଉତ୍ତର ପଶ୍ଚିମତଟରେ ଜଣେ ଇସ୍ରାଏଲୀ ବସତିବାସୀଙ୍କ ଉପରେ ଛୁରି ଆକ୍ରମଣ ଘଟଣା ପରେ କାଟ୍ଜଙ୍କ ଏହି ବୟାନ ଆସିଛି। ଇସ୍ରାଏଲୀ ସେନା ଆକ୍ରମଣକାରୀ ପାଲେଷ୍ଟିନୀଙ୍କୁ ଗୁଳି କରି ହତ୍ୟା କରିଥିବା କହିଛି। କାଟ୍ଜ୍ କହିଛନ୍ତି, ପାଲେଷ୍ଟାଇନ୍ କର୍ତ୍ତୃପକ୍ଷର ସୁରକ୍ଷା ବ୍ୟବସ୍ଥା କିମ୍ବା ସମ୍ପୃକ୍ତ ସଂସ୍ଥା ଇହୁଦୀ ବସତି ଉପରେ ଅକ୍ଟୋବର ୭ ଭଳି ଆକ୍ରମଣ କରିବାର ପ୍ରସ୍ତୁତି ନେଉଥିବା ନିଶ୍ଚିତ ହେଲେ ଇସ୍ରାଏଲୀ ସେନାକୁ ପୂର୍ଣ୍ଣାଙ୍ଗ ଯୁଦ୍ଧ ପାଇଁ ପ୍ରସ୍ତୁତ କରାଯିବ।ଏହି ସାମରିକ ଅଭିଯାନରେ ପାଲେଷ୍ଟିନୀ କର୍ତ୍ତୃପକ୍ଷର ଶୀର୍ଷ ନେତୃତ୍ୱ, ଏହାର ସୁରକ୍ଷା ବ୍ୟବସ୍ଥା ଏବଂ ଆତଙ୍କବାଦୀ ଢାଞ୍ଚାକୁ ଲକ୍ଷ୍ୟ କରାଯିବ ବୋଲି ସେ କହିଛନ୍ତି। ଆବଶ୍ୟକ ହେଲେ ଆକ୍ରମଣପ୍ରବଣ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ସେଠାରେ ଇସ୍ରାଏଲୀ ସେନାର ସ୍ଥାୟୀ ଉପସ୍ଥିତି ରହିବ ବୋଲି ମଧ୍ୟ ସେ ସୂଚାଇଛନ୍ତି। ୨୦୨୩ ଅକ୍ଟୋବର ୭ରେ ହାମାସ୍‌ର ଆକ୍ରମଣ ପରେ ଗାଜା ଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ପରଠାରୁ ଇସ୍ରାଏଲ୍ ଅଧିକୃତ ପଶ୍ଚିମତଟରେ ମଧ୍ୟ ହିଂସା ବଢ଼ିଛି। ନୂଆ ଚେତାବନୀ ଯୋଗୁଁ ଏହି ଅଞ୍ଚଳରେ ଉତ୍ତେଜନା ଆହୁରି ବଢ଼ିବା ଆଶଙ୍କା ଦେଖାଦେଇଛି।

### ସମୂହ ଛୁଟି ନେଇ ଗାନ୍ଧୀ ମାର୍ଗରେ ଯୋଗାଣ ସହାୟକ

# ୨୦ ଜିଲ୍ଲାରେ ବନ୍ଦ ହେଲା ରାସନ ସାମଗ୍ରୀ ବର୍ଣ୍ଟନ




- ଖରାରେ ହଜାର ହଜାର ଯୋଗାଣ ସହାୟକଙ୍କ ଧାରଣା
- ୭ ଦିନିଆ ମହଲତକୁ ଶୁଣିଲେନି ସରକାର

ଭୁବନେଶ୍ୱର,୭।୯(ସମିସ): ରାଜ୍ୟର ୨୦ ଜିଲ୍ଲାରେ କାର୍ଯ୍ୟରତ ଯୋଗାଣ ସହାୟକ ଗାନ୍ଧୀ ମାର୍ଗରେ ଧାରଣା ଆରମ୍ଭ କରିଛନ୍ତି। ସମୂହ ଛୁଟି ନେଇ ଯୋଗାଣ ସହାୟକମାନେ ନିଜର ନ୍ୟାଯ୍ୟ ଦାବି ପୂରଣ ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ମାର୍ଗରେ ଧାରଣାରେ ବସିଛନ୍ତି। ୭ ଦିନ ମଧ୍ୟରେ ସରକାର ସେମାନଙ୍କ ଦାବି ନ ଶୁଣିଲେ, ସେମାନେ ଗାନ୍ଧୀ ମାର୍ଗରେ ଧାରଣା ଆରମ୍ଭ କରିବେ ବୋଲି ଚେତାବନୀ ଦେଇ ଛୁଟିରେ ଚାଲି ଯାଇଥିଲେ। ମାତ୍ର ୭ ଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ ସେମାନଙ୍କ ସହ କୌଣସି ଆଲୋଚନା କରାଯିବା ନ ପରେ ଯୋଗାଣ ସହାୟକମାନେ ଏବେ ଗାନ୍ଧୀମାର୍ଗରେ ଧାରଣା ଆରମ୍ଭ କରିଛନ୍ତି। ଏହା ଫଳରେ ରାଜ୍ୟର ୨୦ଟି ଜିଲ୍ଲା ସାଧାରଣ ବର୍ଣ୍ଟନ ବ୍ୟବସ୍ଥା ବନ୍ଦ ହୋଇଯାଇଛି। ସରକାର ସେମାନଙ୍କ ଦାବି ପୂରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ରାଜ୍ୟ ଯୋଗାଣ ସହାୟକ ମହାସଂଘ ଏହି ନିଷ୍ପତ୍ତି ନେଇଛି। ଯେପର୍ଯ୍ୟନ୍ତ ରାଜ୍ୟ ସରକାର ଯୋଗାଣ ସହାୟକମାନଙ୍କ ଦାବି ପୂରଣ କରି ନ ଥିବେ ସେପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟର ପିଏମଜିରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛି ସହାୟକ ମହାସଂଘ। ଏଥିରେ ୨୦ ଜିଲ୍ଲାର ଯୋଗାଣ ସହାୟକମାନେ ଯୋଗ ଦେଇଛନ୍ତି। ଗତ ୧୪ ବର୍ଷ ଧରି ରାଜ୍ୟର ପଞ୍ଚାୟତ ସ୍ତରରେ ଯୋଗାଣ ସହାୟକମାନେ ସରକାରୀ ଜନସେବାର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଷ୍ଠାର ସହିତ ସମ୍ପାଦନ କରିଆସୁଛନ୍ତି। ଏଥିରେ ପିଡିଏସ୍ ମାଧ୍ୟମରେ ରାସନ ସାମଗ୍ରୀ ବର୍ଣ୍ଟନ, ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ, ନିର୍ବାଚନୀ କାର୍ଯ୍ୟ, କୋଭିଡ୍-୧୯ ସମୟରେ ଜନସେବା ଏବଂ ବର୍ତ୍ତମାନ ଚାଲିଥିବା ଇ-କେୱାଇସି କାର୍ଯ୍ୟ ସାମିଲ ରହିଛି। ଦୀର୍ଘ ୧୪ ବର୍ଷର ସେବା ଏବଂ ଅଭିଜ୍ଞତା ସତ୍ତ୍ୱେ ସେମାନେ ଏପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ କାର୍ଯ୍ୟରତ ଅଛନ୍ତି ଏବଂ ମାତ୍ର ୮ ହଜାର ଟଙ୍କା ମାସିକ ପାରିଶ୍ରମିକ ପାଉଛନ୍ତି। ବର୍ତ୍ତମାନର ଦ୍ରବ୍ୟମୂଲ୍ୟ ବୃଦ୍ଧି ପରିସ୍ଥିତିରେ ଏହି ପାରିଶ୍ରମିକରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇପଡ଼ିଛି ବୋଲି ମହାସଂଘ କହିଛି। ତେଣୁ ମହାସଂଘ ସଭାପତି ସଞ୍ଜୀବ ଦାଶଙ୍କ ନେତୃତ୍ୱରେ ପ୍ରାୟ ୩୫୦୦ ଯୋଗାଣ ସହାୟକ ଆସନ୍ତା ଆନ୍ଦୋଳନ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି।

ଗ୍ରାମ ରୋଜଗାର ସେବକ ବା ଜିଆର୍ଏସ୍ ମାନଙ୍କୁ ପୂର୍ବରୁ ସ୍ଥାୟୀକରଣ କରି ଏଡିଇଓ ପଦବୀ ପ୍ରଦାନ କରାଯାଇଥିବା ବେଳେ, ଯୋଗାଣ ସହାୟକମାନଙ୍କ ପ୍ରତି ମଧ୍ୟ ସମାନ ନ୍ୟାୟ ଦିଆଯିବା ଆବଶ୍ୟକ ରହିଛି। ଏହା ପୂର୍ବରୁ ଜୁଲାଇ ୧୭ ରେ ଯୋଗାଣ ସହାୟକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଗାନ୍ଧୀମାର୍ଗରେ ୧୧ ଦିନ ରହିବା ପରେ ସରକାର ସେମାନଙ୍କ ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ଏଥିପାଇଁ ଗୋଟିଏ ମାସ ସମୟ ନେଇଥିଲେ। ହେଲେ ଏହି ସମୟ ବିତିଯାଇଥିଲେ ମଧ୍ୟ ଦାବି ପୂରଣ ଦିଗରେ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ସେଥିପାଇଁ ମହାସଂଘ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇଛି।

**● ଆଇଏଏସ ସ୍ତରରେ ଅଦଳବଦଳ**

## ସୁରେଶ ବଶିଷ୍ଠ ହେଲେ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ

**ଓଏମ୍‌ସି ଏମଡି ଭାବରେ ଦାୟିତ୍ୱ ସମ୍ଭାଳିବେ ସୁଧାଂଶୁ**

ଭୁବନେଶ୍ୱର,୭।୯(ସମିସ): ରାଜ୍ୟ ସରକାର ଆଇଏଏସ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏନେଇ ସୋମବାର ସଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ୧୯୯୮ ମସିହା ବ୍ୟାଚର ବରିଷ୍ଠ ଆଇଏଏସ ସୁରେଶ କୁମାର ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ମିଳିଛି। ଏହାସହ ତାଙ୍କୁ ସଂସଦୀୟ ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୧୦ ବ୍ୟାଚର ଆଇଏଏସ ସୁଧାଂଶୁ ମୋହନ ସାମଲଙ୍କୁ ଓଡ଼ିଶା ଖଣି ନିଗମ(ଓଏମସି)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହ ତାଙ୍କୁ କଟକସ୍ଥିତ ରାଜସ୍ୱ ମଣ୍ଡଳ ଆୟୁକ୍ତ(କେନ୍ଦ୍ରାଞ୍ଚଳ)ର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସମାନ ବ୍ୟାଚର ଆଇଏଏସ ଡା. ବୃନ୍ଦା ଡି.ଙ୍କୁ ସାମାଜିକ ସୁରକ୍ଷା ଓ ବିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଭାବରେ ଅବସ୍ଥାପିତ କରାଯାଇଛି।

## ହୀରାକୁଦ ଜଳସ୍ତର ୬୨୮.୩୧ ଫୁଟ୍

ସମ୍ବଲପୁର, ୭।୯ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା ହ୍ରାସ ପାଇବା ସହ ପ୍ରବେଶ ଜଳ ପରିମାଣ କମିଛି। ବର୍ତ୍ତମାନ ନଦୀବନ୍ଧର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର ଜଳସ୍ତର ୬୨୮ ଫୁଟ୍‌ରୁ ଅଧିକ ହେଲାଣି। ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୩୧ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ ଏବଂ ଡାହାଣ ପାଶ୍ୱର୍ର ଗୋଟିଏ ଲେଖାଏଁ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୭,୫୧୧ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୨,୧୦୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି।

**■ ସ୍କୁଲ ଯାଉଥିବା ବେଳେ ଶିକ୍ଷକଙ୍କୁ ପିଟିଲା କାର୍**

## ବାପ, ପୁଅ ମୃତ; ଝିଅ ଓ ଅନ୍ୟ ଜଣେ ଛାତ୍ର ଗୁରୁତର

ପାଣିକୋଇଲି,୭।୯(ସମିସ): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ଠାରେ ଏକ ସଡ଼କ ଦୁର୍ଘଟଣାରେ ବାପ ପୁଅଙ୍କର ମୃତ୍ୟୁ ହୋଇଥିବା ବେଳେ ଝିଅ ଛିଟିକି ପଡି ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଅନ୍ୟ ଏକ ଛାତ୍ର ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଶିକ୍ଷକତା କରୁଥିବା କରଦା ଗ୍ରାମର ଅଶୋକ କୁମାର ସାହୁ ଆଜି ସକାଳ ୧୦ଟା ବେଳେ ତାଙ୍କ ବାଇକ ଯୋଗେ ମୂଳାପାଳ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ମନ୍ଦିରକୁ ତାଙ୍କ ପୁଅ ଆଦିଶ ସାହୁ (୫ମ ଶ୍ରେଣୀ) ଓ ଝିଅ ଅଦ୍ୟାଶା ସାହୁଙ୍କୁ ନେଇ ଯାଉଥିବା ବେଳେ ବ୍ରଜନଗର ଠାରେ ଭଦ୍ରକ ପଟୁ ଆସୁଥିବା ଏକ କାର (୨୩ବିଏଚ ୦୧୫୧ଜେ) ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଅଦ୍ୟାଶା ଝିଟିକି ପଡ଼ି ଆହତ ହୋଇଥିବା ବେଳେ ଅଶୋକ ଓ ଆଦିଶ ଗୁରୁତର ଆହତ ହୋଇଥିଲେ। ସେହି ସମୟରେ ବିଦ୍ୟାଳୟକୁ ଯାଉଥିବା ଭକଣ୍ଡରୀ ଗ୍ରାମର ଗୌରାଙ୍ଗ ଓଝାଙ୍କ ପୁଅ ସାହିଲ ଓଝା (ଅଷ୍ଟମ ଶ୍ରେଣୀ) ମଧ୍ୟ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଗୁରୁତର ଅବସ୍ଥାରେ ୪ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକତ୍ସିତ ଅବସ୍ଥାରେ ଅଶୋକ ଓ ଆଦିଶର ମୃତ୍ୟୁ ଘଟିଥିବା ବେଳେ ଝିଅ ଅଦ୍ୟାଶା ସୁସ୍ଥ ରହିଛି। ଅପରପକ୍ଷେ ସାହିଲକୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି। ଏନେଇ ଅଶୋକର ବାପା କାର୍ତ୍ତିକ ଚନ୍ଦ୍ର ସାହୁ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ୩୨୨/୨୬ ରୁଜୁ କରାଯିବା ସହ ତଦନ୍ତ ଜାରି ରଖିଛି। ଅଶୋକଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ବିଜେପିର ଜନବିରୋଧୀ ନୀତି ପାଇଁ ଓଡ଼ିଶା ଉପେକ୍ଷିତ: ବିଜେଡି



- ଡବଲ ଇଞ୍ଜିନ ସରକାର ପାଇଁ ଓଡ଼ିଶାର ବର୍ତ୍ତମାନ ଓ ଭବିଷ୍ୟତ ନଷ୍ଟ ହେଉଛି
- ଏମ୍ଏମଡିଆର ଆଇନ ବଳରେ ରାଜ୍ୟର ହକ୍ ଛଡ଼ାଇ ନେଇଛନ୍ତି କେନ୍ଦ୍ର ସରକାର

ଭୁବନେଶ୍ୱର,୭।୯(ସମିସ): ବିଜେପି ସରକାରଙ୍କ ଜନବିରୋଧୀ ନୀତି ଯୋଗୁଁ ଓଡ଼ିଶା ଉପେକ୍ଷିତ ହେବାରେ ଲାଗିଛି। ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ହେଉନଥିବା ବେଳେ ଋଣ ଭାର ବୃଦ୍ଧି ପାଉଛି। ଏମଏମଡିଆର ଆଇନ ବଳରେ ରାଜ୍ୟର ହକକୁ କେନ୍ଦ୍ର ସରକାର ଛଡ଼ାଇ ନେଉଥିବାରୁ କଡ଼ା ନିନ୍ଦା କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଛନ୍ତି। ଡବଲ ଇଞ୍ଜିନ ସରକାର ପାଇଁ ଓଡ଼ିଶାର ବର୍ତ୍ତମାନ ଓ ଭବିଷ୍ୟତ ନଷ୍ଟ ହେଉଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ବିଜେଡି ଦେଶର ବୃହତ୍ତମ ଆଞ୍ଚଳିକ ଦଳ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସଦାସର୍ବଦା ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ କରିଆସିଛି। ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଓଡ଼ିଶାରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା ଓ ପୂର୍ବର ଦାରିଦ୍ର୍ୟତା ରାଜ୍ୟ ଓଡ଼ିଶାର ରୂପରେଖକୁ ପରିବର୍ତ୍ତନ କରିଥିଲେ। ତାଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ଜରିଆରେ ଚାଷୀ କୂଳ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଜନସାଧାରଣ ମାନଙ୍କ ଉପାର୍ଜନକୁ ଦୁଇ ଗୁଣ କରିଥିଲା। ଅର୍ଥନୈତିକ ବିନିଯୋଗରେ ଓଡ଼ିଶା ଏକ ନମ୍ବର ରାଜ୍ୟ ହୋଇ ନୀତି ଆୟୋଗ ଦ୍ୱାରା ପ୍ରଶଂସିତ ହୋଇଥିଲା। ପୂର୍ବରୁ ରାଜ୍ୟର ବଜେଟ୍ ପରିମାଣ ୧୧,୦୦୦ ହଜାର କୋଟି ଟଙ୍କା ଥିବାବେଳେ ବିଜେଡି ଶାସନ ସମୟରେ ତାହା ବୃଦ୍ଧି ପାଇ ୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ନବନୀଙ୍କ ଦୂରଦର୍ଶୀ ନୀତି ପାଇଁ ରାଜ୍ୟର ଋଣ ଭାର କମିବା ସହ ମୁଣ୍ଡ ପିଛା ଆୟ ବୃଦ୍ଧି ପାଇଥିଲା। ମାତ୍ର ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ କେନ୍ଦ୍ରୀୟ ଅନୁଦାନ କମିବାରେ ଲାଗିଛି। ଓଡିଶାର ସ୍ୱାର୍ଥ କେନ୍ଦ୍ରିକ ବିଭିନ୍ନ ଯୋଜନା ଅଟକି ରହିଛି। ଯାହା ଦ୍ୱାରା ଓଡ଼ିଶାର ବିଭିନ୍ନ ବର୍ଗର ଲୋକେ ବାରମ୍ବାର ଉପେକ୍ଷିତ ହେଉଛନ୍ତି । ଡବଲ ଇଞ୍ଜିନ ସରକାର ପାଇଁ ଓଡ଼ିଶାର ବର୍ତ୍ତମାନ ଓ ଭବିଷ୍ୟତ ନଷ୍ଟ ହେଉଛି। ରାଜ୍ୟର ସ୍ୱାର୍ଥ ହାସଲ ପାଇଁ ବିଜେପି ଦଳଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁ। ବିଜେପି ଦଳୀୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ରାଜ୍ୟର ଅର୍ଥନୀତିକୁ ନଷ୍ଟ କରୁଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ସୁଲତା ଦେଓ କହିଥିଲେ ଯେ ଡବଲ ଇଞ୍ଜିନ ସରକାରରେ ରାଜ୍ୟର ସ୍ୱାର୍ଥ ପୂରଣ ହେଉନାହିଁ। କିଛି ଦିନ ପୂର୍ବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ନିଜ ବକ୍ତବ୍ୟ ଜରିଆରେ କେନ୍ଦ୍ର ସରକାର ଓଡ଼ିଶାକୁ ଅଣଦେଖା କରୁଥିବା କହିଥିଲେ। ଉକ୍ତ ବକ୍ତବ୍ୟ ହିଁ ବିଜେପି ସରକାରରେ ରାଜ୍ୟର ସ୍ୱାର୍ଥ କିପରି ପୂରଣ ହେଉଛି ବୋଲି ସ୍ପଷ୍ଟ ହୋଇଛି। ରାଜ୍ୟ ଖଣିଜ ସମ୍ପଦର ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ବକେୟା ରାଜସ୍ୱ ଆଦାୟ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏମଏମଡିଆର ଆଇନ ଜରିଆରେ ଉକ୍ତ ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି। ଡବଲ ଇଞ୍ଜିନ ସରକାର ଓଡ଼ିଶାର ହକକୁ ଛଡ଼ାଇ ନେଇ ଓଡ଼ିଶାର ମେରୁଦଣ୍ଡକୁ ଭାଙ୍ଗିବାକୁ ବସିଛନ୍ତି। ଓଡ଼ିଶାର ଖଣିଜ ସମ୍ପଦର ରାଜସ୍ୱ ରାଜ୍ୟ ପାଇଁ ଅନେକ ଗୁରୁତ୍ୱ ବହନ କରିଥାଏ। କେନ୍ଦ୍ର ସରକାରଙ୍କ ଅଧିନକୁ ଖଣିଜ ସମ୍ପଦ ଯିବା ପରେ ଆମକୁ ବଜେଟ ଆଗତ କରିବା ପାଇଁ ଅଧିକ ଋଣ ଆବଶ୍ୟକ ହେବ, ଯାହାଫଳରେ ରାଜ୍ୟର ଋଣ ଭାର ବୃଦ୍ଧି ପାଇବ। ଚକ୍ରାନ୍ତ କରି ରାଜ୍ୟର ହକକୁ କେନ୍ଦ୍ର ସରକାର ଛଡାଇ ନେଉଥିବା ବେଳେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଚୁପ୍ ରହିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ।

## ବଜ୍ରପାତରେ ଚାଷୀ ମୃତ, ଝିଆରୀ ଗୁରୁତର

ବାରିପଦା, ୭।୯(ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ନାଫ୍ରି ପଞ୍ଚାୟତ ଆନ୍ଦୋଳା ଗ୍ରାମ ନିକଟରେ ସୋମବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ବୃଦ୍ଧ ଚାଷୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ତାଙ୍କ ଝିଆରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ଆନ୍ଦୋଳା ଗ୍ରାମର ସୁରେନ୍ଦ୍ର ପାତ୍ର (୬୫) ଓ ଗୁରୁତର ଆହତ ଝିଆରୀ ପଦ୍ମାବତୀ ପାତ୍ର (୫୫) ବୋଲି ଚିହ୍ନଟ ହୋଇଛନ୍ତି।

ସୂଚନା ମୁତାବକ, ଉଭୟ ସୁରେନ୍ଦ୍ର ଓ ତାଙ୍କ ଝିଆରୀ ପଦ୍ମାବତୀ ଗାଁ ନିକଟସ୍ଥ ଧାନ ବିଲରେ ଘାସ ବାଛିବା କାମରେ ନିୟୋଜିତ ଥିଲେ। ଅପରାହ୍ନ ପ୍ରାୟ ୩ଟାବେଳେ ହଠାତ୍ ପାଗ ବଦଳିବା ସହ ପ୍ରବଳ ବଜ୍ରପାତ ଘଟିଥିଲା। ବଜ୍ରାଘାତର ମାତ୍ରା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ସୁରେନ୍ଦ୍ରଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ନିକଟରେ ଥିବା ପଦ୍ମାବତୀ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇବା ସହ ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ବାଙ୍ଗିରିପୋଷି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

### ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି

## ମତଦାନ କେନ୍ଦ୍ରଗୁଡ଼ିକର ଯାଞ୍ଚ ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୭।୯(ସମିସ): ଆସନ୍ତା ଏପ୍ରିଲ ମାସ ଆରମ୍ଭରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏପ୍ରିଲ ଶେଷ କିମ୍ବା ମେ ମାସ ପ୍ରଥମରେ ପୌର ନିର୍ବାଚନ ହେବ। ଏଥିପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଏହିକ୍ରମରେ ନିର୍ବାଚନରେ ଅନୁଷ୍ଠିତ ହେବାକୁ ଥିବା ମତଦାନ କେନ୍ଦ୍ରଗୁଡ଼ିକର ସ୍ଥିତି ଠିକ୍ ଅଛି ନାହିଁ ନାହିଁ ତାହାର ପ୍ରତ୍ୟେକ୍ଷ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ। ଉଭୟ ବ୍ଲକ ଏବଂ ପୌରସ୍ତରୀୟ ଅଧିକାରୀଙ୍କୁ ଏନେଇ ନିର୍ଦ୍ଦେଶ ଦିଆଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି।

ଶ୍ରୀ ପାଢ଼ୀଙ୍କ ସୂଚନା ଅନୁଯାୟୀ ଏହି ଯାଞ୍ଚ ସମୟରେ ଅଧିକାରୀମାନେ ନିଜର ରିପୋର୍ଟ ନିୟମିତ ଭାବରେ ନିର୍ଦ୍ଧାରିତ ୱେବସାଇଟରେ ଦାଖଲ କରିବେ। ଯେଉଁ ବୁଥଗୁଡ଼ିକର ସମସ୍ୟା ଥିବ, ସେଗୁଡ଼ିକର ସୁଧାର କରାଯିବ। ଆସନ୍ତା ମାର୍ଚ୍ଚ ୫ ତାରିଖ ପରେ ପଞ୍ଚାୟତ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ମୋଟ ୫ଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରାୟ ୯୧ ହଜାର ବୁଥରେ ମତଦାତା ମତଦାନ କରିବେ। ଏଥିପାଇଁ ଆବଶ୍ୟକୀୟ ବାଲାଟ ବାକ୍ସ ମଧ୍ୟ ଅର୍ଡର ଦିଆସରିଛି। ପଞ୍ଚାୟତ ନିର୍ବାଚନ ସରିବାର ୧୫ ଦିନରୁ ୧ ମାସ ମଧ୍ୟରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ୬ ହଜାର ଇଭିଏମ ଆବଶ୍ୟକ ରହିଥିବା ବେଳେ ଏହା ଆସନ୍ତା ନଭେମ୍ବର ମାସ ସୁଦ୍ଧା ହସ୍ତଗତ ହେବ। ନିର୍ବାଚନକୁ ସ୍ୱଚ୍ଛ ଏବଂ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ କସରତ୍ ପୂର୍ବରୁ ଆରମ୍ଭ ହୋଇସାରିଛି। ଭୋଟର ତାଲିକାରେ ଥିବା ତ୍ରୁଟି ଗୁଡିକୁ ଦୂର କରିବା ଲକ୍ଷ୍ୟରେ ରାଜ୍ୟରେ ଏକ ବିଶେଷ ପାଇଲଟ୍ ସର୍ଭେ ଅଭିଯାନ ଗତ ୩ ତାରିଖରେ ଭୁବନେଶ୍ୱର ମହାନଗର ନିଗମରେ (ବିଏମସି) ଅଞ୍ଚଳରେ ଅନୁଷ୍ଠିତ ହୋଇଛି। ସେହିପରି ଆସନ୍ତା ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଘରକୁ ଘର ସର୍ଭେ କରାଯାଇ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚନ କ୍ଷେତ୍ର ଗୁଡିକର ଭୋଟର ତାଲିକାକୁ ନିର୍ଭୁଲ ଓ ବ୍ୟବସ୍ଥିତ କରାଯିବ।

## ଶିକାରୀ ବନ୍ଧୁକରେ ସ୍ତ୍ରୀକୁ ହତ୍ୟା

ରେଢ଼ାଖୋଲ,୭।୯(ସମିସ): ଶିକାରୀ ବନ୍ଧୁକରେ ଦଣେ ବ୍ୟକ୍ତି ଆଜି ତାଙ୍କ ପତ୍ନୀଙ୍କୁ ଗୁଳିକରି ହତ୍ୟା କରିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନ ଘୋଷରାମାଳ ପଞ୍ଚାୟତ ଅଧୀନ ଲାଣ୍ଡିମାଳ ଗ୍ରାମରେ ଏହି ଘଟଣା ଘଟିଛି। ହତ୍ୟାକାରୀ ହେଲେ ଲାଣ୍ଡିମାଳ ଗ୍ରାମର ବାସିନ୍ଦା ଚରଣ ମିର୍ଦ୍ଧା(୪୦) ଓ ମୃତ ମହିଳା ହେଲେ ଅମ୍ବିକା ମିର୍ଦ୍ଧା। ଲାଣ୍ଡିମାଳ ଗ୍ରାମରେ ଅଭିଯୁକ୍ତ ଚରଣ ଏବଂ ତାଙ୍କର ପତ୍ନୀ ଅମ୍ବିକା ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ରହି ଆସୁଥିଲେ। ଆଜି ଚାଷ କାର୍ଯ୍ୟ ସାରି ସ୍ତ୍ରୀ ଅମ୍ବିକା ଘରକୁ ଫେରିଥିଲେ। ଅପରାହ୍ନରେ ସ୍ୱାମୀ ଚରଣ ନିଶାସକ୍ତ ଅବସ୍ଥାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ଚରଣ ମିର୍ଦ୍ଧା ରାଗିଯାଇ ଘରେ ଥିବା ଦେଶୀ ଶିକାରୀ ବନ୍ଧୁକରେ ଅମ୍ବିକାକୁ ଗୁଳିକରି ଫେରାର ହୋଇଯାଇଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଚରଣ ମିର୍ଦ୍ଧାଙ୍କୁ ଗିରଫ କରିଛି।

## ଟ୍ରକ୍ ଟର୍ମିନାଲ୍ ପରିଚାଳନା ପାଇଁ ଆଇଓସିଏଲ୍ ସହ ଏମ୍ଓୟୁ

ଭୁବନେଶ୍ୱର,୭।୯(ସମିସ): ରାଜପଥ ପାଶ୍ୱର୍ରେ ନିର୍ମାଣ ହେଉଥିବା ଅତ୍ୟାଧୁନିକ ଟ୍ରକ୍ ଟର୍ମିନାଲ୍‌ଗୁଡ଼ିକର ସୁଚାରୁ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ 'ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍' (ଆଇଓସିଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ରାସ୍ତାରେ ଅସୁରକ୍ଷିତ ଭାବେ ଛିଡ଼ା ହୋଇ ରହୁଥିବା ଗାଡ଼ି ସହିତ ଧକ୍କା ହେବା କାରଣରୁ ଓଡ଼ିଶାରେ ପ୍ରତିବର୍ଷ ୩୦୦ରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି। ବିଭିନ୍ନ ରାଜ୍ୟରୁ ଆସୁଥିବା ଦୂରଗାମୀ ଟ୍ରକ୍ ଚାଳକମାନେ ଅନେକ ସମୟରେ ରାଜପଥରେ ବେଆଇନ ଭାବେ ଗାଡ଼ି ପାର୍କିଂ କରୁଥିବା ସହ ଅସୁରକ୍ଷିତ ପରିବେଶରେ ରାନ୍ଧିବା ଓ ବିଶ୍ରାମ ନେବା ଭଳି କାର୍ଯ୍ୟକଳାପ କରୁଛନ୍ତି। ଫଳରେ ସଡ଼କ ଦୁର୍ଘଟଣା ଘଟୁଛି। ଏହି ସମସ୍ୟା ହ୍ରାସ ପାଇଁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜାତୀୟ ରାଜପଥ ନିକଟରେ ୩୦ଟି ଟ୍ରକ୍ ଟର୍ମିନାଲ୍ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୧୫ଟି ଟର୍ମିନାଲ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଟର୍ମିନାଲ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ଗାଡ଼ି ପାର୍କିଂ ବ୍ୟବସ୍ଥା ସହିତ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମାଗାର, କ୍ୟାଣ୍ଟିନ୍, ପାନୀୟ ଜଳ, ଗାଡ଼ି ମରାମତି ଗ୍ୟାରେଜ୍, ଇଭି ଚା ଷ୍ଟେସନ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଉପଲବ୍ଧ କରାଯାଇଛି।



ଆଜି ସ୍ୱାକ୍ଷରିତ ହୋଇଥିବା ଏମ୍ଓୟୁ ଅନୁଯାୟୀ, ଆଇଓସିଏଲ୍ ଏହି ଟ୍ରକ୍ ଟର୍ମିନାଲ୍‌ଗୁଡ଼ିକର ପରିଚାଳନା, କାର୍ଯ୍ୟକ୍ଷମତା ଓ ଦୈନନ୍ଦିନ ରକ୍ଷଣାବେକ୍ଷଣ ଦାୟିତ୍ୱ ନିର୍ବାହ କରିବ। ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଗାଡ଼ି ପାର୍କିଂ କରୁଥିବା ଚାଳକମାନଙ୍କୁ ଏହି ସୁରକ୍ଷିତ ଟର୍ମିନାଲ୍‌ଗୁଡ଼ିକ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରାଯିବ। ଏହି ପଦକ୍ଷେପ ଦ୍ୱାରା ଦୂରଗାମୀ ଡ୍ରାଇଭରମାନଙ୍କ ରହିବା ଓ କାର୍ଯ୍ୟକ୍ଷେତ୍ରର ପରିବେଶରେ ବ୍ୟାପକ ସୁଧାର ଆସିବା ସହ ରାଜ୍ୟରେ ବେଆଇନ ପାର୍କିଂଜନିତ ସଡ଼କ ଦୁର୍ଘଟଣା ଓ ତଦଜନିତ ପ୍ରାଣହାନି ହ୍ରାସ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଓସିଏଲ୍ ରାଜ୍ୟ ମୁଖ୍ୟ କମଲ ସିଲ୍ ଓ ଡିଜିଏମ୍ ସଚିନ୍ଦ୍ର ଗୁନୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଅତିରିକ୍ତ ପରିବହନ କମିସନର (ସଡ଼କ ସୁରକ୍ଷା) ଦୀପ୍ତିରଞ୍ଜନ ପାତ୍ର ଏବଂ ଆଇଓସିଏଲ୍ ପକ୍ଷରୁ ରାଜ୍ୟ ରିଟେଲ ମୁଖ୍ୟ ଚିରଞ୍ଜୀବ ପୋଦାର ଏହି ଏମ୍ଓୟୁରେ ସ୍ୱାକ୍ଷର କରିଛନ୍ତି।

## ଚତୁର୍ଥ ଶ୍ରେଣୀ ଛାତ୍ର ଉପରକୁ ତୀର ମାଡ଼

ରେଢ଼ାଖୋଲ/ନାକଟିଦେଉଳ,୭।୯(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅଧୀନ ନାକଟିଦେଉଳ ଥାନା ଅଧୀନ ସାଲେଭଟା ପଞ୍ଚାୟତର କେଉଟବେର୍ଣ୍ଣି ପ୍ରାଥମିକ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ବିଦ୍ୟାଳୟକୁ ଯାଉଥିବା ସମୟରେ ତାଙ୍କ ଉପରକୁ ତୀର ମାଡ଼ ହୋଇଛି। ସୌଭାଗ୍ୟବଶତଃ ଛାତ୍ର ଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ଅନୁଯାୟୀ, କେଉଟବେର୍ଣ୍ଣି ଗ୍ରାମର ଚତୁର୍ଥ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ଧଳ ସୋମବାର ସକାଳ ୧୦ଟା ସମୟରେ ନିଜ ବାପା ଅମୂଲ୍ୟ ଧଳଙ୍କ ସହ ବାଇକ୍‌ରେ ବସି ସ୍କୁଲକୁ ଯାଉଥିଲା। ଏହି ସମୟରେ ଗ୍ରାମର ମୁଚି ସାହୁ ନାମକ ଜଣେ ବ୍ୟକ୍ତି ଉକ୍ତ ଛାତ୍ର ଉପରକୁ ତୀର ମାଡ଼ କରିଥିଲା। ତୀରଟି ଛାତ୍ରର ଦେହରେ ନ ବାଜି ବସ୍ତାନିରେ ବାଜିଥିଲା। ବସ୍ତାନିରେ ମଧ୍ୟାହ୍ନଭୋଜନ ପାଇଁ ଥିବା ଟ୍ରେରେ ତୀର ବାଜିବାରୁ ଛାତ୍ର ଜଣକ ବର୍ତ୍ତିଯାଇଥିଲେ। ଏଥିରେ ଭୟଭୀତ ଅବସ୍ଥାରେ ବାପ-ପୁଅ ଦୁହେଁ ସ୍କୁଲ ଭିତରେ ଏକ କୋଠରିରେ ପଶି ଯାଇଥିଲେ। ଏହି ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରହିଛି।




# ମାସରେ ୨୦ ଦିନ ଜିଲ୍ଲାରେ ରହିବେ କଂଗ୍ରେସ ନେତା

- ନେତାଙ୍କ କାର୍ଯ୍ୟ ଉପରେ ନଜର ରଖିବ ଏଆଇସିସି
- କାମ କରି ନ ପାରିଲେ ପଦ ହରାଇବେ ନେତା

ଭୁବନେଶ୍ୱର,୭।୯(ସମିସ): କଂଗ୍ରେସ ସଂଗଠନର ନବକଳେବର ପରେ କ୍ଷେତ୍ରସ୍ତରରେ ସଂଗଠନ ବିସ୍ତାର ଉପରେ ଫୋକସ୍ କରିଛି ରାଜ୍ୟ କଂଗ୍ରେସ। ପୂର୍ବରୁ ସଂଗଠନ ସୃଜନ ମାଧ୍ୟମରେ ଜିଲ୍ଲାସଭାପତି ଚୟନ ଶେଷ ହୋଇଥିବା ବେଳେ ବ୍ଲକ୍ ସ୍ତରରେ କମିଟି ଗଠନ ଶେଷ ପ୍ରକ୍ରିୟାରେ ପହଞ୍ଚିଛି। ତେବେ ନୂତନ ନେତୃତ୍ୱ ଓ ନୂଆ ସଂଗଠନକୁ ନେଇ କିପରି କଂଗ୍ରେସ ଆଗକୁ ବଢ଼ିବ ଓ ଆଗାମୀ ପଞ୍ଚାୟତ-ପୌର ନିର୍ବାଚନରେ ଦମ୍‌ଦାର ପ୍ରଦର୍ଶନ କରିବ ତାକୁ ନେଇ ଏବେଠାରୁ ପାଗ ଭିଡ଼ା ଆରମ୍ଭ ହୋଇଛି। ଏମିତିକି ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ପଦବୀରେ ସ୍ଥାନ ପାଇଥିବା ନେତାଙ୍କୁ ଅତି କମ୍‌ରେ ମାସକୁ ୨୦ ଦିନ ପର୍ଯ୍ୟନ୍ତ ନିଜ ଅଞ୍ଚଳରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରାଜଧାନୀ ଛାଡ଼ି ଜିଲ୍ଲା ମୁହାଁ ହେବାକୁ ପିସିସି ସଭାପତି ବରିଷ୍ଠ ନେତାମାନଙ୍କୁ କହିଥିବା ବେଳେ ଯଦି ଏହା ନ କରିପାରିବେ ତେବେ ସେମାନେ ପଦ ଛାଡ଼ିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ପିଏସି ସଦସ୍ୟ, କାର୍ଯ୍ୟକାରୀ ସଦସ୍ୟ, ଉପଦେଷ୍ଟା, ଉପସଭାପତି, ସାଧାରଣ ସମ୍ପାଦକ ଓ ସମ୍ପାଦକମାନଙ୍କ ସହିତ ଜିଲ୍ଲା ସଭାପତିମାନଙ୍କୁ ଏହି ଗୁରୁ ଦାୟିତ୍ୱ ଦିଆଯାଇଛି। ଯେଉଁମାନେ ସେମାନଙ୍କ କାର୍ଯ୍ୟ ସଠିକ ଢଙ୍ଗରେ କରିବେ ନାହିଁ, ତାଙ୍କୁ ବଦଳାଇ ନୂତନ ନେତାଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଦଳ ନିଷ୍ପତ୍ତି ନେଇଛି। ମୁଖ୍ୟତଃ ଉପସଭାପତି, ସାଧାରଣ ସମ୍ପାଦକ ଓ ସମ୍ପାଦକମାନେ ୨୦ ଦିନ ପର୍ଯ୍ୟନ୍ତ ଜିଲ୍ଲା ସ୍ତରରେ ରହି ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଯିବେ। ପଞ୍ଚାୟତ-ଜିଲ୍ଲା ପର୍ଯ୍ୟନ୍ତ ସଂଗଠନକୁ ମଜଭୁତ କରିବାକୁ କାର୍ଯ୍ୟ କରିବେ। ସଂଗଠନ ସୃଜନ ମାଧ୍ୟମରେ ସେମାନଙ୍କ କାର୍ଯ୍ୟକୁ ଏଆଇସିସି ନୀରିକ୍ଷଣ କରିବ। ଯେଉଁମାନେ କାମ କରିପାରିବେ ନାହିଁ, ସେମାନଙ୍କୁ ବଦଳାଯିବ ବୋଲି ପିସିସି ସଭାପତି କହିଛନ୍ତି। ପିସିସି ସଭାପତିଙ୍କ ଏହି ମନ୍ତବ୍ୟ ପରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, କିଛି ଲୋକ ସ୍ୱତଃ କାମ କରନ୍ତି। ଆଉ କିଛି ଲୋକ ପଦବୀ ନେଇ ଲେଟର ହେଡ୍ ତିଆରି କରି ବଦବୀର ନାଁ ନେଇ ରହିଯାଆନ୍ତି। ସଂଗଠନକୁ ସୁଦୃଢ଼ କରିବାକୁ ପିସିସି ସଭାପତି ଯେଉଁ ନିଷ୍ପତ୍ତି ନେଇଛନ୍ତି, ଏହା ଏକ ଉତ୍ତମ ପଦକ୍ଷେପ ବୋଲି ଶ୍ରୀ ଜେନା କହିଛନ୍ତି। କଂଗ୍ରେସ ଦଳର ଉପସଭାପତି(ସଂଗଠନ) ସନ୍ତୋଷ ସିଂ ସାଲୁଜା କହିଛନ୍ତି, ପଦବିଧାରୀମାନେ ପାର୍ଟି ପକ୍ଷରୁ ମିଳୁଥିବା କାର୍ଯ୍ୟ ସୁଚାରୁ ରୂପେ କାର୍ଯ୍ୟ କରିବା ଦରକାର। ରାଜ୍ୟସ୍ତରୀୟ ନେତା ଜିଲ୍ଲାକୁ ଯିବେ। ଜିଲ୍ଲା ସ୍ତରୀୟ ନେତାମାନେ ବ୍ଲକ୍ ଓ ବ୍ଲକ ସ୍ତରୀୟ ନେତାମାନେ ପଞ୍ଚାୟତକୁ ଯିବେ। ଯାହାକୁ ଯେଉଁ ଦାୟିତ୍ୱ ଦିଆଯିବ, ସେମାନେ କାର୍ଯ୍ୟ କରିବେ ବୋଲି ଶ୍ରୀ ସାଲୁଜା କହିଛନ୍ତି।

ନିକଟରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ପିଏସି କମିଟିକୁ ପରିବର୍ଦ୍ଧିତ କରାଯାଇଛି। ଏଥିରେ ୨୯ ଜଣ ବରିଷ୍ଠ ନେତା ସାମିଲ ହୋଇଥିବା ବେଳେ ଭକ୍ତଙ୍କ ନେତୃତ୍ୱରେ ୪୦ ଜଣିଆ ଉପଦେଷ୍ଟା କମିଟି ମଧ୍ୟ ଗଠନ ହୋଇଛି। ଏହାସହିତ ୧୫ ଉପସଭାପତି, ୫୭ ସାଧାରଣ ସମ୍ପାଦକ ଓ ୭୨ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ବରିଷ୍ଠ ନେତାମାନଙ୍କୁ ନେଇ ଏକ ୭୧ ଜଣିଆ କାର୍ଯ୍ୟକାରୀ କମିଟି ମଧ୍ୟ ଗଠନ କରାଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସବୁ ରାଜନୈତିକ ଦଳ ନିଜର ତୃଣମୂଳ ସଂଗଠନକୁ ସୁଦୃଢ଼ କରୁଥିବା ବେଳେ କଂଗ୍ରେସ ମଧ୍ୟ ଏହି ପ୍ରକ୍ରିୟା ଜାରି ରଖିଛି। ପୂର୍ବରୁ କେବେଳ ପିସିସି ହିଁ ଏଭଳି ସାଂଗଠନିକ କାର୍ଯ୍ୟରେ ନିଷ୍ପତ୍ତି ନେଉଥିବେ ବେଳେ ଏବେ ଏଆଇସିସି ମଧ୍ୟ ଆମୂଳଚୂଳ ସଂଗଠନକୁ ନୀରିକ୍ଷଣ କରୁଛି।

## ପୁଣି ଜାତୀୟସ୍ତରରେ ଚମକିଲା ରାଉରକେଲା

# ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ପ୍ରଥମ ସ୍ଥାନ ହାସଲ

**ରାଉରକେଲା, ୭।୯ (ସମିସ)**

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ପ୍ରକାଶିତ ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ରାଉରକେଲା ସହର ତିନୋଟି ପୁରସ୍କାର ହାସଲ କରିଛି। ବାୟୁ ଗୁଣବତ୍ତାରେ ଉନ୍ନତି ଆଣିବା ପୂର୍ବକ 'ସମସ୍ତଙ୍କ ପାଇଁ ସ୍ୱଚ୍ଛ ବାୟୁ' ସହ ନାଗରିକମାନଙ୍କ ମଧ୍ୟରେ ବାୟୁ ପ୍ରଦୂଷଣ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ 'ଜାତୀୟ ସ୍ୱଚ୍ଛ ବାୟୁ' କାର୍ଯ୍ୟକ୍ରମ ଅଧୀନରେ ଏହି ସର୍ବେକ୍ଷଣ ଆୟୋଜନ କରାଯାଉଛି। ଦେଶର ୧୩୦ଟି ସହର ଏହି ସର୍ବେକ୍ଷଣରେ ଅଂଶଗ୍ରହଣ କରିଥିବା ବେଳେ ରାଉରକେଲା ସହର ଶ୍ରେଷ୍ଠ ପ୍ରଦର୍ଶନ ସହ ସର୍ବଭାରତୀୟ ସ୍ତରରେ ଗୌରବ ହାସଲ କରିଛି। ସ୍ୱଚ୍ଛ ବାୟୁ ସର୍ବେକ୍ଷଣ-୨୦୨୬ରେ ୩ ଲକ୍ଷରୁ ୧୦ ଲକ୍ଷ ଜନସଂଖ୍ୟା ବର୍ଗରେ ରାଉରକେଲା ସହର ଶ୍ରେଷ୍ଠ ପ୍ରଦର୍ଶନ ସହ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିଭଳି ଭାବେ ୧୦ ହଜାରରୁ କମ୍ ଜନସଂଖ୍ୟା ବର୍ଗରେ ୧୩ ନମ୍ବର ୱାର୍ଡ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓ ପୁଣିଥରେ ୧୦ ହଜାରରୁ କମ୍ ଜନସଂଖ୍ୟା ବର୍ଗରେ ୧୪ ନମ୍ବର ୱାର୍ଡ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛି।

ସେପ୍ଟେମ୍ବର ୭ ତାରିଖ ସ୍ୱଚ୍ଛ ବାୟୁ ଦିବସ ଅବସରରେ ନୂଆଦିଲ୍ଲୀ ସ୍ଥିତ ଇନ୍ଦିରା ପର୍ଯ୍ୟାବରଣ




ଭବନର ଗଙ୍ଗା ଅଡିଟୋରିୟମ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ସହ ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀର୍ ପୁରସ୍କାର ଗ୍ରହଣ କରିଛନ୍ତି।

ରାଉରକେଲା ସହର ଦେଶରେ ପ୍ରଥମ ସ୍ଥାନ ହାସଲ କରି ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ରାଉରକେଲା ମହାନଗର ନିଗମ ଆୟୁକ୍ତ ସମସ୍ତ ରାଉରକେଲାବାସୀଙ୍କ ସହ ସହରକୁ ସ୍ୱଚ୍ଛ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସମସ୍ତ ସ୍ୱଚ୍ଛ କର୍ମୀଙ୍କୁ ଶୁଭକାମନା ଓ ଧନ୍ୟବାଦ ଜଣାଇଛନ୍ତି।

ସହରରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ରାଉରକେଲା ମହାନଗର ନିଗମ ତରଫରୁ ପ୍ରଚେଷ୍ଟା ଜାରି ରହିଥିବା ବେଳେ ଏଥିପାଇଁ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ ସହ ସେଗୁଡିକର ସୂଚାରୁ ରୂପେ ପରିଚାଳନା, ବହୁଦିନରୁ ପଡ଼ି ରହିଥିବା ପୁରୁଣା ବର୍ଜ୍ୟବସ୍ତୁର ବାୟୋ ମାଇନିଂ, ବାୟୋମାସ୍ ପେଲେଟ ପ୍ଲାଣ୍ଟ ସ୍ଥାପନ କରାଯାଇ ବର୍ଜ୍ୟବସ୍ତୁ ପୋଡ଼ିବାକୁ ରୋକା ଯାଉଛି।

ସେପ୍ଟିକ ଟ୍ୟାଙ୍କ ପାଣି ଓ ଡ୍ରେନ୍ ପାଣିର ପ୍ରକ୍ରିୟାକରଣ କରାଯାଇ ପୁନଃ ବ୍ୟବହାର ଯୋଗ୍ୟ କରାଯିବା ପୂର୍ବକ ସେହି ପାଣିକୁ ନିୟମିତ ଭାବେ ସ୍ପ୍ରିଙ୍କଲର୍ ଯୋଗେ ଜଳ ସିଞ୍ଚନ କରାଯାଉଛି। ମେକାନିକାଲ ସ୍ୱିପିଂ ମେସିନ୍ ଜରିଆରେ ରାତ୍ରିକାଳୀନ ସଫେଇ କରାଯାଇ ରାସ୍ତାରୁ ଧୂଳି ହ୍ରାସ କରାଯାଉଛି। ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁର ସଠିକ୍ ଭାବେ ପରିଚାଳନା କରାଯାଉଛି। ସହରର ୪ଟି ଜନଗହଳିପୂର୍ଣ୍ଣ ସ୍ଥାନରେ ଏୟାର୍ ପ୍ୟୁରିଫାୟାର ସ୍ଥାପନ କରାଯାଇ ପିଏମ୍ ୨.୫ ଓ ପିଏମ୍ ୧୦ର ମାତ୍ରା ହ୍ରାସ କରାଯାଇ ନାଗରିକମାନଙ୍କ ପାଇଁ ସ୍ୱଚ୍ଛ ବାୟୁ ସୁନିଶ୍ଚିତ କରାଯାଉଛି। ଏହା ସହ ବିଭିନ୍ନ ସମୟରେ ବାୟୁ ପ୍ରଦୂଷଣ ରୋକିବା ଲାଗି ଜନସଚେତନତା ମଧ୍ୟ ସୃଷ୍ଟି କରାଯାଉଛି।

# ସେକ୍ଟର-୨୧ରେ ୪ ଜଣଙ୍କୁ ଆକ୍ରମଣ; ଉତ୍ତେଜନା

## ସ'ମିଲ୍ ଛକରେ ଆକ୍ରମଣ ଘଟଣାରେ ୩ ଗିରଫ

**ରାଉରକେଲା, ୭।୯ (ସମିସ):** ରାଉରକେଲା ସେକ୍ଟର-୨୧ ଅଞ୍ଚଳର ସ'ମିଲ୍ ଛକ ଓ କଂଗ୍ରେସ ଭବନ ମଧ୍ୟବର୍ତ୍ତୀ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ପ୍ରାୟ ୪ ଜଣଙ୍କୁ ଆକ୍ରମଣ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।



ସେମାନେ ହେଲେ ଶେଖ୍ ଇକ୍‌ବାଲ(୨୧), ଶେଖ୍ ମନସୁର୍ (୨୨) ଏବଂ ଶେଖ୍ ଆଫ୍ରୋଅଲ୍ଲୀ (୨୧)। ସମସ୍ତେ ନୟାବଜାର କଂଗ୍ରେସ ଭବନ ସ୍ଥିତ ରହମତନଗର ବସ୍ତିର ବୋଲି ଜଣାପଡ଼ିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଇକ୍‌ବାଲ, ଶେଖ୍ ମନସୁର୍ ଏବଂ ଆଫ୍ରୋଜ ପ୍ରଥମେ ଏକ ଟ୍ରକ୍‌କୁ ଅଟକାଇ ଏହାର ଚାଳକଙ୍କୁ ମାଡ଼ ମାରିଥିଲେ। କିଛି ସ୍ଥାନୀୟ ଯୁବକ ଏହାର ପ୍ରତିବାଦ କରିବା ସହ ମୋବାଇଲ୍‌ରେ ଭିଡିଓ ରେକର୍ଡ କରିବାରୁ ଆକ୍ରମଣକାରୀମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପରେ ସେକ୍ଟର-୨୧ରେ ଏକ ଜନ୍ମଦିନ ଭୋଜିରୁ ଫେରୁଥିବା ସାଜନ ମିଞ୍ଜ, ତ୍ରୈଲୋକି ସିଂହଙ୍କୁ ଅଭିଯୁକ୍ତ ଇକ୍‌ବାଲ, ଶେଖ୍ ମନସୁର୍ ଅଲ୍ଲି ଏବଂ ଆଫ୍ରୋଜ ଅଟକାଇ ନିର୍ମମ ଭାବେ ଆକ୍ରମଣ କରିଥିଲେ। ସୂଚନା ପାଇ ପ୍ଲାଣ୍ଟସାଇଟ୍ ଥାନାର ଏସ୍‌ଆଇ ସିନ୍ମୟ ବଳ ସଦଳବଳେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲ୍‌କୁ ପଠାଇଥିଲେ। ଘଟଣା ପରେ ଅଞ୍ଚଳରେ ପୁଣି କୌଣସି ଅପ୍ରୀତିକର ପରିସ୍ଥିତି ନଘଟିବା ପାଇଁ ଅତିରିକ୍ତ ପୁଲିସ ମୁତୟନ କରାଯାଇଥିଲା। ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ କରି ଗିରଫ କରିବାକୁ ପୁଲିସ ଚଢ଼ଉ ଜୋରଦାର କରିଛି।

## ଦୀର୍ଘଦିନ ପରେ ତତ୍ପରତା

# ରାସ୍ତା ଉପରୁ ଗାଈଗୋରୁଙ୍କୁ ଘଉଡ଼ାଇଲା ପ୍ରଶାସନ

**ବଣାଇଗଡ଼, ୭।୯ (ସମିସ):** ଦୀର୍ଘଦିନ ହେବ ବଣାଇଁ ସହରର ମୁଖ୍ୟ ରାସ୍ତା ଉପରେ ଗାଈଗୋରୁ ଅବାଧରେ ବିଚରଣ କରିବା ସହ ସନ୍ଧ୍ୟା ହେବା ମାତ୍ରେ ରାସ୍ତା ଉପରେ ଶୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିଲେ। ଏନେଇ ଦୁର୍ଘଟଣା ବି ବଢୁଥିଲା। ଅନେକ ଥର ଖବର ପ୍ରକାଶ ଓ ଦୁର୍ଘଟଣା ବାରମ୍ବାର ଘଟିବା ପରେ ସୋମବାର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବଣାଇଗଡ଼ର ସମସ୍ତ ଅଧିକାରୀଙ୍କୁ ନେଇ ଉପ ଜିଲ୍ଲାପାଳ ଏକ ବୈଠକ କରି ଡାକବାଜି ଯନ୍ତ୍ର ଯୋଗେ ବଣାଇଁ ସହରରେ ଗାଈଗୋରୁ ରାସ୍ତା ଉପରେ ନ ଛାଡ଼ିବାକୁ ସଚେତନ କରିଥିଲେ। ସନ୍ଧ୍ୟାରେ ପୁଲିସ, ପଞ୍ଚାୟତ କର୍ମଚାରୀଙ୍କ ସହ ଖୋଦ୍ ତହସିଲଦାର ନିଜେ ଚାଲି ଚାଲି ରାସ୍ତା ଉପରେ ଥିବା ଗୋରୁଙ୍କୁ ହଟାଇବା ସହ କାଞ୍ଜିଆ ହୁଦାକୁ ନେଇ ଅଟକ ରଖିଛନ୍ତି।

# ଆର୍‌ଏମ୍‌ସିରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ରାଉରକେଲା, ୭।୯ (ସମିସ):** ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ପରିସର ସ୍ଥିତ ସଭାକକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୪୮ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୩୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୧୧ ଟି ସାମୁହିକ ଅଭିଯୋଗ ରହିଥିଲା। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୫ଜଣ ବ୍ୟକ୍ତି ଆବେଦନ କରିଥିଲେ।

ଏଥି ମଧ୍ୟରୁ ୬ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ରାଉରକେଲା ନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗଣେଶ ପୂଜା ପାଇଁ ରାଉରକେଲା ପୁଲିସର ପ୍ରସ୍ତୁତି

**ରାଉରକେଲା, ୭।୯ (ସମିସ):** ଗଣେଶ ପୂଜାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ପାଳନ କରିବା ଲକ୍ଷ୍ୟରେ ରାଉରକେଲା ପୁଲିସ ଜୋନ୍-୧ ପକ୍ଷରୁ ଏହା ଅଧୀନସ୍ଥ ବିଭିନ୍ନ ଗଣେଶ ପୂଜା କମିଟିର ପ୍ରତିନିଧିମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜୋନ୍-୧ର ଡିଏସ୍‌ପି ମନୋରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରି ପୂଜା ସମୟରେ ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ଶୋଭାଯାତ୍ରାର ରୁଟ୍ ନିର୍ଦ୍ଧାରଣ ଏବଂ ଆଇନଶୃଙ୍ଖଳା ବଜାୟ ରଖିବା ଭଳି ବିଭିନ୍ନ ପ୍ରମୁଖ ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଜୋନ୍-୧ ଅଧିନସ୍ଥ ସମସ୍ତ ଥାନାର ଆଇଆଇସି ଏବଂ ପୁଲିସ ଅଧିକାରୀମାନେ ସମସ୍ତ ପୂଜା କମିଟିକୁ ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପୂଜା ଆୟୋଜନକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ପାଇଁ ପ୍ରଶାସନ ଓ ପୁଲିସକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇବାକୁ କମିଟିଗୁଡ଼ିକୁ ଅନୁରୋଧ କରାଯାଇଥିଲା। ପୂଜା ଦିନଗୁଡ଼ିକରେ ଶାନ୍ତି, ଜନସାଧାରଣଙ୍କ ସୁରକ୍ଷା, ସାମ୍ପ୍ରଦାୟିକ ସଦ୍‌ଭାବ ଓ ଶୃଙ୍ଖଳା ବଜାୟ ରଖିବାକୁ ମଧ୍ୟ ପୁଲିସ ପକ୍ଷରୁ ସମସ୍ତ ପୂଜା କମିଟିକୁ ଆହ୍ୱାନ କରାଯାଇଥିଲା।

# ଇସ୍କନ ପକ୍ଷରୁ ତ୍ରିଶକ୍ତି ଧାମରେ ଜନ୍ମାଷ୍ଟମୀ

**ରାଉରକେଲା, ୭।୯ (ସମିସ):** ରାଉରକେଲା ଇସ୍କନ୍ ଶାଖା ପକ୍ଷରୁ ହନୁମାନ ବାଟିକା ସ୍ଥିତ ତ୍ରିଶକ୍ତି ଧାମରେ ଜନ୍ମାଷ୍ଟମୀ ସମ୍ପନ୍ନ ହୋଇଛି। ଇସ୍କନର ଭକ୍ତମାନଙ୍କ ପକ୍ଷରୁ ତିନି ଦିନ ଧରି ଆନ୍ତଃସ୍କୁଲ କୃଷ୍ଣ ପ୍ରତିଯୋଗିତା ଆୟୋଜନ



କରାଯାଇଥିଲା। ଏଥିରେ ପ୍ରାୟ ୧୦୦୦ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହା ସହ ଇସ୍କନ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ତ୍ରିଶକ୍ତି ଧାମରେ ଧୂମଧାମର ସହିତ ପାଳିତ ହୋଇଥିଲା।

ଏହି ପରିପ୍ରେକ୍ଷୀରେ ସହରର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ଯଜ୍ଞ ଆୟୋଜିତ ହୋଇଥିବାବେଳେ ସନ୍ଧ୍ୟାରେ ତୁଳସୀ ପୂଜନ ଓ ଆଳତୀର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ରାଉରକେଲା ଡିଏଫ୍‌ଓ ରବିକାନ୍ତ ମୀନା, ସିଟି ଆଣ୍ଡ ଜିଏସ୍‌ଟି ଅତିରିକ୍ତ କମିଶନର ପ୍ରକାଶ ଚନ୍ଦ୍ର ଦୋରା, ରାଉରକେଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ସଭାପତି ଦିଲୀପ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ମଧ୍ୟରାତ୍ରିରେ ପାଳନ କର୍ତ୍ତା ଭଗବାନ ବିଷ୍ଣୁଙ୍କ ଅଭିଷେକ ଉତ୍ସବ ଆୟୋଜିତ ହୋଇଥିଲା। ୧୦୮ ସୁବାସିତ ଜଳ, ଫଳ ରସ, ଫୁଲ ଓ ଫଳରେ ମହାପ୍ରଭୁଙ୍କୁ ଅଭିଷେକ କରାଯାଇଥିଲା। ରାଉରକେଲା ଇସ୍କନର ସାଧାରଣ ପରିଚାଳକ ପ୍ରେମମାଧବ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସବ୍ୟସବ୍ୟା ପରିଚାଳନା କରିଥିଲେ।

# ରେଳମନ୍ତ୍ରୀଙ୍କୁ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ସ୍ମାରକପତ୍ର

**ରାଉରକେଲା, ୭।୯ (ସମିସ):** ରାଉରକେଲା ରେଳ ଷ୍ଟେସନରେ ଅସ୍ୱାଭାବିକ ଟ୍ରେନ୍ ବିଳମ୍ବ ଏବଂ ଯାତ୍ରୀ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ପ୍ରତି ତୁରନ୍ତ ଧ୍ୟାନ ଦେବାକୁ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ସମସ୍ୟା ସମ୍ପର୍କରେ, ଜଣାଇବା ପାଇଁ ରାଉରକେଲା ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ଅଧିକାରୀମାନେ ରାଉରକେଲା ରେଳ ଷ୍ଟେସନର ଷ୍ଟେସନ ମ୍ୟାନେଜର ଏବଂ ବରିଷ୍ଠ ରେଲୱେ ପ୍ରୋଟେକ୍ସନ ଫୋର୍ସ (ଆରପିଏଫ)ର ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି।

ଏହି ଅବସରରେ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ମଳୟ ମଣ୍ଡଳ, ଉପାଧ୍ୟକ୍ଷ ରାଜେଶ ଗର୍ଗ, ସାଧାରଣ ସମ୍ପାଦକ ବିଶ୍ୱନାଥ ଦେ, ଚାମ୍ବରର ରେଳ ସଚିବ ନିମ୍ମି ଜୈନ, ପୂର୍ବତନ ସଭାପତି ପ୍ରଭାତ ଟାବାରିୱାଲଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ କମିଟି ସଦସ୍ୟମାନେ ରେଳ ଷ୍ଟେସନ ସମ୍ମୁଖରେ ପ୍ରଥମେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ସେମାନେ ରାଉରକେଲା ରେଳ ଷ୍ଟେସନର ଷ୍ଟେସନ ମ୍ୟାନେଜର ଏବଂ ବରିଷ୍ଠ ରେଲୱେ ପ୍ରୋଟେକ୍ସନ ଫୋର୍ସ (ଆରପିଏଫ)ର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଆରପିଏଫ୍ ଡିଏସପି ଏମ୍. କେ. ଖାନ୍, ଷ୍ଟେସନର ବାଣିଜ୍ୟିକ ଅଧିକାରୀ ବିନାଲ କୁମାର,



ଷ୍ଟେସନ ମାଷ୍ଟରଙ୍କ ସମେତ ଆଇଏଏଫ୍ ଏବଂ ଜିଆରପିର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଦାବି ମଧ୍ୟରେ ରହିଛି ଟ୍ରେନ୍ ଚଳାଚଳରେ ଅସ୍ୱାଭାବିକ ବିଳମ୍ବ। ରାଉରକେଲା ଏଆରଏମ୍ ଏବଂ ଚକ୍ରଧରପୁର ଡିଆରଏମଙ୍କୁ ଏନେଇ ବାରମ୍ବାର ଅନୁରୋଧ ସତ୍ତ୍ୱେ ସମାଧାନ ହେଉନାହିଁ। ତେଣୁ ସମୟାନୁବର୍ତ୍ତିତାକୁ ଉନ୍ନତ କରିବା ଏବଂ ନିର୍ଦ୍ଧାରିତ ସମୟ ପାଳନ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ରେଳ କାର୍ଯ୍ୟାଳୟକୁ ଅନୁରୋଧ କରାଯାଇଛି। ରାଉରକେଲା ରେଳ ଷ୍ଟେସନର ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥାନଗୁଡ଼ିକରେ ପ୍ରାୟତଃ ବିକ୍ରେତା ଏବଂ ଅନଧିକୃତ ଯାନ ପାର୍କିଂ ଦ୍ୱାରା ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆରସିସିଆଇ ପକ୍ଷରୁ ଅନୁରୋଧ କରାଯାଇଛି ଯେ ପାର୍କିଂକୁ ସଠିକ୍ ଭାବରେ ନିୟନ୍ତ୍ରିତ କରାଯିବା ସହିତ ଏହି ସ୍ଥାନଗୁଡ଼ିକରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ସହ ରେଳ ଷ୍ଟେସନରେ ଅସାମାଜିକ ତତ୍ତ୍ୱଙ୍କ ଉପସ୍ଥିତି, ବିଶେଷକରି ବିଳମ୍ବିତ ସମୟରେ, ଗମ୍ଭୀର ସୁରକ୍ଷା ଚିନ୍ତା ସୃଷ୍ଟି କରେ। ଷ୍ଟେସନ ଏବଂ ଆଖପାଖରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ନିୟମିତ ପେଟ୍ରୋଲିଂ କରିବାକୁ ଆରସିସିଆଇ ପକ୍ଷରୁ ଅନୁରୋଧ କରାଯାଇଥିଲା। ରାଉରକେଲା ରେଳ ଷ୍ଟେସନ ପରିସରରେ ଥିବା ସେଡ୍ ପ୍ରବଳ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ପରେ ଆଉ ମରାମତି ହୋଇନାହିଁ। ଫଳରେ ସେଡ୍ ନଥିବାରୁ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ତୁରନ୍ତ ପୁନଃ ସ୍ଥାପନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆରସିସିଆଇ ତରଫରୁ ଅନୁରୋଧ କରାଯାଇଛି। ପାର୍କିଂ ସୁବିଧା ଯୋଗାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

# ରାଉରକେଲା ପୁଲିସର ଜେଲ୍ ପରେଡ୍

**ରାଉରକେଲା, ୭।୯ (ସମିସ):** ଅପରାଧୀ ନିରୀକ୍ଷଣ ଓ ଟ୍ରାକିଂ ବ୍ୟବସ୍ଥାର ଅଂଶ ଭାବେ ରାଉରକେଲା ସ୍ୱତନ୍ତ୍ର କାରାଗାର ଏବଂ ବଣାଇଁ ଜେଲ୍‌ରେ ପୁଲିସ ସମ୍ପୃକ୍ତ ଅଧିକାରୀଙ୍କ ଉପସ୍ଥିତିରେ ଜେଲ୍ ପରେଡ୍ ଅନୁଷ୍ଠିତ ହୋଇଛି। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜେଲ୍‌ରେ ଥିବା ଅନ୍ତେବାସୀଙ୍କ ପରିଚୟ ନିର୍ଦ୍ଧାରଣ, ତଥ୍ୟ ଯାଞ୍ଚ ଓ ନିରୀକ୍ଷଣ କରିବା। ବିଶେଷକରି ପୂର୍ବରୁ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ଅପରାଧିକ ପୃଷ୍ଠଭୂମିକୁ ପ୍ରଭାବଶାଳୀ ଭାବେ ଟ୍ରାକ୍ କରିବା ସହ ପୁଲିସ ରେକର୍ଡକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ବ୍ୟବସ୍ଥିତ ଭାବେ ତଥ୍ୟ ଯାଞ୍ଚ ଓ ନିରୀକ୍ଷଣ ମାଧ୍ୟମରେ ଅପରାଧ ନିୟନ୍ତ୍ରଣ, ଅପରାଧିକ ଗୁଇନ୍ଦା ତଥ୍ୟକୁ ସୁଦୃଢ଼ କରିବା ଏବଂ ନଜରଦାରୀ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ଏହି ଅଭ୍ୟାସର ଅନ୍ୟତମ ଲକ୍ଷ୍ୟ ଥିଲା।

# ନିର୍ମଳ ବାୟୁ ଓ ନୀଳ ଆକାଶ ଦିବସ ପାଳିତ

**ରାଉରକେଲା, ୭।୯ (ସମିସ):** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ ନିର୍ମଳ ବାୟୁ ଏବଂ ନୀଳ ଆକାଶ ଦିବସ-୨୦୨୬ ସ୍ଥାନୀୟ ସିଭିକ୍




ସେଣ୍ଟର ଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ବାୟୁ ପ୍ରଦୂଷଣ ରୋକିବାରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ପ୍ରତ୍ୟେକ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବା ଓ ଏହାକୁ ଏକ ଆନ୍ଦୋଳନରେ ପରିବର୍ତ୍ତନ କରିବାକୁ ଆହ୍ୱାନ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ରାଉରକେଲା ଡିଏଫ୍‌ଓ ରବିକାନ୍ତ ମୀନା, ଏନ୍‌ଆଇଟି ମାଇନିଂ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ହିମାଂଶୁ ଭୂଷଣ ସାହୁ, ଟାଟା ଷ୍ଟିଲର ସଞ୍ଜୀବ କୁମାର ପାଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନିଜ ନିଜ ବକ୍ତବ୍ୟରେ ନିର୍ମଳ ବାୟୁର ଆବଶ୍ୟକତା ଓ ଏହାର ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏସପିସି ବୋର୍ଡର ପରିବେଶ ଯନ୍ତ୍ରୀ ଇଂ. ବିଜୟ କୁମାର ଭୋଇ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ପରିବେଶ ସଚେତନତା ଉପରେ ଆଧାରିତ ନୃତ୍ୟ ନାଟିକା ପରିବେଷଣ ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥିଲା। ମିଶନ ଲାଇଫ ଉପରେ ଇଂରାଜୀ ଓ ହିନ୍ଦୀରେ ଶପଥ ପାଠ କରାଯାଇଥିଲା। ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଡିଇଇ ଚନ୍ଦ୍ର ଶେଖର ଚୌହାନ, ରଜତ କୁମାର ସେଠି ଓ ଏନଏସପିସିଏଲ ଜିଏମ ତଥା ବିୟୁଏଚ ପୁଷ୍ପାର ଚନ୍ଦ୍ରଶେଖର ହୁଦ୍ଦାର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହି ପିଲାଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶେଷରେ ଇଂ. ଆର. ଆର. ଦାସ, ଡିଇଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶିଳ୍ପ, ଖଣି ଖାଦାନ, ଅନୁଷ୍ଠାନ, ସ୍କୁଲ କଲେଜ, ପରିବେଶବିତ ପ୍ରମୁଖ ଯୋଗ ଦେଇଥିଲେ।

## ପୁଣ୍ୟ ତିଥିରେ ଶ୍ରଦ୍ଧାଞ୍ଜଳି

# 'ସାମୂହିକ ସ୍ୱାର୍ଥପାଇଁ ଲଢୁଥିଲେ ରାଜକିଶୋର'

**ରାଉରକେଲା, ୭।୯ (ସମିସ)**

ଗୁରୁଦିବସରେ ରାଉରକେଲା ମଜଦୂର ସଭା ଓ ହିନ୍ଦ ମଜଦୂର ସଭାର ସହବନ୍ଧିତ ଶ୍ରମିକ ସଂଗଠନମାନଙ୍କ ମିଳିତ ଉଦ୍ୟମରେ ବିଶିଷ୍ଟ ଶ୍ରମିକ ନେତା, ରାଉରକେଲା ମଜଦୂର ସଭାର ପୂର୍ବତନ ସାଧାରଣ ସମ୍ପାଦକ ତଥା ସମାଜବାଦୀ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ସ୍ୱର୍ଗତ ରାଜକିଶୋର ସାମନ୍ତରାଏଙ୍କ ୨୨ତମ ଶ୍ରାଦ୍ଧ ଦିବସରେ ମଜଦୁର ସଭାର ସହରାଞ୍ଚଳ କାର୍ଯ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ସଭାପତି ଶଶଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉପ ସାଧାରଣ ସମ୍ପାଦକ ଖଗେନ୍ଦ୍ର ବେହେରା ସଂଯୋଜନା କରିଥିଲେ। ହିନ୍ଦ୍ ମଜଦୂର ସଭା ଓଡ଼ିଶା ଶାଖାର କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ ସମ୍ମାନିତ ଅତିଥି ଓ ମଜଦୂର ସଭାର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ ମଞ୍ଚାସୀନ ଥିଲେ। ରାଉରକେଲା ମଜଦୂର ସଭା ଓ ହିନ୍ଦ ମଜଦୂର ସଭାର ସହବନ୍ଧିତ ଶ୍ରମିକ ସଂଗଠନମାନଙ୍କ କର୍ମକର୍ତ୍ତା, କର୍ମୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।




ପ୍ରାରମ୍ଭରେ ରାଜକିଶୋର ସାମନ୍ତରାଏଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ ଶ୍ରମିକ ନେତା ହରେକୃଷ୍ଣ ପାଢ଼ୀ, ଆଲୋକ ବୋଷଙ୍କ ସମେତ ଉପସ୍ଥିତ କର୍ମକର୍ତ୍ତା ପ୍ରମୋଦ ଦାସ, ସତ୍ୟାନନ୍ଦ ବେହେରା, ସିଦ୍ଧେଶ୍ୱର ବଳ, ପତିତପାବନ ଜେନା, ଦିଲ୍ଲୀପ କୁମାର ଜେନା, ନୃପାନନ୍ଦ ନାୟକ, ବିମଳ ବେହୁରିଆ, ରବିନାରାୟଣ ପରିଡ଼ା, ଜଗଦୀଶ ପଣ୍ଡା, ଦିଗମ୍ବର ମହାନ୍ତି ଓ ଅଜୟ ପାତ୍ର ପ୍ରମୁଖ ରାଜୁ ବାବୁଙ୍କ ସ୍ମୃତିଚାରଣ କରି ଶ୍ରମିକ ଆନ୍ଦୋଳନ କ୍ଷେତ୍ରରେ ତାଙ୍କର ସାଲିସ ବିହୀନ ନେତୃତ୍ୱକୁ ସ୍ମରଣ କରି ଇସ୍ପାତ ଶ୍ରମିକ କର୍ମଚାରୀଙ୍କ ପାଇଁ ରାଉରକେଲା ମଜଦୂର ସଭାର ଯାବତୀୟ ଉପଲବ୍ଧିର ଅବତାରଣା କରିଥିଲେ।

ମୁଖ୍ୟ ଅତିଥି ଶ୍ରୀ ଦାସ ରାଜକିଶୋର ସାମନ୍ତରାଏଙ୍କ ସାମୂହିକ ସୌଦାବାଜୀରେ ଦକ୍ଷତା ଓ ଜାତୀୟ, ଆନ୍ତର୍ଜାତିକ କ୍ଷେତ୍ରରେ ତାଙ୍କର ସୁନାମ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ ରାଜୁବାବୁଂକ ଉଦ୍ୟମରେ ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ଅବସ୍ଥାରେ ସମ୍ପ୍ରସାରଣ ଓ ଉତ୍ପାଦନ କ୍ଷମତା ବୃଦ୍ଧି, ଶ୍ରମିକ କର୍ମଚାରୀ ଓ ଠିକା ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ନେଇ ଐତିହାସିକ ଚୁକ୍ତିନାମା ବିଷୟରେ କହିଥିଲେ। ସଭାପତିଙ୍କ ଅଭିଭାଷଣରେ ଶଶଧର ନାୟକ ଦିବଂଗତ ନେତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରି ରାଉରକେଲା ମଜଦୂର ସଭା ତାଙ୍କ ପ୍ରଦର୍ଶିତ ମାର୍ଗରେ ଆଗାମୀ ଦିନରେ ନିଜର କାର୍ଯ୍ୟ ନିରନ୍ତର କରି ଚାଲିବ ଓ ଆଗାମୀ ମାର୍ଚ୍ଚ ୧୫ରେ ରାଜୁବାବୁଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯିବ ବୋଲି ସୂଚନା ଦେଇ ଏନେଇ ସକଳ ଜନସାଧାରଣଙ୍କର ସହଯୋଗ କାମନା କରିଥିଲେ। ସଭା ଶେଷରେ ପ୍ରଫୁଲ୍ଲ ବେହେରା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

■ ଗାଁ ସାଥୀ ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି

## ଜିଲ୍ଲାପାଳଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ

**ଭବାନୀପାଟଣା, ୭ ।୯ (ସମିସ):** ଭବାନୀପାଟଣା ଠାରେ ରାଜ୍ୟ ସଂଘର ଆହ୍ୱାନ କ୍ରମେ କଳାହାଣ୍ଡି ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ୬ ଦଫା ଦାବି ନେଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ପତ୍ର ନଂ- ୨୪୫୦୯, ତାରିଖ ୨୯.୦୮. ୨୦୨୬ଙ୍କୁ ମାନି କାର୍ଯ୍ୟ କରିବା, ଗାଁସାଥୀଙ୍କ ସଠିକ୍ ଡାଟାବେସକୁ ରାଜ୍ୟକୁ ପଠାଇବା, ପତ୍ର ଅନୁସାରେ ଗାଁ ସାଥୀଙ୍କୁ ସମସ୍ତ ଜିଓଟ୍ୟାଗ୍ କାର୍ଯ୍ୟରେ ଲଗାଇବା, ଗାଁ ସାଥୀ(ମେଟ୍)ଙ୍କ ବକେୟା ପ୍ରାପ୍ୟ ପ୍ରଦାନ, ପୂର୍ବପରି ଭିବିଜୀ-ରାମଜୀ ଯୋଜନାରେ ଗାଁ ସାଥୀ (ମେଟ୍)ଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ ଆଦି ପ୍ରମୁଖ ଦାବି କରାଯାଇଛି । ଯଦି ଏହି ଦାବିଗୁଡ଼ିକୁ ସରକାର ସପ୍ତାହ ମଧ୍ୟରେ ପୂରଣ ନ କରନ୍ତି ତାହାହେଲେ ଆସନ୍ତା ୨୧ ତାରିଖରେ ଓଡ଼ିଶା ବିଧାନସଭା ସମ୍ମୁଖରେ ଥିବା ଲୋୟର ପିଏମଜି ଧାରଣାସ୍ଥଳରେ ପହଞ୍ଚି ଗାଁସାଥୀ (ମେଟ୍) ନିଜ ପରିବାର ସଦସ୍ୟ ସଦସ୍ୟା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲା ସଂଯୋଜକ ଅଭିମନ୍ୟୁ ବେଗ୍ରାଙ୍କ ନେତୃତ୍ୱରେ ଦାବି ପତ୍ର ପ୍ରଦାନ ସମୟରେ, ଜିଲ୍ଲା ଆବାହକ ରୋହିତ କୁମାର ସାହୁ, ଭୁବନ ବାଗ, ଗୌରଚନ୍ଦ୍ର ଗହୀର, ଶ୍ୟାମସୁନ୍ଦର ଛତ୍ରିଆ, ନବୀନ ଟୋଲଟିଆ, ବନ ବିହାରୀ ସାହୁ, ଭିକାରୀ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରକ୍ ପଛକୁ ପିଟିଲା ଆମ୍ବୁଲାନ୍ସ

**କେସିଙ୍ଗା, ୭ ।୯ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବୋରିଙ୍ଗପଦର ଜାତୀୟ ରାଜପଥ ୨୬ ଉପରେ ସୋମବାର ଅପରାହ୍ଣରେ ଏକ ଖାଲି ଆମ୍ବୁଲାନ୍ସ ଭବାନୀପାଟଣା ପଟୁ ଆସୁଥିବାବେଳେ ଟିଟିଲାଗଡ଼ ଫେରୁଥିବାବେଳେ ସ୍ଥାନୀୟ ବୋରିଙ୍ଗପଦର ପାଖରେ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକ୍‌କୁ ପଛପଟେ ଜୋରରେ ଧକ୍କା ଦେଇଥିଲା ଧକ୍କାରେ ଆମ୍ବୁଲାନ୍ସ ଡ୍ରାଇଭର




ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଘଟଣାସ୍ଥଳରେ ଥିବା ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଆମ୍ବୁଲାନ୍ସ ଡ୍ରାଇଭର ମଦପିଇ ଗାଡ଼ି ଚଳାଉଥିଲା ଓ ଦୁର୍ଘଟଣା ସମୟରେ ମୋବାଇଲରେ କଥା ହେଉଥିଲା । ଆମ୍ବୁଲାନ୍ସ ଡ୍ରାଇଭର ମଦ ପିଇବା କଥା କୁ ମାନୁନଥିବା ବେଳେ ମୋବାଇଲରେ କଥା ହେଉଥିବା କଥାକୁ ସ୍ୱୀକାର କରିଛି ଓ ସମ୍ମୁଖପଟୁ ଅନ୍ୟଏକ ଟ୍ରକ ଆସୁଥିବାରୁ ମୁଁ ଆମ୍ବୁଲାନ୍ସକୁ ସାଇଡ଼ରୁ କାଟୁଥିବା ସମୟରେ ଧକ୍କା ହୋଇଛି ବୋଲି ପ୍ରକାଶ କରିଛି । ପୁଲିସ ପହଞ୍ଚି ତଦନ୍ତ କରୁଛି ।

ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରକ୍‌କୁ ପଛପଟୁ ଧକ୍କା ଦେବାଫଳରେ ଆମ୍ବୁଲାନ୍ସ ଚୁରମାର ହୋଇଯାଇଛି । ଟିଟଲାଗଡ଼ରୁ ବିଶାଖାପାଟଣା ରୋଗୀନେଇ ଯାଇଥିବା ଏକ ଆମ୍ବୁଲାନ୍ସ

## ଲଡୁଗାଁରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ



**କୋକସରା, ୭ ।୯ (ସମିସ) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଡୁଗାଁଠାରେ ଯାଦବ ସମିତି ଅନୁକୂଲ୍ୟରେ ଦୁଇଦିନ ଧରି ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି । ଶୁକ୍ରବାର ମହିଳାମାନେ ୫୦୧ କଳସ ମୁଣ୍ଡାଇ ସ୍ଥାନୀୟ ମନଭଙ୍ଗ ସାଗରକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ । ପରେ କଳସ ମୁଣ୍ଡାଇ ଏକ ଶୋଭାଯାତ୍ରାରେ ମାଝିପଡ଼ା ମାଉସୀ ମନ୍ଦିର ନିକଟସ୍ଥ ସୁସଜ୍ଜିତ ପୂଜାମଣ୍ଡପରେ ଜଳ ସ୍ଥାପନ କରାଯାଇଥିଲା । ରାତିରେ ପୂଜାର୍ଚ୍ଚନା ସହ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପୁରାଣ ପାଠ କରାଯାଇଥିଲା । ମଧ୍ୟରାତ୍ରିରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରାଯାଇଥିଲା । ଶନିବାର ସକାଳେ ଦହିହାଣ୍ଡି ଓ ନଗର ପରିକ୍ରମା କାର୍ଯ୍ୟକ୍ରମ ହୋଇଥିଲା । ପୂଜାକର୍ତ୍ତା ଭାବେ ଗିରିଧାରୀ ଜୁଏଡ଼ ଯାଦବ ସପତ୍ନିକ ଦାୟିତ୍ୱ ତୁଲାଇଥିଲେ । ମକରଧ୍ୱଜ ବଛାଯାଦବ, ଅଶ୍ୱିନ ରାଉତ ଯାଦବ, ଜିତୁ ବଛା, ଋଷ୍ୟଶୃଙ୍ଗ ଜାଲଯାଦବ ମଦନ ବାଗ, ଅନୀଲ ରାଉତ, ସୋନୁ ରାଉତ, ରାକେଶ ରାଉତ, ଭୁବନେ ରାଉତ ପ୍ରମୁଖ ସହଯୋଗ କରିଥିଲେ । ଅତିଥି ଭାବେ ଯୋଗୀନ୍ଦ୍ର ହଂସ ଯାଦବ, ସୁଧୀର ନାଗ ଯାଦବ, ଭଗବାନ ନାଗ ଯାଦବ, ରିକି ରାଉତ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ । ଯାଦବ ସମାଜର କୁଳଦେବତା ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବକୁ ନେଇ ଗୋପାଳ ଗୋଉଡୁଣୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା ।

## ବିପଦପୂର୍ଣ୍ଣ ଅବସ୍ଥାରେ ଟ୍ରାନ୍ସଫର୍ମର, ଦୁର୍ଘଟଣା ଆଶଙ୍କା

**କର୍ଲାମୁଣ୍ଡା, ୭ ।୯ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଝାରମୁଣ୍ଡା ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି । ଟ୍ରାନ୍ସଫର୍ମରଟି ଅସୁରକ୍ଷିତ ଭାବେ ରହିଥିବା ସହ ଏହାର ଚାରିପାଖରେ ସୁରକ୍ଷା ବ୍ୟବସ୍ଥା ଅଭାବ ଥିବା ଅଭିଯୋଗ ହୋଇଛି । ଫଳରେ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି । ଏହି ଟ୍ରାନ୍ସଫର୍ମର ରାସ୍ତାକଡ଼ରେ ଥିବାବେଳେ ଏହି ରାସ୍ତାଦେଇ ପ୍ରତିଦିନ ଯାନବାହାନ ଓ ଲୋକେ ଯାତାୟାତ କରୁଥିବାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ତୁରନ୍ତ ଟ୍ରାନ୍ସଫର୍ମରଟିର ମରାମତି କିମ୍ବା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



# ଜିଲ୍ଲାସ୍ତରୀୟ ଜନଶୁଣାଣି ଓ ସମାଧାନ ଶିବିର

## ୧୭୦ ଅଭିଯୋଗ ପଞ୍ଜୀକରଣ



**ଭବାନୀପାଟଣା, ୭ ।୯ (ସମିସ)**

ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଉପସ୍ଥିତିରେ ଏହି ଜନ ଶୁଣାଣି ଶିବିରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୭୦ ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ୧୨୯, ସାମୂହିକ ୩୬ ଟି ରହିଥିବା ବେଳେ ୨୧ ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ଜମିବିବାଦ, ରାସନକାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ତହସିଲ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ, ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମେତ ବିଡିଓ, ତହସିଲଦାର, ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ନୂଆପଡ଼ା ସଦର ମହକୁମାରେ ୧୧୯ ଅଭିଯୋଗର ଶୁଣାଣି

**କୋମନା/ସିନାପାଲି, ୭ ।୯ (ସମିସ):** ନୂଆପଡ଼ା ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୧୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଏଥିମଧ୍ୟରୁ ୮୯ଟି ବ୍ୟକ୍ତିଗତ, ୨୭ଟି ଗୋଷ୍ଠୀଗତ ଏବଂ ୩ଟି ରେଡ୍‌କ୍ରସ୍ ରହିଥିଲା । ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଶିବିରରେ ପଞ୍ଜୀକୃତ ଅଭିଯୋଗଗୁଡ଼ିକୁ ଜିଲ୍ଲାପାଳ ଗୁରୁତ୍ୱର ସହ ଶୁଣାଣି କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ସ୍ଥିତି ସମୀକ୍ଷା କରି ବିଚାରାଧୀନ ଅଭିଯୋଗଗୁଡ଼ିକୁ ଆଜି ସନ୍ଧ୍ୟା ସୁଦ୍ଧା ନିଷ୍ପତ୍ତି କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରବାସୀ ଶ୍ରମିକ ପରିବାରଗୁଡ଼ିକ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ଚିହ୍ନଟ ଓ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ରେଡ୍‌କ୍ରସ୍ ପାଣ୍ଠିରୁ ଯଦୁରାମ ସାହୁ, ମୋତିରାମ ସତନାମୀ ଓ ହୃଷୀକେଶ ରଣାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ବନଖଣ୍ଡ ଅଧିକାରୀ (ବନ୍ୟଜନ୍ତୁ) ସମୀର ସାହୁ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ରୋଶନ ଜେନା ଏବଂ ନୂଆପଡ଼ା ବିଡିଓ ରୋହିତ ଭୋଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।




## ଘରକୁ ଯାଇ ଗୁରୁଙ୍କୁ ସମ୍ମାନିତ କଲେ ବ୍ଲକ୍ ଅଧ୍ୟକ୍ଷା

**ଖଡ଼ିଆଳ, ୭ ।୯ (ସମିସ):** ଗୁରୁ ଦିବସ ଅବସରରେ ଜଣେ ନିଷ୍ଠାପର ଓ ନିସ୍ୱାର୍ଥ ଶିକ୍ଷକଙ୍କୁ ତାଙ୍କ ଘରକୁ ଯାଇ ସମ୍ମାନିତ କରିଛନ୍ତି ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ । ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମର ୭୫ ବର୍ଷୀୟ ମହେଶ୍ୱର ରାଉତରାୟଙ୍କ ଶିକ୍ଷାଦାନ ପ୍ରତି ଅତୁଟ ନିଷ୍ଠା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ୧୯୬୪ ମସିହାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୬୨ ବର୍ଷ ଧରି ସେ ବିନା ପାରିଶ୍ରମିକରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇ ଆସୁଛନ୍ତି । ବୟସର ଅପରାହ୍ଣରେ ମଧ୍ୟ ତାଙ୍କ ଶିକ୍ଷାଦାନର ଆଗ୍ରହ କମିନାହିଁ । ନିଜ ଗ୍ରାମ ଡୁଆଝରଠାରୁ ପ୍ରାୟ ୩ କିଲୋମିଟର ଦୂର ସମସେରପଦର ଓ ଭିମାଖୋଲ ଗ୍ରାମକୁ ପ୍ରତିଦିନ ଦୁଇଥର ଯାଇ ସେ ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି । ମହେଶ୍ୱର ରାଉତରାୟଙ୍କ ଏହି ନିସ୍ୱାର୍ଥ ଶିକ୍ଷାଦାନ ସମ୍ପର୍କରେ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ତାଙ୍କ ପ୍ରତି ସମ୍ମାନର ସ୍ୱର ଆହୁରି ମଜବୁତ ହୋଇଛି । ଏହି ଖବର ଦେଖି ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ତାଙ୍କ ଘରକୁ ଯାଇ ମହେଶ୍ୱର ରାଉତରାୟଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷା ଶ୍ରୀମତୀ ନନ୍ଦ ମହେଶ୍ୱର ରାଉତରାୟଙ୍କ ନିସ୍ୱାର୍ଥ ସେବାର ପ୍ରଶଂସା କରିବା ସହ ତାଙ୍କୁ ଉପଯୁକ୍ତ ସମ୍ମାନ ଓ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



## ମଦ ଜବତ, ୭ ଗିରଫ

**କୋମନା, ୭ ।୯ (ସମିସ):** କୋମନା ପୁଲିସ ତରଫରୁ ବେଆଇନ ଭାବରେ କୋମନା ଥାନାର ବିଭିନ୍ନ ସ୍ଥାନରେ ଦେଶୀ ବିଦେଶୀ ମଦ କାରବାର କରୁଥିବା ବେପାରୀ ମାନଙ୍କ ଉପରେ ଚଢ଼ଉ କରି ବିଦେଶୀ ମଦ ୩୮ ଲିଟର ଓ ଦେଶୀ ମଦ ୭୦ ଲିଟର ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ସାତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ଗିରଫ ହାଇଥିବା ବେପାରୀମାନେ ହେଲେ ସୁନାଲାଲ ଦଣ୍ଡସେନା, ଅଭିଷେକ ଦଣ୍ଡସେନା, ନନ୍ଦ କିଶୋର ପ୍ରସାଦ, ଶୁକଲ ମେହେ୍ର, ମୁରଲୀ ନାଗ, ପୀତବାସ ଶବର, ଧର୍ମରାଜ ଶବର । କୋମନା ଥାନା ଆଇଆଇସି ବଲ୍ଲଭ ସାହୁଙ୍କ ନିର୍ଦ୍ଦେଶରେ ପୁଲିସ ଟିମ୍ ଚଢ଼ଉ କରି ବେଆଇନ ବ୍ୟବସାୟୀମାନଙ୍କୁ ଧରିବାକୁ ସଫଳ ହୋଇଥିଲେ ।

## ଅଧ୍ୟାପକ କୁମୁଦଚନ୍ଦ୍ର ବାଗଙ୍କ ଅକାଳ ବିୟୋଗ

**କର୍ଲାମୁଣ୍ଡା, ୭ ।୯ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତର କୁନ୍ଦେଇପାଲି ଗ୍ରାମର ଯୁବ ଅଧ୍ୟାପକ କୁମୁଦଚନ୍ଦ୍ର ବାଗ (୪୮)ଙ୍କର ଆଜି ଅକାଳ ବିୟୋଗ ହୋଇଛି । ସେ



ଗତ କିଛିଦିନ ଧରି ଅସୁସ୍ଥ ଥିବାରୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ସ୍ୱର୍ଗତଃ ବାଗ ବେଲଖଣ୍ଡିସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡିଆ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିବାବେଳେ ଗତ କିଛିମାସ ହେଲା ବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ମଧ୍ୟଥିଲେ । ତାଙ୍କ ବିୟୋଗରେ କର୍ଲାମୁଣ୍ଡା, ରିଷିଡା, ବେଲଖଣ୍ଡି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଆନ୍ତଃରାଜ୍ୟ ସୁନାରୀ ସମାଜର ମହାସଭା

**ଧର୍ମଗଡ଼, ୭ ।୯ (ସମିସ):** ଓଡ଼ିଶା ଓ ଛତିଶଗଡ଼ର ଚାରିଗଡ଼ ସୁନାରୀ ସମାଜର ମହାସଭା ଅନୁଷ୍ଠିତ ହୋଇଯାଇଛି । ମହାସଭାରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର ଓ ଦେଭୋଗ (ଛତିଶଗଡ଼) ଅଞ୍ଚଳର ସୁନାରୀ ସମାଜର ପ୍ରତିନିଧିମାନେ ଯୋଗଦେଇ ସମାଜର ସାମଗ୍ରିକ ବିକାଶ, ସଂଗଠନର ଏକତା ଓ ସାମାଜିକ ଶୃଙ୍ଖଳା ଉପରେ ଆଲୋଚନା କରିଥିଲେ । ମହାସଭାର ମୂଳବାର୍ତ୍ତା ଥିଲା 'ଚାରିଗଡ଼ ସମାଜ ଏକ, ସମ୍ବିଧାନ ମଧ୍ୟ ଏକ; ଆମ୍ଭେ ଏକ, ସମ୍ବିଧାନ ଏକ । ଏହି ଏକତାର ମନ୍ତ୍ରକୁ ଆଧାର କରି ସମାଜର ସମସ୍ତ ସଦସ୍ୟ ଏକଜୁଟ ହୋଇ ଆଗକୁ ବଢ଼ିବାକୁ ଆହ୍ୱାନ ଦିଆଯାଇଥିଲା । ମହାସଭାରେ କଳାହାଣ୍ଡି ଜିଲ୍ଲା ସୁନାରୀ ସମାଜର ସଭାପତି ଦିଲୀପ କୁମାର ସରାବୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ନୂଆପଡ଼ା ଜିଲ୍ଲା ସଭାପତି ମାୟାଧର ସରାଫ, ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ସଭାପତି ପ୍ରହଲ୍ଲାଦ ସରାଫ ଓ ଦେଭୋଗ ସଭାପତି ରାଜକୁମାର ସୋନୀ ମଞ୍ଚାସୀନ ଥିଲେ । ଚାରି ଗଡ଼ ସମାଜର ଆବାହକ ରୁଦ୍ରମାଧବ ବୈଠାରୁ (ନୂଆପଡ଼ା) ସମାଜର ଏକତା, ଶିକ୍ଷା, ସାମାଜିକ ଦାୟିତ୍ୱ ଓ ଭବିଷ୍ୟତ ପିଢ଼ିର ଉନ୍ନତି ସମ୍ପର୍କରେ ନିଜର ମତ ରଖିଥିଲେ । ସୁନାରୀ ସମାଜର ପ୍ରଥା ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ନୂଆପଡ଼ା ଜିଲ୍ଲା ସଭାପତି ମାୟାଧର ସରାଫ ଜଣାଇଛନ୍ତି । କାର୍ଯ୍ୟକ୍ରମକୁ କଳାହାଣ୍ଡି ସୁନାରୀ ସମାଜର ସାଧାରଣ ସମ୍ପାଦକ ବିରଞ୍ଚି ପ୍ରସାଦ ସରାପ ପରିଚାଳନା କରିଥିବାବେଳେ ଜେମନୁ ସରାପ ଧନ୍ୟବାଦ ଅର୍ପଣ କରିଥିଲେ । ମହାସଭାର ସଫଳତା ପାଇଁ ସନାତନ ସରାପ, ଜନ୍ମେଜୟ ବୈଠାରୁ, ପାତାଳେଶ୍ୱର ସରାପ, ତରଣୀ ସରାପ, ବସନ୍ତି ସରାପ, ମଳୟ ସରାପ, ଯଦୁମଣି ସରାପ, ସୂର୍ଯ୍ୟପ୍ରକାଶ ସରାପ, କୈଳାଶ ସରାପ ଓ ଯୁଗଳ ସରାପ ପ୍ରମୁଖ ସହଯୋଗ କରିଥିଲେ । ମହାସଭା ମାଧ୍ୟମରେ ଚାରିଗଡ଼ ସୁନାରୀ ସମାଜର ଏକତାକୁ ଆହୁରି ସୁଦୃଢ଼ କରିବା ସହ ସମାଜର ସାମଗ୍ରିକ ବିକାଶ ପାଇଁ ସମସ୍ତେ ଏକମନ, ଏକ ପ୍ରାଣ ହୋଇ କାର୍ଯ୍ୟ କରିବାର ସଂକଳ୍ପ ନେଇଥିଲେ ।



## ରକ୍ତଦାନ କରି ଜୀବନ ବଞ୍ଚାଇଲେ ସ୍ୱେଚ୍ଛାସେବୀ ସୁରେଶ୍ ବାଗ

**ଜୁନାଗଡ଼, ୭ ।୯ (ସମିସ):** ଧର୍ମଗଡ଼ ବ୍ଲକ ଅଧୀନ ରୋକାବାହାଲ ଗ୍ରାମର ଦୁର୍ବିସୁତା ଗୋପାଳ (୨୮) ଅସୁସ୍ଥ ହୋଇ ଜୁନାଗଡ଼ ସ୍ଥିତ ଅଗ୍ରୱାଲ ନର୍ସିଂହୋମରେ ଭର୍ତ୍ତି ହୋଇଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କୁ ତୁରନ୍ତ ଏ'ପଜେଟିଭ ରକ୍ତ ଆବଶ୍ୟକ ଥିଲା । ଏ ସମ୍ପର୍କରେ ଖବରପାଇ ଜୁନାଗଡ଼ରଯୁବକ ସୁରେଶ ବାଗ ନର୍ସିଂ ହୋମକୁ ଆସି ରକ୍ତଦାନ କରିଥିଲେ । ସୁରେଶଙ୍କ ରକ୍ତଦାନ ଯୋଗୁଁ ରୋଗୀଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଥିବା ଜଣାପଡ଼ିଛି । ତାଙ୍କର ଏହି ମହତକାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି ।



## ପଞ୍ଚାୟତ ଭବନ ନିର୍ମାଣ କାମର ଯାଞ୍ଚକଲେ ବିଡିଓ ଓ ସରପଞ୍ଚ

**କୋମନା, ୭ ।୯ (ସମିସ):** କୋମନା ବ୍ଲକରେ ଚାଲିଥିବା ବିଭାଗୀୟ ଉନ୍ନୟନମୂଳକ କାର୍ଯ୍ୟ ଏବଂ ନୂତନ ପଞ୍ଚାୟତ ଭବନ ନିର୍ମାଣ କାମକୁ ଅଧିକ ତ୍ୱରାନ୍ୱିତ ଓ ସ୍ୱଚ୍ଛ କରିବା ପାଇଁ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି । ରବିବାର କୋମନା ବିଡିଓ ପବିତ୍ର କୁମାର ସାମଲ ଏବଂ କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ନୂତନଭାବେ ନିର୍ମିତ ହେଉଥିବା ପଞ୍ଚାୟତ ଭବନ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ନିର୍ମାଣାଧୀନ କୋଠାର ଗୁଣବତ୍ତା ପିଲର କାମ ଏବଂ ଚାଲିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତିକୁ ଅତି ନିକଟରୁ ଯାଞ୍ଚ କରିଥିଲେ ବିଡ଼ିଓ ଶ୍ରୀ ସାମଲ । କାମର ମାନ ଯାଭେଳି ଠିକ୍ ରହେ ଏବଂ ନିର୍ଦ୍ଧାରିତ ସମୟସୀମା ଭତରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ, ସେଥିପାଇଁ ସେ ସମ୍ପୃକ୍ତ ଯନ୍ତ୍ରୀ ଓ କର୍ମଚାରୀଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି । ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏହି ନୂତନ ପଞ୍ଚାୟତ ଭବନ ନିର୍ମାଣ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି ।

# 'ନଶାମୁକ୍ତ ଭାରତ ଅଭିଯାନ' ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା, ୭ ।୯ (ସମିସ)**

ଭବାନୀପାଟଣାସ୍ଥିତ ବିକାଶ ହାୟର ଏଜୁକେସନାଲ୍ ଇନଷ୍ଟିଚ୍ୟୁସନ୍ସ ପରିସରରେ ଆଜି 'ନଶାମୁକ୍ତ ଭାରତ ଅଭିଯାନ' ଅନ୍ତର୍ଗତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କୁ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ସଚେତନ କରିବା ସହ ଏକ ସୁସ୍ଥ, ସୁରକ୍ଷିତ ଓ ନଶାମୁକ୍ତ ସମାଜ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ଭବାନୀପାଟଣା ସଦରଥାନାର ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ ମୁଖ୍ୟ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଶାସେବନର କୁପ୍ରଭାବ ଓ ଏହାର ଭୟାବହ ପରିଣାମ ସମ୍ପର୍କରେ ସଚେତନ କରିଥିଲେ । ସବ୍‌ଇନ୍ସପେକ୍ଟର ବିପିନ କିଶୋର ଜରିଆ ଏବଂ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ପ୍ରଭାତ କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କୁ ନିଶାଦ୍ରବ୍ୟର ଶାରୀରିକ, ମାନସିକ, ସାମାଜିକ ଓ ଆଇନଗତ ପରିଣାମ ସମ୍ପର୍କରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିସିଏ, ବିବିଏ ଏବଂ ବିଏସ୍‌ସି ପ୍ରଥମ ବର୍ଷର ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ବିକାଶ ଡିଗ୍ରୀ କଲେଜର ପ୍ରିନ୍ସିପାଲ୍ ଡ.ଆଦିତ୍ୟ କୁମାର ପଟ୍ଟନାୟକ ଏବଂ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟର ପ୍ରିନ୍ସିପାଲ୍ ଡ. ସୁଦୀପ୍ତ କୁମାର ଜନା ଉପସ୍ଥିତ ଥିଲେ । ସମଗ୍ର କାର୍ଯ୍ୟକ୍ରମଟି ବିସିଏ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର କୁମାର ମନ୍ଥନ ସାହୁଙ୍କ ଦ୍ୱାରା ସମନ୍ୱୟ କରାଯାଇଥିଲା ।




## ଇଣ୍ଡିଆନ ବ୍ୟାଙ୍କର ୧୬୫ ଋଣ ଖିଲାପୀଙ୍କୁ ନୋଟିସ୍

**କେସିଙ୍ଗା, ୭ ।୯ (ସମିସ):** ଆସନ୍ତା ୧୨ ତାରିଖରେ ତୃତୀୟ ଲୋକଅଦାଲତ ଅନୁଷ୍ଠିତ ହେବାକୁ ଥିବାବେଳେ ସ୍ଥାନୀୟ କେସିଙ୍ଗା କୋର୍ଟ ପରିସରରେ ମଧ୍ୟ ଅନୁଷ୍ଠିତ ହେବ । ଲୋକ ଅଦାଲତରେ ବ୍ୟାଙ୍କ ଋଣ ଖିଲାପକାରୀଙ୍କୁ ମଧ୍ୟ କିଛି ପ୍ରତିଶତ କମ୍ ଟଙ୍କା ଦେଇ ନିଜ ନିଜର ପୁରୁଣା ବ୍ୟାଙ୍କଋଣ ସବୁ ପରିଶୋଧ କରିବା ପାଇଁ ବ୍ୟାଙ୍କ ସୁଯୋଗ ଦେଇଥାଏ, ହେଲେ କିଛି ଋଣ ଖିଲାପକାରୀ ନିଜ ଋଣକୁ କାଟଛାଣ୍ଟ କରି ପରିଶୋଧ କରୁଥିବାବେଳେ ଅନେକ ଋଣ ଖିଲାପକାରୀ ଲୋକଅଦାଲତ କୁ ଆସି ନଥାନ୍ତି । ସେହି ମର୍ମରେ କେସିଙ୍ଗା ଇଣ୍ଡିଆନ ବ୍ୟାଙ୍କର ୧୬୫ ଋଣ ଖିଲାପକାରୀଙ୍କୁ ଚଳିତ ଲୋକଅଦାଲତ ରେ ନିଜ ନିଜ ଋଣ ଖିଲାପ ସମାଧାନ ପାଇଁ ନୋଟିସ ହେଇଥିବାବେଳେ ୨୦୦୫ରୁ ୨୦୨୬ ମଧ୍ୟରେ ୧୬୫ ଜଣ ଋଣ ଖିଲାପକାରୀଙ୍କ ପାଖରେ ବ୍ୟାଙ୍କର ୪ କୋଟି ୭୯ ଲକ୍ଷ ୧୦ ହଜାର ୯ ଶହ ୧୭ ଟଙ୍କା ବାକେୟା ଥିବା ଇଣ୍ଡିଆନ୍ ବ୍ୟାଙ୍କର ଶାଖା ପରିଚାଳକ ଜଣାଇଛନ୍ତି । ନୋଟିସ ହୋଇଥିବା ୧୬୫ ଜଣ ଶନିବାର ଲୋକ ଅଦାଲତକୁ ଆସି ନିଜନିଜ ଋଣ ପରିଶୋଧ କରିବା ପାଇଁ ଅନୁରୋଧ କରିଛନ୍ତି ।



# ସମ୍ପାଦକୀୟ



ଶାନ୍ତି କେବଳ ହିଂସାର ଅନୁପସ୍ଥିତିକୁ ବୁଝାଏ ନାହିଁ, ବାସ୍ତବ ଅର୍ଥରେ ଏହା ହେଉଛି ମାନବୀୟ କରୁଣାର ପ୍ରଦର୍ଶନ।
-ଦଲାଇ ଲାମା

ସକାଳ
THE SAKALA

## ଗଣମାଧ୍ୟମର ବିଶ୍ୱସନୀୟତା ସଙ୍କଟ!

ଗଣମାଧ୍ୟମର ବିଶ୍ୱସନୀୟତା ଉପରେ ସଙ୍କଟ ସୃଷ୍ଟି ହୋଇଛି। ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଏହା ଶୁଭଙ୍କର ନୁହେଁ। ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଏ ସମ୍ପର୍କରେ ବିଚାର କରିବାର ସମୟ ଆସିଛି ବୋଲି କହିଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନିତିନ ଗଡ଼କରୀ। ମନ୍ତ୍ରୀ ମହୋଦୟଙ୍କ ଏହି ମନ୍ତବ୍ୟ ପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି ଯେ ଏଥିପାଇଁ ଦାୟୀ କିଏ? ଭାରତର ଗଣମାଧ୍ୟମ ମୂଲ୍ୟବୋଧରେ ଗତ ଦଶନ୍ଧିରେ ସବୁଠାରୁ ଅଧିକ ଅବକ୍ଷୟ ଘଟିଥିବା ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ମୁଖ୍ୟସ୍ରୋତର ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଅଧିକରୁ ଅଧିକ କୋଳଶ୍ରିତ ହେବାକୁ ପସନ୍ଦ କରୁଥିବାରୁ ଆଜି ଏହି ସ୍ଥିତି ସୃଷ୍ଟି ହୋଇଛି। ଏଠାରେ ଦୁଇଟି ସୁଖକର ବାର୍ତ୍ତା ରହିଛି। ପ୍ରଥମତଃ, ବିଳମ୍ବରେ ହେଲେ ମଧ୍ୟ ସରକାରୀ ଦଳର ଜଣେ ବରିଷ୍ଠ ନେତା ଏହାକୁ ସ୍ୱୀକାର କରିଛନ୍ତି ଏବଂ ଦ୍ୱିତୀୟତଃ, ସାମାଜିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ସ୍ୱାଧୀନଚେତା, ନିର୍ଭୀକ ଓ ନିରପେକ୍ଷ ଭୂମିକା ଯୋଗୁଁ ଭାରତୀୟ ଗଣମାଧ୍ୟମ ମୂଲ୍ୟବୋଧ ସୁରକ୍ଷାରେ ଆଶା ସଞ୍ଚାର ହୋଇଛି।

ଗତ ଜୁନ୍ ମାସରେ ଜେନ୍ ଜେଡ୍ ଆନ୍ଦୋଳନକୁ କୌଣସି ମୁଖ୍ୟସ୍ରୋତୀୟ ଗଣମାଧ୍ୟମ ଗୁରୁତ୍ୱ ଦେଇ ନ ଥିଲେ ହେଁ ସାମାଜିକ ଗଣମାଧ୍ୟମର ପ୍ରଭାବଶାଳୀ ଭୂମିକା ଯୋଗୁଁ ସାରା ଦେଶରେ ଜାଗରଣ ସୃଷ୍ଟି ହୋଇଥିଲା ଏବଂ କେନ୍ଦ୍ର ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ବିବଶ କରିଥିଲା। ଶିଳ୍ପପତି ସୁଭାଷ ଚନ୍ଦ୍ରାଙ୍କ ତଥାକଥିତ 'ହେୟାର କଟ୍' ମଧ୍ୟ ସାମାଜିକ ଗଣମାଧ୍ୟମର ଉପସ୍ଥିତି ଯୋଗୁଁ ସଫଳ ହୋଇପାରି ନାହିଁ। ଶତଚେଷ୍ଟା ସତ୍ତ୍ୱେ ଗଣମାଧ୍ୟମର କଣ୍ଠରୋଧ କରାଯାଇପାରିନାହିଁ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଏହା ଏକ ଶୁଭସଙ୍କେତ। ତେଣୁ କେନ୍ଦ୍ର ମନ୍ତ୍ରୀ ଶ୍ରୀଗଡ଼କରୀ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ କେତେକ ଗଣମାଧ୍ୟମ ସଂସ୍ଥା ସାମଗ୍ରିକ ମୂଲ୍ୟବୋଧ ସୁରକ୍ଷାରେ ପ୍ରଶଂସନୀୟ ସଂଗ୍ରାମ କରୁଛନ୍ତି।

ଗଣମାଧ୍ୟମର ବିଶ୍ୱସନୀୟତା ଓ ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କଲା ବେଳେ ଏହାର ନିରପେକ୍ଷତା ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରସଙ୍ଗକୁ ଏଡ଼ାଇ ଦେଇ ହେବ ନାହିଁ। ଅଭିବ୍ୟକ୍ତିର ସ୍ୱାଧୀନତା ସ୍ଥାନ, କାଳ ଓ ପାତ୍ର ନିର୍ବିଶେଷରେ ଅସୀମ ନୁହେଁ। ଆମ ସମ୍ବିଧାନ ଓ ସମ୍ପୃକ୍ତ ଆଇନରେ ଏଥିପାଇଁ ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ କରାଯାଇଛି। ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ ଏହା ଆବଶ୍ୟକ ଓ ବିବେକାନୁମୋଦିତ। ମତପ୍ରକାଶର ଅଧିକାର ବଳରେ ସ୍ଥଳବିଶେଷରେ ଅନ୍ୟକୁ ଅପମାନିତ ଓ ଅପଦସ୍ଥ କରିବା ଆଶଙ୍କା ରହିଛି, ଯାହାକି ଆଇନତଃ ଦଣ୍ଡନୀୟ। ସେଥିନିମନ୍ତେ ବିବେକପୂର୍ଣ୍ଣ ବିଚାର ଓ ଆତ୍ମସଂଯମ ମଧ୍ୟରେ ରହି ବାକ୍ ସ୍ୱାଧୀନତାର ପ୍ରୟୋଗ କରିବାକୁ ପଡ଼େ। ଆମେ ସ୍ୱାଧୀନ, ନିରଙ୍କୁଶ ମତପ୍ରକାଶର ଅଧିକାର ଜାହିର କଲା ବେଳେ ଅନ୍ୟକୁ ଅପମାନିତ, ଲାଞ୍ଛିତ କରିବା କି ନାହିଁ, ସେକଥା ଆମ ବିବେକ ଓ ବିଚାରର ସ୍ୱାଧୀନତା, ପରିପକ୍ୱତା ଓ ଦାୟିତ୍ୱବୋଧ ଉପରେ ନିର୍ଭର କରେ। ଏହା ଗଣମାଧ୍ୟମର ବିଶ୍ୱସନୀୟତାକୁ ଅଧିକ ସୁଦୃଢ଼ କରେ। ଏକ ମୁକ୍ତ ଗଣମାଧ୍ୟମ ବ୍ୟବସ୍ଥାରେ ସମସ୍ତଙ୍କର ସୁରକ୍ଷା ଓ ନିରାପତ୍ତା ନିହିତ ଥାଏ ଏବଂ ଯେକୌଣସି ପ୍ରସଙ୍ଗରେ ପକ୍ଷ ଓ ପ୍ରତିପକ୍ଷ ଉଭୟର ସ୍ୱାଧୀନତାକୁ ସମ୍ମାନ ଦିଆଯାଏ। ଏକ ମୁକ୍ତ ସମାଜ ଗଠନ ଲକ୍ଷ୍ୟ ହାସଲରେ ମୁକ୍ତ ଗଣମାଧ୍ୟମ ହିଁ ଆବଶ୍ୟକୀୟ ଉପାଦାନ ଏବଂ ଏକ ଯୁକ୍ତିଯୁକ୍ତ ସୀମା ନିର୍ଦ୍ଧାରଣ ଏହାର ଯଥାର୍ଥତାକୁ ପ୍ରତିପାଦନ କରେ। ତେଣୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚତୁର୍ଥସ୍ତମ୍ଭର ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ସ୍ୱାଧୀନ ହେଲେ ମଧ୍ୟ ଦାୟିତ୍ୱହୀନ ହେବା ବାଞ୍ଛନୀୟ ନୁହେଁ।

ଆମ ଦେଶରେ ଗଣତନ୍ତ୍ର ପରିପକ୍ୱ ହେବା ସହ ଛାପା ଗଣମାଧ୍ୟମ ମଧ୍ୟ ପୋଖତ ଓ ଅଧିକ ଦାୟିତ୍ୱସମ୍ପନ୍ନ ହେଉଛି। ଦେଶ ଓ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କ'ଣ ଛପାଯିବ, କେତେ ଲେଖାଯିବ, କ'ଣ ଲେଖାଯିବ ନାହିଁ ସେକଥା ସମ୍ବାଦପତ୍ର ତାହାର ଦୀର୍ଘ ଯାତ୍ରାପଥରେ ଅଭିଜ୍ଞତା ହାସଲ କରିଛି। ଭାରତୀୟ ପ୍ରେସ୍ ପରିଷଦ ମଧ୍ୟ ନିୟମିତ ଭାବେ ଏଥିପାଇଁ ପରାମର୍ଶ ଓ ଦିଗ୍‌ଦର୍ଶନ ଦେଇ ଆସୁଛି ଏବଂ ବିଭିନ୍ନ ବିଷୟରେ ମାର୍ଗଦର୍ଶିକା ଜାରି କରିଚାଲିଛି। ପରିବର୍ତ୍ତିତ ସମୟ ଓ ସମାଜର ଆବଶ୍ୟକତା ଦୃଷ୍ଟିରୁ ମାନବାଧିକାର, ଆଇନଗତ ମର୍ଯ୍ୟାଦା, ସାମ୍ବିଧାନିକ ସୁରକ୍ଷା ଆଦି ପ୍ରସଙ୍ଗ ଅଧିକ ଗୁରୁତ୍ୱ ପାଉଛି ଏବଂ ଏ କ୍ଷେତ୍ରରେ ସଂପୃକ୍ତ ପକ୍ଷ କିଛି ଗଠନମୂଳକ ସହଯୋଗ ଛାପା ଗଣମାଧ୍ୟମଠାରୁ ଆଶା କରୁଛନ୍ତି। ଏହା ମଧ୍ୟ ଅସ୍ୱୀକାର କରିବାର ନାହିଁ ଯେ ଗଣମାଧ୍ୟମ ନିଜର ଦାୟିତ୍ୱ ନିର୍ବାହ କରିବାର ଉଦ୍ଦାମତା ଭିତରେ ଅନେକ ସମୟରେ ଜଣା-ଅଜଣା ନ୍ୟାୟରେ ଅତିରଞ୍ଜନ କରିଥାଏ, ଯାହା ଦାୟିତ୍ୱହୀନତାକୁ ସୂଚିତ କରେ।

ସୂଚନାର ଆଦାନ ପ୍ରଦାନ ଓ ପ୍ରସାରଣରେ ଗଣମାଧ୍ୟମର ଭୂମିକା ଅନସ୍ୱୀକାର୍ଯ୍ୟ। ଏହାପଛରେ ଯେଉଁମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥା'ନ୍ତି ସେମାନେ ହେଲେ ସାମ୍ବାଦିକ ସମୁଦାୟ। ବୃହତ୍ତର ଭାବେ ଯାହା 'ପ୍ରେସ୍' ନାମରେ ପରିଚିତ ତାହା ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏକଛତ୍ରବାଦୀ ଶାସନରେ ଏହା ଦମିତ। ଅପରପକ୍ଷରେ ଗଣତନ୍ତ୍ରର ସତର୍କ ପ୍ରହରୀ ଭାବେ ଗଣମାଧ୍ୟମ ଦାୟିତ୍ୱ ନିର୍ବାହ କରୁଥିବାରୁ ଏହାର ସ୍ୱାଧୀନତାକୁ ଆମ ଶାସନ ଓ ପ୍ରଶାସନ ତଥା ନ୍ୟାୟପାଳିକା ସ୍ୱତନ୍ତ୍ର ମାନ୍ୟତା ଦେଇ ଆସିଛି। ତେଣୁ ଏହା ଅନସ୍ୱୀକାର୍ଯ୍ୟ ଯେ ସୂଚନା ହିଁ ଶକ୍ତି ଓ ଗଣତନ୍ତ୍ରର ଏକ ସୁରକ୍ଷା କବଚ।

ଆମ ଗଣତନ୍ତ୍ରର ତିନିଟି ସ୍ତମ୍ଭ କାର୍ଯ୍ୟପାଳିକା, ବିଧାନ ପାଳିକା ଓ ନ୍ୟାୟପାଳିକା ନିଜ ନିଜ କ୍ଷେତ୍ରରେ ସ୍ୱାଧୀନ ହୋଇଥିଲେ ହେଁ ସଂପର୍କ ରକ୍ଷା, ବ୍ୟବହାର ଓ ସମନ୍ୱୟ କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ବେଳେବେଳେ ଦ୍ୱନ୍ଦ୍ୱ ଉପୁଜିଥାଏ। ଜାଣତରେ ହେଉ ବା ଅଜାଣତରେ ବେଳେବେଳେ ଜଣେ ଅନ୍ୟର ଅଧିକାର ଓ ଦାୟିତ୍ୱରେ ହସ୍ତକ୍ଷେପ କରିଥା'ନ୍ତି। ଏହି ସବୁ ସଂପର୍କରେ ଗଣମାଧ୍ୟମ ଜନତାଙ୍କୁ ଓ ସମ୍ପୃକ୍ତ ପକ୍ଷଙ୍କୁ ସଚେତନ କରାଇଥାଏ। ଏହି ସୂଚନା ଆଧାରରେ ସାଧାରଣରେ ବିଚାର-ବିମର୍ଶ ହୁଏ ଓ ନିଷ୍କର୍ଷ ବାହାରେ। ସୁଖର କଥା ଗଣମାଧ୍ୟମର ଏହି ଭୂମିକାଟି ଏ ପର୍ଯ୍ୟନ୍ତ ବିଶ୍ୱାସ ହରାଇ ନାହିଁ।

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର: କିଛି କଥା, କିଛି ବ୍ୟଥା

ରଞ୍ଜନ କୁମାର ରାୟ

'ପୁରସ୍କାର' କେବଳ ମଞ୍ଚ ଉପରେ ଝୁଲୁଥିବା ଏକ ମାନପତ୍ର ନୁହେଁ, ହାତରେ ଧରାଯାଉଥିବା ଏକ ପଦକ ନୁହେଁ କିମ୍ବା ଆଲୋକିତ ମଞ୍ଚରେ ଉଚ୍ଚାରିତ କିଛି ପ୍ରଶଂସାର ଶବ୍ଦ ନୁହେଁ; ଏହା ହେଉଛି ସମାଜର କୃତଜ୍ଞତାର ଏକ ସୁନ୍ଦର ଭାଷା ଏବଂ ନିରବରେ ଦୀର୍ଘପଥ ଅତିକ୍ରାନ୍ତ କରିଥିବା ଜଣେ ମଣିଷର ପଦଚିହ୍ନକୁ ସମାଜ ଦେଇଥିବା ସ୍ୱୀକୃତି। ତେଣୁ ଯେତେବେଳେ କୌଣସି ଏକ ପୁରସ୍କାରର ଚୟନ ପ୍ରକ୍ରିୟାକୁ ନେଇ ବିବାଦ ଉଠେ, ସେତେବେଳେ ପ୍ରଶ୍ନ କେବଳ 'କିଏ ପାଇଲା ଓ କିଏ ପାଇଲା ନାହିଁ'ରେ ସୀମିତ ରହେ ନାହିଁ। ପ୍ରଶ୍ନ ଉଠେ ଆମର ମୂଲ୍ୟବୋଧ ଉପରେ, ଆମର ନ୍ୟାୟବୋଧ ଉପରେ ଏବଂ ଆମର ସଂସ୍ଥାଗତ ସ୍ୱଚ୍ଛତା ଉପରେ।

'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ଆମ ରାଜ୍ୟ କ୍ରୀଡ଼ାଜଗତର ଏକ ଗରିମାମୟ ପରିଚୟ। ଏହାପଛରେ ରହିଛି ଅସଂଖ୍ୟ ଖେଳାଳିଙ୍କ ଅବଦାନ, ପ୍ରଶିକ୍ଷକଙ୍କ ତ୍ୟାଗ, ସଂଗଠକଙ୍କ ଶ୍ରମ ଏବଂ କ୍ରୀଡ଼ା ସାମ୍ବାଦିକଙ୍କ ନିରନ୍ତର କଲମ। ଖେଳାଳି ମଇଦାନରେ ଇତିହାସ ରଚନ୍ତି; କିନ୍ତୁ ସେହି ଇତିହାସକୁ ସମାଜର ସ୍ମୃତିରେ ସଂରକ୍ଷିତ କରେ ସାମ୍ବାଦିକଙ୍କ କଲମ। ଜଣେ ଖେଳାଳିଙ୍କ ବିଜୟର ଉଲ୍ଲାସ ହୁଏତ କିଛି ମୁହୂର୍ତ୍ତର; କିନ୍ତୁ ତାହାର କାହାଣୀକୁ ପିଢ଼ି ପରେ ପିଢ଼ି ପହଞ୍ଚାଇବାର ଦାୟିତ୍ୱ ନିଏ ସାମ୍ବାଦିକତା।

ତେଣୁ ଯଦି କ୍ରୀଡ଼ା ସାମ୍ବାଦିକତା ବର୍ଗର ପୁରସ୍କାରକୁ ନେଇ ପକ୍ଷପାତିତା, ସ୍ୱଜନତୋଷ କିମ୍ବା ଅସ୍ୱଚ୍ଛତାର ଅଭିଯୋଗ ଉଠେ, ତେବେ ତାହା ନିଶ୍ଚିତ ଚିନ୍ତାର ବିଷୟ। କିଛି କ୍ରୀଡ଼ା ସାମ୍ବାଦିକଙ୍କ ଅଭିଯୋଗ ହେଉଛି - ଦୀର୍ଘଦଶନ୍ଧି ଧରି ନିଷ୍ଠାର ସହ କାମ କରିଥିବା ଅଭିଜ୍ଞ ଓ ବରିଷ୍ଠମାନଙ୍କୁ ଉପେକ୍ଷା କରି କିଛି ଯୁବ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଇଛି। ଆଉ କେତେକଙ୍କ ଅଭିଯୋଗ - ସୁପାରିସ ପ୍ରକ୍ରିୟାରେ ବ୍ୟକ୍ତିଗତ ପସନ୍ଦ ଓ ଘନିଷ୍ଠତା ପ୍ରଭାବ ପକାଇଛି। ଏହି ଅଭିଯୋଗ ସତ୍ୟ କି ଅସତ୍ୟ, ତାହା ଭାବନା କିମ୍ବା ଅଭିଯୋଗର ତୀବ୍ରତା ଆଧାରରେ ନିର୍ଦ୍ଧାରଣ ହୋଇପାରିବ ନାହିଁ। ସତ୍ୟର ନିଜସ୍ୱ ଏକ ଆଲୋକ ରହିଛି। ତାହାକୁ ଖୋଜିବା ପାଇଁ ଆବଶ୍ୟକ ନିରପେକ୍ଷ ତଦନ୍ତ ଓ ସ୍ୱଚ୍ଛ ପ୍ରକ୍ରିୟା। କିନ୍ତୁ ଏହି ଅଭିଯୋଗ ଆମକୁ ଯେଉଁ ମୌଳିକ ପ୍ରଶ୍ନଟି ପଚାରିବାକୁ ବାଧ କରେ, ତାହା ହେଉଛି - 'ପୁରସ୍କାର ପାଇଁ ଯୋଗ୍ୟତାର ମାପକାଠି କ'ଣ?'

ଏସବୁ ସତ୍ତ୍ୱେ ଆଉ ଏକ ଅପରିହାର୍ଯ୍ୟ ପ୍ରଶ୍ନ ଉଠେ ଯେ ଜଣେ ସାମ୍ବାଦିକଙ୍କ ଯୋଗ୍ୟତା କ'ଣ ତାଙ୍କର ପେସାଦାର ଅଭିଜ୍ଞତା-ବର୍ଷ ସଂଖ୍ୟାରେ ମାପାଯିବ? ନା ତାଙ୍କର କାର୍ଯ୍ୟର ଗୁଣବତ୍ତାରେ? କେବଳ ବରିଷ୍ଠତା ହିଁ ପୁରସ୍କାରର ଅଧିକାର ଦିଏ ନାହିଁ; ସେହିପରି କେବଳ ଯୁବତ୍ୱ ମଧ୍ୟ ପ୍ରତିଭାର ପ୍ରମାଣ ନୁହେଁ। ମୂଳ କଥା ହେଉଛି କିଏ କ୍ରୀଡ଼ାକୁ କେତେ ସମୃଦ୍ଧ କରିଛି, କିଏ ଅଜଣା ପ୍ରତିଭାକୁ ଲୋକଲୋଚନକୁ ଆଣିଛି, କିଏ ଖେଳାଳିଙ୍କ ସଫଳତା ସହିତ ତାଙ୍କର ସଂଘର୍ଷକୁ ମଧ୍ୟ ଲୋକଙ୍କ ସାମ୍ନାରେ ରଖିଛି, କିଏ ଅନ୍ୟାୟ ଓ ଅବ୍ୟବସ୍ଥା ବିରୋଧରେ ପ୍ରଶ୍ନ ଉଠାଇଛି। କ୍ରୀଡ଼ା ସାମ୍ବାଦିକର ମୂଲ୍ୟାୟନର ମାପକାଠି ଏସବୁ ବିଷୟ ହେବା ଉଚିତ।

କ୍ରୀଡ଼ା ସାମ୍ବାଦିକତା କୌଣସି ଆରାମଦାୟକ ପେସା ନୁହେଁ। ସକାଳରୁ ରାତି, ଖରାରୁ ବର୍ଷା - ସାମ୍ବାଦିକ ମଇଦାନର ଧାରରେ ଠିଆ ହୋଇ ଘଟଣାକୁ ଶବ୍ଦ ଦିଅନ୍ତି। କେବେ ଜଣେ ଅପରିଚିତ ଖେଳାଳିଙ୍କ କାହାଣୀ ତାଙ୍କ କଲମରେ ଆଲୋକ ପାଏ; କେବେ ପ୍ରଶାସନର ତ୍ରୁଟି ଉପରେ ତାଙ୍କ ପ୍ରଶ୍ନ ଉଠେ। କେବେ ପରାଜିତ ଖେଳାଳିଙ୍କ ଆଖିର ଲୁହ ତାଙ୍କ ଲେଖାରେ ମାନବୀୟ ଗାଥାରେ ପରିଣତ ହୁଏ। ଏପରି ଏକ ପେସାରେ ଯଦି ପୁରସ୍କାରର ମାନଦଣ୍ଡ ସ୍ପଷ୍ଟ ନ ରହେ, ତେବେ ଅସନ୍ତୋଷ ଜନ୍ମ ନେବା ସ୍ୱାଭାବିକ। ଆଉ ଯେଉଁଠାରେ ଅସନ୍ତୋଷ ରହେ, ସେଠାରେ ସଂସ୍ଥା ନିଜେ ଆଗକୁ ଆସି ସନ୍ଦେହ ଦୂର କରିବା ଉଚିତ। ପୁରସ୍କାରରୁ ବଞ୍ଚିତ ପ୍ରକୃତ ଓ ଯୋଗ୍ୟ ପ୍ରତିଭାର କ୍ଷୋଭ ଓ ରୋଷ ଲୁକ୍କାୟିତ ହୋଇ ରହିଥାଏ।

ଏଠାରେ ସୁପାରିସ ପ୍ରକ୍ରିୟା ମଧ୍ୟ ଆଲୋଚନାର ପରିସରକୁ ଆସୁଛି। ପୁରସ୍କାର ପାଇଁ ନାମ ସୁପାରିସ କଲା ବେଳେ ତାହାର ଆଧାର କ'ଣ - ଏହା ଜାଣିବାର ଅଧିକାର ସମ୍ପୂର୍ଣ୍ଣ ସାମ୍ବାଦିକ ସମାଜର ଅଛି। କେଉଁ ମାନଦଣ୍ଡରେ ନାମ ଚୟନ ହେଲା? କେତେଜଣ ପ୍ରାର୍ଥୀଙ୍କୁ ବିଚାର କରାଗଲା? ଚୟନ ସମୟରେ କୌଣସି ସଦସ୍ୟଙ୍କ ବ୍ୟକ୍ତିଗତ ସମ୍ପର୍କ ସ୍ୱାର୍ଥ-ସଂଘାତ ସୃଷ୍ଟି କରୁଥିଲା କି? ଏସବୁ ପ୍ରଶ୍ନର ଉତ୍ତର ଥିଲେ ହିଁ ସଂସ୍ଥା ପ୍ରତି ବିଶ୍ୱାସ ଅକ୍ଷୁଣ୍ଣ ରହିବ। କାରଣ ଏକାଧିକ ବରିଷ୍ଠ କ୍ରୀଡ଼ା ସାମ୍ବାଦିକଙ୍କୁ ଉପେକ୍ଷା କରି ସ୍ୱଜନତୋଷ କରିବାର ଅଭିଯୋଗ ମଧ୍ୟ ହେଉଛି।

ତଥାପି ଏଠାରେ ଏକ ସନ୍ତୁଳିତ କଥା କହିବା ଆବଶ୍ୟକ। ଯୁବ ସାମ୍ବାଦିକଙ୍କୁ ପୁରସ୍କୃତ କରିବା ପକ୍ଷପାତିତା ନୁହେଁ। ନୂଆ ପିଢ଼ିର କଲମରେ ନୂଆ ଦୃଷ୍ଟି ଥାଏ, ନୂଆ ପ୍ରଯୁକ୍ତିର ବ୍ୟବହାର ଥାଏ, ନୂଆ ପ୍ରଶ୍ନ ଥାଏ। ସେମାନଙ୍କୁ ସମ୍ମାନ ମିଳିବା ଦରକାର। କିନ୍ତୁ ନୂଆ ପିଢ଼ିକୁ ସ୍ୱାଗତ କରିବାର ଅର୍ଥ ପୁରୁଣା ପିଢ଼ିର ଅବଦାନକୁ ଗୌଣ କରି ଦେଖିବା ନୁହେଁ। ଏକ ନଦୀ ତାହାର ଉତ୍ସକୁ ଭୁଲିଗଲେ ପ୍ରବାହର ଅର୍ଥ ହରାଇଥାଏ। ସେହିପରି ଏକ ସାମ୍ବାଦିକ ସଂଘ ବା ସମୁଦାୟ ନିଜର ଅଭିଜ୍ଞ ପିଢ଼ିକୁ ଭୁଲିଗଲେ ତାହାର ଭବିଷ୍ୟତ ମଧ୍ୟ ଦୁର୍ବଳ ହୋଇପାରେ। ବରିଷ୍ଠଙ୍କ ଅଭିଜ୍ଞତା ଓ ଯୁବକଙ୍କ ଉତ୍ସାହ - ଏହି ଦୁଇଟିର ସମନ୍ୱୟରେ ହିଁ ଏକ ସୁସ୍ଥ ସାମ୍ବାଦିକ ପରମ୍ପରା ଗଢ଼ିଉଠେ। ତେଣୁ ଏହି ବିବାଦର ସମାଧାନ 'ବରିଷ୍ଠ ବନାମ ଯୁବ' ନୁହେଁ। ସମାଧାନ ହେଉଛି 'ଯୋଗ୍ୟତା ବନାମ ଅଯୋଗ୍ୟତା'ର ସ୍ପଷ୍ଟ ମାପକାଠି। କିଏ ଯୋଗ୍ୟ, କିଏ ଅଯୋଗ୍ୟ - ତାହା ନିର୍ଣ୍ଣୟ କରୁ ତଥ୍ୟ, କାର୍ଯ୍ୟ ଓ ଅବଦାନ; ବ୍ୟକ୍ତିଗତ ସମ୍ପର୍କ, ଗୋଷ୍ଠୀଗତ ପସନ୍ଦ କିମ୍ବା ପ୍ରଭାବ ନୁହେଁ। ପୁଣି ସବୁଠାରୁ ବଡ଼ କଥା ହେଉଛି ଏବେ ବି କ୍ରୀଡ଼ା ସମ୍ବାଦିକତାରେ ଏକାଧିକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଖୋସାମତି, ଚାପଲୁସି ବା ନିଜର ଫାଇଦା ପାଇଁ କାହାକୁ ପ୍ରଭାବିତ କରନ୍ତି ନାହିଁ କିମ୍ବା ଚାହିଁଲେ ବି କରିପାରନ୍ତି ନାହିଁ। ସେମାନଙ୍କ ପାଇଁ ସ୍ୱାଭିମାନ ବା ଆତ୍ମସମ୍ମାନ ହିଁ ସବୁକିଛି। କିନ୍ତୁ ସେମାନଙ୍କୁ ଏଥିପାଇଁ ମୂଲ୍ୟ ଦେବାକୁ ପଡୁଛି ଏବଂ ଦୀର୍ଘବର୍ଷ ଅର୍ଥାତ ପାଖାପାଖି ଏକ ଦଶନ୍ଧି ଧରି ପୁରସ୍କାରରୁ ବଞ୍ଚିତ ହୋଇ ଆସୁଛନ୍ତି। ଏକଥା ଜାଣି ମଧ୍ୟ ନିଷ୍ପତ୍ତି ନେଉଥିବା ବହୁ ଅଭାବୀ ବ୍ୟକ୍ତି ଚୁପ୍ ରହିବା ସହ ନିଜର ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛନ୍ତି। ତେଣୁ ଯୋଗ୍ୟ ପ୍ରତିଭାଟି 'କିଂକର୍ତ୍ତବ୍ୟବିମୂଢ଼' ହୋଇ ରହିଯାଉଛି।

ସରକାରଙ୍କ ପାଇଁ ମଧ୍ୟ ଏହି ଘଟଣା ଏକ ଆତ୍ମସମୀକ୍ଷାର ଏକ ସୁଯୋଗ ସୃଷ୍ଟି କରିଛି। ଯଦି ଚୟନ ପ୍ରକ୍ରିୟାକୁ ନେଇ ଗମ୍ଭୀର ଅଭିଯୋଗ ଉଠିଛି, ତେବେ ଏହାର ନିରପେକ୍ଷ ସମୀକ୍ଷା ହେଉ। ଚୟନର ମାନଦଣ୍ଡ ସାର୍ବଜନୀନ କରାଯାଉ। ମୂଲ୍ୟାୟନ ପାଇଁ ସ୍ପଷ୍ଟ ପ୍ରଣାଳୀ ରହୁ। ଆବଶ୍ୟକ ହେଲେ କ୍ରୀଡ଼ା, ସାମ୍ବାଦିକତା ଓ ପ୍ରଶାସନ କ୍ଷେତ୍ରର ସମ୍ମାନନୀୟ ଓ ସ୍ୱାଧୀନ ବ୍ୟକ୍ତିମାନଙ୍କୁ ନେଇ ଏକ ନିରପେକ୍ଷ ସମୀକ୍ଷା କମିଟି ଗଠନ କରାଯାଉ। ଆଜି ଯଦି ଜଣେ ବରିଷ୍ଠ ସାମ୍ବାଦିକ ନିଜର ଦଶନ୍ଧିର ପରିଶ୍ରମକୁ ମନେ ପକାଇ ପଚାରନ୍ତି - 'ମୋର କଲମର ମୂଲ୍ୟ କେଉଁଠି?', ତେବେ ତାହାର ଉତ୍ତର ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ଆଉ ଯଦି ଜଣେ ଯୁବ ସାମ୍ବାଦିକ ନିଜ ପ୍ରତିଭାରେ ସମ୍ମାନ ଅର୍ଜନ କରନ୍ତି, ତେବେ ତାଙ୍କର ସଫଳତାକୁ ସନ୍ଦେହର ଛାୟାରେ ରଖିବା ମଧ୍ୟ ଅନ୍ୟାୟ।

ପୁରସ୍କାରର ଅସଲ ଗୌରବ ପୁରସ୍କୃତ ବ୍ୟକ୍ତିରେ ନୁହେଁ, ପୁରସ୍କାର ପ୍ରଦାନର ନିରପେକ୍ଷତାରେ ନିହିତ। ମଞ୍ଚର ଆଲୋକ କିଛି କ୍ଷଣ ପାଇଁ ଝଲମଲ କରେ, କିନ୍ତୁ ନ୍ୟାୟର ଆଲୋକ ଦୀର୍ଘକାଳ ଧରି ଜଳେ। ସେହି ଆଲୋକ ଯଦି ନିର୍ମଳ ରହେ, ପୁରସ୍କାର ଇତିହାସ ହୁଏ; ଯଦି ସେଥିରେ ସନ୍ଦେହର ଛାୟା ପଡ଼େ, ତେବେ ସୁନାର ପଦକ ମଧ୍ୟ ପ୍ରଶ୍ନର ଭାର ବୋହିବାକୁ ପଡ଼ିଥାଏ। କ୍ରୀଡ଼ାର ମଇଦାନରେ ବିଜୟ ଓ ପରାଜୟ ଉଭୟ ସ୍ୱାଭାବିକ। କିନ୍ତୁ ପୁରସ୍କାରର ମଇଦାନରେ ନ୍ୟାୟ ହାରିବା ଉଚିତ ନୁହେଁ। କାରଣ ଜଣେ ଖେଳାଳିଙ୍କ ପରାଜୟ ତାଙ୍କୁ ପରବର୍ତ୍ତୀ ବିଜୟ ପାଇଁ ପ୍ରସ୍ତୁତ କରିପାରେ; କିନ୍ତୁ ଜଣେ ଯୋଗ୍ୟ ସାମ୍ବାଦିକଙ୍କ ମନରେ ଅନ୍ୟାୟର ଅନୁଭବ ଜନ୍ମ ନେଲେ, ତାହା ସମଗ୍ର ବ୍ୟବସ୍ଥା ପ୍ରତି ଆସ୍ଥାକୁ କ୍ଷୟ କରେ। ସେଥିପାଇଁ ଆଜି ଆବଶ୍ୟକ କାହାକୁ ଦୋଷୀ କରିବା ନୁହେଁ, ଆବଶ୍ୟକ ସତ୍ୟକୁ ସାମ୍ନାକୁ ଆଣିବା। ଆବଶ୍ୟକ କାହାରି ସମ୍ମାନ କମାଇବା ନୁହେଁ, ଆବଶ୍ୟକ ପୁରସ୍କାରର ସମ୍ମାନ ବଢ଼ାଇବା। କାରଣ କଲମ ଯେତେବେଳେ କ୍ରୀଡ଼ାର ବିଜୟଗାଥା ଲେଖେ, ସେତେବେଳେ ସେ କେବଳ ଜଣେ ଖେଳାଳିଙ୍କ ଗୌରବ ଲେଖେ ନାହିଁ - ସେ ଏକ ରାଜ୍ୟର ଏକ ଜାତିର ଗୌରବ ଲେଖେ। ସେହି କଲମକୁ ସମ୍ମାନ ଦେବାର ଅର୍ଥ ହେଉଛି ସତ୍ୟ, ନିଷ୍ଠା ଓ ସାମ୍ବାଦିକତାର ମୂଲ୍ୟବୋଧକୁ ସମ୍ମାନ ଦେବା। ପୁରସ୍କାରର ମଞ୍ଚ ଛୋଟ ହୋଇପାରେ, କିନ୍ତୁ ତାହାର ନୈତିକ ଉଚ୍ଚତା ଆକାଶଠାରୁ ବଡ଼ ହେବା ଦରକାର।

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

# ବ୍ୟକ୍ତିଗତ ଚେତନାରୁ ବିଶ୍ୱ ଆଶାର ଅଭିସାର

ମନୋଜ କୁମାର ଶତପଥି

ସୃଷ୍ଟିର ଆଦିଲଗ୍ନରୁ ମଣିଷ ଯେଉଁ ଚିରନ୍ତନ ସତ୍ୟ ଏବଂ ଚରମ ଲକ୍ଷ୍ୟର ସନ୍ଧାନ କରିଆସିଛି, ତାହା ହେଉଛି 'ଶାନ୍ତି'। ଶାନ୍ତି କେବଳ ଯୁଦ୍ଧର ବିରତି କିମ୍ବା କୋଳାହଳର ଅନୁପସ୍ଥିତି ନୁହେଁ; ଏହା ହେଉଛି ଚେତନାର ଏକ ପବିତ୍ର ଅବସ୍ଥା, ଯାହା ବ୍ୟକ୍ତିର ମନରୁ ଆରମ୍ଭ ହୋଇ ସମଗ୍ର ବିଶ୍ୱର ଆକାଶକୁ ବ୍ୟାପିଯାଏ।

ବାରୁଚ ସ୍ପିନୋଜାଙ୍କ ବିଚାରରେ - 'ଶାନ୍ତି କେବଳ ଯୁଦ୍ଧର ଅନୁପସ୍ଥିତି ନୁହେଁ, ବରଂ ଏହା ଆତ୍ମାର ଶକ୍ତିରୁ ଜନ୍ମ ନେଉଥିବା ଏକ ସଦ୍‌ଗୁଣ।' ଶାନ୍ତି କେବଳ ଏକ ବୁଝାମଣା ନୁହେଁ, ଏହା ହେଉଛି ମାନବତାର ସର୍ବଶ୍ରେଷ୍ଠ ନୈତିକ ଗୁଣ। ଆଜିର ଯାନ୍ତ୍ରିକ, ଅସ୍ଥିର ଓ ଉତ୍ତେଜିତ ବିଶ୍ୱରେ ଶାନ୍ତିର ପ୍ରତିଷ୍ଠା କେବଳ ଏକ ରାଜନୈତିକ ବୁଝାମଣା ନୁହେଁ, ବରଂ ଏହା ଏକ ଗଭୀର ଦାର୍ଶନିକ ଓ ନୈତିକ ଆବଶ୍ୟକତା। ଯେତେବେଳେ ଆମେ ମାନବୀୟ ଶାନ୍ତି ଏବଂ ବିଶ୍ୱ ଶାନ୍ତିର କଥା ଚିନ୍ତା କରୁ, ସେତେବେଳେ ଆମକୁ ଚେତନାର ବିଭିନ୍ନ ସ୍ତର ଏବଂ ତା'ର ଶବ୍ଦତାତ୍ତ୍ୱିକ ଅଭିବ୍ୟକ୍ତିଗୁଡ଼ିକୁ ବୁଝିବାକୁ ପଡ଼ିବ।

ମନୁଷ୍ୟ ଜୀବନର ପ୍ରଥମ ସୋପାନ ହେଉଛି ତା'ର ଅନ୍ତଃରାଜ୍ୟ। ବାହାରର କୋଳାହଳକୁ ଜିଣିବା ପୂର୍ବରୁ ମଣିଷକୁ ନିଜ ଭିତରର ଝଡ଼କୁ ଅତିକ୍ରମ କରିବାକୁ ପଡ଼େ। 'ମନଃଶାନ୍ତି' ଏହା ହେଉଛି ଏହାର ପ୍ରାଥମିକ ସୋପାନ। ଯେତେବେଳେ ମନର ଦ୍ୱନ୍ଦ୍ୱ, ଅହଂକାର ଓ ଅନାବଶ୍ୟକ ଚିନ୍ତାଗୁଡ଼ିକର କୋଳାହଳ ଶାନ୍ତ ହୁଏ, ସେତେବେଳେ 'ମନଃଶାନ୍ତି'ର ଉଦୟ ହୁଏ। ଏହା ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟ ଓ ଭାବପ୍ରବଣ ସନ୍ତୁଳନ ପାଇଁ ଅପରିହାର୍ଯ୍ୟ। ମନର ପରବର୍ତ୍ତୀ ସ୍ତର ହେଉଛି ହୃଦୟର ଗଭୀରତା। ବାହାରେ ଯେତେ ପ୍ରତିକୂଳ ପରିସ୍ଥିତି ଥାଉ ନା କାହିଁକି, ଯେତେବେଳେ ଅନ୍ତରର କୋଣରୁ ଏକ ମୃଦୁ, ସ୍ନିଗ୍ଧ ଆଲୋକ ପ୍ରବାହିତ ହୁଏ, ତାହାକୁ 'ଅନ୍ତଃଶାନ୍ତି' କୁହାଯାଏ। ଏହା ବ୍ୟକ୍ତିକୁ ବାହାରର ଆଘାତରୁ ସୁରକ୍ଷା ଦିଏ। ଯେତେବେଳେ ଜଣେ ବ୍ୟକ୍ତି ନିଜର ପ୍ରକୃତ ସ୍ୱରୂପକୁ ଚିହ୍ନିପାରେ ଏବଂ ନିଜ କର୍ମ ଓ ଧର୍ମ ଭିତରେ ସାମଞ୍ଜସ୍ୟ ରକ୍ଷା କରେ, ସେତେବେଳେ ତା'ର ଆତ୍ମା ଦିବ୍ୟ ତୃପ୍ତିଲାଭ କରେ, ଯାହାକୁ 'ଆତ୍ମଶାନ୍ତି' କୁହାଯାଏ। ଏହା ଆଧ୍ୟାତ୍ମିକ ଚେତନାର ଚରମ ବିନ୍ଦୁ।

ବ୍ୟକ୍ତିଗତ ଶାନ୍ତି ଯେତେବେଳେ ସମାଜ ମଧ୍ୟକୁ ପ୍ରବେଶ କରେ, ସେତେବେଳେ ତାହା ନୈତିକତା ଓ ସହାନୁଭୂତିର ରୂପ ନିଏ। ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ ପରସ୍ପର ପ୍ରତି ପ୍ରେମ, କ୍ଷମା ଓ ନ୍ୟାୟବୋଧ ଜରୁରୀ। ତେଣୁ ଯେଉଁ ଶାନ୍ତି କେତେବେଳେ ଅସ୍ଥାୟୀ ନୁହେଁ, ବରଂ ନିତ୍ୟ ଓ ନିରନ୍ତର ତାହା ହିଁ 'ନିତ୍ୟଶାନ୍ତି'। ନୈତିକ ମୂଲ୍ୟବୋଧ ଓ ସଚ୍ଚୋଟତା ଉପରେ ପ୍ରତିଷ୍ଠିତ ସମାଜରେ ହିଁ 'ନିତ୍ୟଶାନ୍ତି'ର ସ୍ଥାୟିତ୍ୱ ମିଳିଥାଏ। ଅପରପକ୍ଷରେ 'ପ୍ରଶାନ୍ତି' ଏକ ଗଭୀର ସନ୍ତୋଷର ଅବସ୍ଥା। ଯେତେବେଳେ ସମାଜର ପ୍ରତ୍ୟେକ ବ୍ୟକ୍ତି ପରସ୍ପରର ଦୁଃଖ-ସୁଖର ସାଥୀ ହୁଅନ୍ତି ଏବଂ ଅସୂୟା ଓ ହିଂସାଠାରୁ ଦୂରେଇ ରୁହନ୍ତି, ସେତେବେଳେ ସାମାଜିକ ବାତାବରଣରେ ଏକ ଶୀତଳ ପ୍ରଶାନ୍ତି ଖେଳିଯାଏ। ଏହି ମୂଲ୍ୟବୋଧଗୁଡ଼ିକ ଆମକୁ ଶିକ୍ଷା ଦିଏ ଯେ, ଅନ୍ୟର ଅଧିକାରକୁ ସମ୍ମାନ ନ ଦେଲେ ଏବଂ ମାନବିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଲେ କେବେହେଁ ସାମାଜିକ ଶାନ୍ତି ପ୍ରତିଷ୍ଠିତ ହୋଇପାରିବ ନାହିଁ।

ଦର୍ଶନଶାସ୍ତ୍ର ଓ ମାନବିକତାବାଦ ମନୁଷ୍ୟକୁ ସଂକୀର୍ଣ୍ଣ ପରିଧିରୁ ବାହାରକୁ ଆଣି ବିଶ୍ୱ-ମୈତ୍ରୀର ପଥ ଦେଖାଏ। 'ବସୁଧୈବ କୁଟୁମ୍ବକମ୍'ର ଭାବନା ଏହି ସ୍ତରରେ ସାକାର ହୁଏ। ଯେତେବେଳେ ମାନବୀୟ ପ୍ରେମ ଓ କରୁଣା ସୀମାହୀନ ହୋଇଯାଏ, ସେତେବେଳେ ମଣିଷ ଭିତରେ ଦିବ୍ୟଗୁଣର ବିକାଶ ହୁଏ ଏବଂ 'ଦିବ୍ୟଶାନ୍ତି'ର ପଥ ଦେଖାଏ। ଏହି 'ଦିବ୍ୟଶାନ୍ତି' ମଣିଷକୁ ସ୍ୱାର୍ଥପରତାରୁ ଊର୍ଦ୍ଧ୍ୱକୁ ଉଠାଇ ବିଶ୍ୱକଲ୍ୟାଣ ପାଇଁ ପ୍ରେରିତ କରେ। ଶେଷରେ ବିଶ୍ୱବ୍ୟାପୀ ସଂଘର୍ଷ, ଯୁଦ୍ଧ ଓ ବିଦ୍ୱେଷର ଅବସାନ ଘଟାଇ ଏକ ବୃହତ୍ତର ମାନବୀୟ ଏକତା ସ୍ଥାପନ କରେ ବା 'ମହାଶାନ୍ତି' ପ୍ରତିଷ୍ଠା କରେ। 'ମହାଶାନ୍ତି' ହେଉଛି ସେହି ଶକ୍ତି, ଯାହା ସମଗ୍ର ମାନବଜାତିକୁ ଗୋଟିଏ ସୂତାରେ ବାନ୍ଧି ରଖିଥାଏ।

ଶାନ୍ତି ଯେତେବେଳେ ସମଗ୍ର ବିଶ୍ୱର ପ୍ରତି କଣିକାରେ ବ୍ୟାପ୍ତ ହୁଏ, ସେତେବେଳେ ତାହା ଚରମ ପରିପୂର୍ଣ୍ଣତା ଲାଭ କରି 'ପରମଶାନ୍ତି' ପ୍ରାପ୍ତ କରେ। ଏହା ଆଧ୍ୟାତ୍ମିକ ଓ ମାନବୀୟ ଚରମ ଉପଲବ୍ଧି। ଯେଉଁଠାରେ କୌଣସି ଅଶାନ୍ତି, ଅସନ୍ତୋଷ କିମ୍ବା ଅଭାବର ବୋଧ ନଥାଏ, ସେଠାରେ 'ପରମଶାନ୍ତି' ପ୍ରାପ୍ତ ହୁଏ। ଏହା ପ୍ରତ୍ୟେକ ଆତ୍ମାର ଚିରନ୍ତନ କାମନା। ଅପରପକ୍ଷରେ ଯାହାକୁ କେହି ଖଣ୍ଡିତ କରିପାରିବେ ନାହିଁ, ଯାହା ସୀମା, ଜାତି, ଧର୍ମ ଓ ବର୍ଣ୍ଣର ପ୍ରାଚୀରକୁ ଭାଙ୍ଗି ସମଗ୍ର ବିଶ୍ୱରେ ଏକ ଅଭିନ୍ନ ବାତାବରଣ ସୃଷ୍ଟି କରେ, ତାହା 'ଅଖଣ୍ଡଶାନ୍ତି'। ଶାନ୍ତିର ସର୍ବୋଚ୍ଚ ଓ ସର୍ବବ୍ୟାପୀ ସ୍ୱରୂପ ହେଉଛି 'ପୂର୍ଣ୍ଣଶାନ୍ତି'। ଯେତେବେଳେ ପ୍ରକୃତି, ମନୁଷ୍ୟ ଓ ପରମସତ୍ତା ଏକାକାର ହୋଇଯାଆନ୍ତି, ସେତେବେଳେ ବିଶ୍ୱରେ 'ପୂର୍ଣ୍ଣଶାନ୍ତି' ପ୍ରତିଷ୍ଠା ହୁଏ।

ଆଜିର ଧ୍ୱଂସମୁଖୀ ଓ ଅଶାନ୍ତ ବିଶ୍ୱରେ ଏହି ସମସ୍ତ ଶାନ୍ତିର ଧାରାକୁ ବ୍ୟକ୍ତିଗତ ଏବଂ ସାମାଜିକ ଜୀବନରେ କାର୍ଯ୍ୟକାରୀ କରିବାର ବେଳ ଆସିଛି। ଯେତେବେଳେ ପ୍ରତ୍ୟେକ ମନରେ 'ମନଃଶାନ୍ତି' ଜାଗ୍ରତ ହେବ, ସେତେବେଳେ ଯାଇ ଧରାପୃଷ୍ଠରେ 'ପୂର୍ଣ୍ଣଶାନ୍ତି' ଓ 'ପରମଶାନ୍ତି'ର ସୂର୍ଯ୍ୟୋଦୟ ହେବ। ଶାନ୍ତି ଏକ ଅନ୍ତଃସଲିଳା ଫଲ୍‌ଗୁଧାରା। ମାନବତାର କଲ୍ୟାଣ ଏବଂ ବିଶ୍ୱର ସ୍ଥାୟୀ ସୁରକ୍ଷା ପାଇଁ ଶାନ୍ତିର ମାର୍ଗ ହିଁ ଏକମାତ୍ର ଭରସା।

ଭାପୁର(ନୟାଗଡ଼)
ମୋ: ୯୯୩୮୫୫୯୫୬୮

# ଦିନ ଯେବେ ୨୫ ଘଣ୍ଟା ହେବ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ବିଶ୍ୱୟକର ମନେ ହେଲେ ହେଁ ଦିନେ ନା ଦିନେ ପୃଥିବୀ ପୃଷ୍ଠରେ ଦିନଟିଏ ୨୫ ଘଣ୍ଟିଆ ହେବ। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ତାହା ଘଟିବାକୁ ଲାଗିବ ପ୍ରାୟ ୨୦୦ ନିୟୁତ ବର୍ଷ। ଏହାର କାରଣ ହେଲା ଯେ ପୃଥିବୀ ସୂର୍ଯ୍ୟକୁ ପରିକ୍ରମା କରୁଥିବା ଅବସରରେ ନିଜ ଅକ୍ଷଦଣ୍ଡ ଚତୁଃପାର୍ଶ୍ୱରେ ନଟୁଟିଏ ଭଳି ଘୂର୍ଣ୍ଣନ କରୁଥାଏ। ଏହାରି ଫଳରେ ସୃଷ୍ଟି ହୁଏ ଦିନରାତି। ବର୍ତ୍ତମାନ ଏଥିପାଇଁ ଲାଗୁଛି ୨୪ ଘଣ୍ଟା ସମୟ। କିନ୍ତୁ ଆଗେ ଏହାର ଘୂର୍ଣ୍ଣନ ବେଗ ଥିଲା ଅଧିକ ଦ୍ରୁତ। ଆଜକୁ ପ୍ରାୟ ୧.୪ ହଜାର ନିୟୁତ ବର୍ଷ ପୂର୍ବେ ତହିଁରୁ ଗୋଟିଏ ଘୂର୍ଣ୍ଣନ ସଂପୂର୍ଣ୍ଣ କରିବାକୁ ଲାଗୁଥିଲା ୧୮ ଘଣ୍ଟା। ପୁନଶ୍ଚ ଧରାପୃଷ୍ଠରେ ଡାଇନୋସରମାନଙ୍କ ରାଜୁତି ଚାଲିଥିଲା ବେଳେ ଅର୍ଥାତ୍ ୨୦୧ ନିୟୁତ ବର୍ଷ ତଳେ ଏ ସମୟ ପ୍ରାୟ ୨୩ ଘଣ୍ଟା ଥିଲା। କଂପ୍ୟୁଟର ଆକଳନ ଅନୁସାରେ ପ୍ରତି ଶହେ ବର୍ଷରେ ଏହା ୧.୭ ରୁ ୨.୩ ମିଲି ସେକେଣ୍ଡ ବଢ଼ି ଚାଲିଛି। ଫଳରେ ଏହା ଆଜି ପହଞ୍ଚିଛି ୨୪ ଘଣ୍ଟାରେ।

ପୃଥିବୀର ଘୂର୍ଣ୍ଣନ ବେଗ ମନ୍ଥର ହେବାର ଏବଂ ସେଥିଯୋଗୁଁ ଦିନ ବଡ଼ ହୋଇ ଚାଲିବାର କେତେଗୁଡ଼ିଏ କାରଣ ରହିଛି। ତନ୍ମଧ୍ୟରୁ ପ୍ରଧାନଗୁଡ଼ିକ ହେଲା ଚନ୍ଦ୍ରର ମାଧ୍ୟାକର୍ଷଣ, ଜଳବାୟୁ ପରିବର୍ତ୍ତନ ହେତୁ ମେରୁ ଅଞ୍ଚଳ ଏବଂ ହିମବାହର ବରଫ ତରଳିବା ଇତ୍ୟାଦି। ପୃଥିବୀର ଘୂର୍ଣ୍ଣନ ଗତି ହ୍ରାସ ପାଇବାର ପ୍ରଥମ କାରଣ ହେଲା ଚନ୍ଦ୍ରର ଆକର୍ଷଣ ଏବଂ ଜୁଆର ଜନିତ ଘର୍ଷଣ। ଚନ୍ଦ୍ରର ଆକର୍ଷଣ ହେତୁ ସାଗର, ମହାସାଗରମାନଙ୍କରେ ଜୁଆର ଆସି ଜଳରାଶି ଫୁଲିଉଠେ। ଅନ୍ୟପକ୍ଷରେ, ପୃଥିବୀର ଚତୁଃପାର୍ଶ୍ୱରେ ଚନ୍ଦ୍ରର ପରିକ୍ରମା କରିବା ବେଗ ତୁଳନାରେ ପୃଥିବୀର ନିଜ ଅକ୍ଷଦଣ୍ଡ ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ ବେଗ ଅଧିକ। ସେଥିପାଇଁ ଏହା ଫୁଲି ଉଠିଥିବା ଜଳରାଶିକୁ ଟିକିଏ ଆଗକୁ ଠେଲିବାକୁ ଲାଗେ। କିନ୍ତୁ ଚନ୍ଦ୍ରର ମାଧ୍ୟାକର୍ଷଣ ଏହାକୁ ପଛକୁ ଟାଣେ। ଏହି ଘୂର୍ଣ୍ଣନ ପ୍ରକ୍ରିୟା ପ୍ରଭାବରେ ଚନ୍ଦ୍ର କ୍ରମେ ଦୂରରୁ ଦୂରକୁ ଠେଲି ହୋଇଯାଏ ଏବଂ ପୃଥିବୀର ଘୂର୍ଣ୍ଣନ ମନ୍ଥର ହେବାକୁ ଲାଗେ। ପ୍ରାୟ ପ୍ରତି ଶହେବର୍ଷରେ ଏହା ଦିନଗୁଡ଼ିକୁ ୧.୭ ରୁ ୨.୩ ମିଲିସେକେଣ୍ଡ ପରିବର୍ଦ୍ଧିତ କରେ। ଅନ୍ୟପକ୍ଷରେ ଚନ୍ଦ୍ର ପ୍ରତିବର୍ଷ ପୃଥିବୀଠାରୁ ପ୍ରାୟ ୩.୮ ସେଣ୍ଟିମିଟର ଦୂରକୁ ଘୁଞ୍ଚି ଘୁଞ୍ଚିଯାଏ।

ଜଳବାୟୁ ପରିବର୍ତ୍ତନ ଏବଂ ମେରୁ ଅଞ୍ଚଳ ତଥା ହିମବାହର ବରଫ ତରଳିବା ଏହାର ଅନ୍ୟତମ କାରଣ। ଏହାଫଳରେ ଜଳ ମେରୁ ଅଞ୍ଚଳରୁ ବିଷୁବ ରେଖା ଆଡ଼କୁ ପ୍ରବାହିତ ହୁଏ। ତେଣୁ ସମୁଦ୍ରର ଜଳରାଶି ମଧ୍ୟ ବୃଦ୍ଧିପାଏ। ଫଳରେ ଏହାର ବସ୍ତୁତ୍ୱ ଅଧିକ ହୁଏ। ଅତଏବ ପୃଥିବୀର ଘୂର୍ଣ୍ଣନ ଜଡ଼ତା ବୃଦ୍ଧିପ୍ରାପ୍ତ ହେବାକୁ ଲାଗେ ଏବଂ ତା'ର ଘୂର୍ଣ୍ଣନ ବେଗ ମନ୍ଥର ହୁଏ। ଏହାବ୍ୟତୀତ ପୃଥିବୀର କେନ୍ଦ୍ରାଞ୍ଚଳରେ ରହିଛି ତରଳ ପଦାର୍ଥ। ଘୂର୍ଣ୍ଣନକାଳରେ ଏହା କିଛିମାତ୍ରାରେ ଗୋଟିଏ ଆଡ଼କୁ ଢଳିଯାଏ। ପୁନଶ୍ଚ ତା' ଉପରକୁ ଥିବା କଠିନ ମେଣ୍ଟିଲ୍ ସହିତ ତାହାର ସଂଘର୍ଷ ଘଟେ। ପୃଥିବୀର ଘୂର୍ଣ୍ଣନ ବେଗ କମ ହେବାର ଏହାର ଅନ୍ୟତମ କାରଣ।

ବଡ଼ ବଡ଼ ଜଳଭଣ୍ଡାର ନିର୍ମାଣକୁ ମଧ୍ୟ ଏଥିପାଇଁ ଦାୟୀ କରାଯାଏ। ଉଦାହରଣ ସ୍ୱରୂପ, ମନେ କରାଯାଏ ଯେ ଚାଇନା ଦ୍ୱାରା ନିର୍ମିତ ୩ଟି 'ଗର୍ଜେସ ଡ୍ୟାମ' ପୃଥିବୀର ଘୂର୍ଣ୍ଣନକୁ ଦୈନିକ ୦.୦୬ ମାଇକ୍ରୋସେକେଣ୍ଡ ହ୍ରାସ କରି ଦେଉଛି ଏହି ଜଳଭଣ୍ଡାରଗୁଡ଼ିକ ପ୍ରାୟ ୪୦ ହଜାର ନିୟୁତ ଘନମିଟର ଜଳ ସମୁଦ୍ର ସ୍ତରଠାରୁ ୧୭୫ ମିଟର ଊର୍ଦ୍ଧ୍ୱରେ ଧାରଣ କରିଛନ୍ତି। ସେଥିପାଇଁ ଏପରି ଘଟୁଛି। ପୃଥିବୀର ଅନ୍ୟାନ୍ୟ ଅନୁରୂପ ଜଳଭଣ୍ଡାରଗୁଡ଼ିକର ମଧ୍ୟ ସେହିପ୍ରକାର ପ୍ରଭାବ ଥିବା ସମ୍ଭବ। ଏଥିସହିତ ଆହୁରି ଅନେକ ଛୋଟ ବଡ଼ କାରଣରୁ ପୃଥିବୀର ଘୂର୍ଣ୍ଣନ ବେଗ ହ୍ରାସ ପାଇବାରୁ ଦିନଗୁଡ଼ିକର ସମୟ ସଂପ୍ରସାରିତ ହେଉଛି। ତେବେ ତାହା ଅତି ଅଳ୍ପ ହୋଇଥିବାରୁ ଆମ ନିତିଦିନିଆ ଜୀବନକୁ ପ୍ରଭାବିତ କରି ପାରୁନାହିଁ। ଅତଏବ ତାହା ବଢ଼ି ବଢ଼ି ୨୫ ଘଣ୍ଟାରେ ପହଞ୍ଚିଲା ବେଳକୁ ଲାଗିଯିବ ଅନେକ ବର୍ଷ। ସେ ସମୟକୁ ପୃଥିବୀରେ ମଣିଷ ପ୍ରଜାତି ଥିବ କି ବିଲୁପ୍ତ ହୋଇ ସାରିଥିବ ତାହା କହି ହେଉନାହିଁ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହିମାଳୟ ବରଫ...

ଇନ୍ଧନର ବ୍ୟବହାର ୯୪% ଦାୟୀ ରହିଛି। ଗବେଷଣା ଅନୁଯାୟୀ, ୨୦୨୩ ବସନ୍ତ ଋତୁରେ ଏହି ସମସ୍ତ କାର୍ଯ୍ୟକଳାପରୁ ନିର୍ଗତ ଉତ୍ତାପ ପ୍ରାୟ ୨,୪୯୨ ଟନ୍ ବରଫ ଓ ତୁଷାରକୁ ତରଳାଇବା ପାଇଁ ଯଥେଷ୍ଟ। ଗତ ୩୨ ବର୍ଷର ଉପଗ୍ରହ ତଥ୍ୟ ଅନୁଯାୟୀ ବେସ୍ କ୍ୟାମ୍ପର ଭୂପୃଷ୍ଠ ତାପମାତ୍ରା ପ୍ରତିବର୍ଷ ୦.୨୮ ଡିଗ୍ରୀ ସେଲସିୟସ ହାରରେ ବୃଦ୍ଧି ପାଉଛି। ଏହା ଅନ୍ୟ ପାର୍ଶ୍ୱବର୍ତ୍ତୀ ବରଫ ପର୍ବତର ତାପମାତ୍ରା ବୃଦ୍ଧି ହାର ତୁଳନାରେ ପ୍ରାୟ ୨ ଗୁଣ ଅଧିକ। ଏହି ସଙ୍କଟରୁ ରକ୍ଷା ପାଇବା ପାଇଁ ଗବେଷକମାନେ ବେସ୍ କ୍ୟାମ୍ପର କିଛି ଅଂଶକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ପରାମର୍ଶ ଦେଇଛନ୍ତି।

## ଜଟିଳ ହେଉଛି...

ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକାଶ ସିଂ ଗାଇଡ୍‌ଲାଇନ୍ସର କେଉଁଠି ଉଲଙ୍ଘନ ହୋଇଛି କି ନାହିଁ ସେ କୋର୍ଟଙ୍କୁ ଜଣାଇସାରିଛନ୍ତି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୬ ତାରିଖରେ ପୂର୍ବତନ ସ୍ଥାୟୀ ପୁଲିସ ଡିଜି ୱାଇ.ବି ଖୁରାନିଆ ଅବସର ନେଇଥିଲେ। ଏହା ପୂର୍ବରୁ ରାଜ୍ୟ ସରକାର କିଛି ହାତ ଗଣତି ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାମ ୟୁପିଏସ୍‌ସିକୁ ପଠାଇଥିଲେ। ୟୁପିଏସ୍‌ସି ଏମାନଙ୍କ ମଧ୍ୟରୁ ୩ଟି ନାମ ରାଜ୍ୟ ସରକାରଙ୍କ ପାଖକୁ ପଠାଇଥାନ୍ତା। ଏହି ୩ଟି ନାମ ମଧ୍ୟରୁ ଜଣଙ୍କ ନାମକୁ ରାଜ୍ୟ ସରକାର ସ୍ଥାୟୀ ପୁଲିସ ଡିଜି ଭାବେ ଘୋଷଣା କରିଥା'ନ୍ତେ। ହେଲେ ଅଗଷ୍ଟ ପ୍ରଥମ ସପ୍ତାହରେ ୟୁପିଏସ୍‌ସି ଭବନରେ ଓଡ଼ିଶା ଡିଜି ଚୟନକୁ ନେଇ ଏକ ବୈଠକ ଡକାଯାଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଣଙ୍କ ନାମ କାଢି ନେବାକୁ ନେଇ ବୈଠକରେ କୁହାଯାଇଥିବା ଚର୍ଚ୍ଚା ଆରମ୍ଭ ହେଲା। ଏହାପରେ ସୁପ୍ରିମ୍‌କୋର୍ଟରେ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା (ପିଆଇଏଲ୍) ଫାଇଲ୍ କରିଥିଲେ। ଯେଉଁଥିରେ ଦର୍ଶାଯାଇଥିଲା ଯେ ରାଜ୍ୟ ସରକାର ପ୍ରକାଶ ସିଂ ଗାଇଡ୍‌ଲାଇନ୍‌କୁ ଉଲଙ୍ଘନ କରି ନିଜ ମନମୁତାବକ ଜଣେ ଆଇପିଏସ୍ ଅଫିସରଙ୍କୁ ଡିଜି କରାଇବାକୁ ଯୋଜନା କରିଛନ୍ତି। ଶୁଣାଣି ନ ହେବା ପର୍ଯ୍ୟନ୍ତ କୋର୍ଟ ଡିଜି ଚୟନ ପ୍ରକ୍ରିୟାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୁପ୍ରିମକୋର୍ଟ ଡିଜିପି ଚୟନ ଉପରେ ରୋକ ଲଗାଇଥିଲେ ଏବଂ ଅଗଷ୍ଟ ୧୬ରେ ପୂର୍ବତନ ଡିଜିଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ରାଜ୍ୟ ସରକାର ବିନୟତୋଷ ମିଶ୍ରଙ୍କୁ କାର୍ଯ୍ୟକାରୀ ଡିଜି ଭାବେ ନିଯୁକ୍ତି ଦେଇଛନ୍ତି।

## ଫେବୃଆରୀ-ମାର୍ଚ୍ଚରେ...

କରାଯିବ। ଏଭଳି ସୂଚନା ମିଳିବା ପରେ ସମସ୍ତ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଜେପିର ଉତ୍ତରପ୍ରଦେଶ ପ୍ରଭାରୀ ତାୱଡ଼େ ଆଜି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡ଼ିଛି।

## ୯ରେ ଲୋକଭବନ...

ଓଡ଼ିଶାର ପ୍ରାପ୍ୟ ବକେୟା ବାବଦକୁ ୧ ଲକ୍ଷ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ବାବଦକୁ ପ୍ରାୟ ୧୨ ହଜାର କୋଟି ଟଙ୍କା ହରାଇବ। ଏକତରଫା ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତି ଦେଶର ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ। ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ପାଇଁ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରାଯିବ। ସମ୍ବିଧାନର ଧାରା ୧୭୪ ଅନୁଯାୟୀ ମାନ୍ୟବର ରାଜ୍ୟପାଳ ସ୍ୱତନ୍ତ୍ର ଅଧିବେଶନ ଡାକି ପାରିବେ। ଏହାଛଡା ସମ୍ବିଧାନର ଧାରା ୨୪୪(୧)ର ସିଡ୍ୟୁଲ ୫ ଅନୁଯାୟୀ ରାଜ୍ୟର ଜନଜାତି ମାନଙ୍କର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ରାଜ୍ୟପାଳଙ୍କ ଦାୟିତ୍ୱ ରହିଛି। ଖଣି ଅଞ୍ଚଳରେ ବାସ କରୁଥିବା ଜନଜାତି ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ାଯିବ। ଏତଦ୍‌ବ୍ୟତୀତ ଆଗାମୀ ଦିନରେ ଏହି ଆଇନର ପ୍ରତ୍ୟାହାର ଦାବି ନେଇ ବିଜୁ ଜନତା ଦଳ ରାଜ୍ୟବ୍ୟାପୀ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ବିଜେଡିର ଏହି ନେତାମାନେ ପ୍ରକାଶ କରିଛନ୍ତି।

## ୯ରୁ ରାଜ୍ୟରେ...

ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଏହି ସପ୍ତାହରେ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି। ୯-୧୦ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ପରେ ୧୦-୧୧ରେ ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ପଶ୍ଚିମ-ମଧ୍ୟ ବଙ୍ଗୋପସାଗର ଓ ଏହାର ନିକଟବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ, ଓଡ଼ିଶା ଉତ୍ତର ଆନ୍ଧ୍ର ଉପକୂଳ ନିକଟରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପରବର୍ତ୍ତୀ ସମୟରେ ସୁଦୃଶ୍ୟ ଲଘୁଚାପରେ ମଧ୍ୟ ପରିଣତ ହୋଇପାରେ। ଏହି ଲଘୁଚାପ ପଶ୍ଚିମରୁ ଉତ୍ତର-ପଶ୍ଚିମ ଦିଗରେ ଓଡ଼ିଶା ଦେଇ ଛତିଶଗଡ଼ ଓ ମଧ୍ୟ ଭାରତ ଆଡ଼କୁ ଗତି କରିପାରେ। ଏବେ ମୌସୁମୀ ସକ୍ରିୟ ରହିଛି ଏବଂ ବଙ୍ଗୋପସାଗରରୁ ପ୍ରଚୁର ଜଳୀୟ ବାଷ୍ପ ଆସୁଛି। ତେଣୁ ଲଘୁଚାପ ଯୋଗୁଁ ବର୍ଷା ବଢ଼ିବାର ସଙ୍କେତ ମିଳୁଛି। ଏହି ଲଘୁଚାପ ପ୍ରଭାବରେ ୯-୧୨ ତାରିଖ ପର୍ଯ୍ୟନ୍ତ ବର୍ଷା ହୋଇପାରେ। ପ୍ରଥମେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଆଖପାଖ ଉତ୍ତର ଏବଂ ଉତ୍ତର ଉପକୂଳ ଜିଲ୍ଲାରେ ବର୍ଷା ଅଧିକ ହୋଇପାରେ। ପରେ ଉପକୂଳ, କେନ୍ଦ୍ରୀୟ ଓଡ଼ିଶା ଏବଂ ପରେ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ବଢ଼ିପାରେ। ଏହା ପରେ ୧୭-୨୦ ସେପ୍ଟେମ୍ବର ମଧ୍ୟରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ତେଣୁ ୧୯-୨୧ ସେପ୍ଟେମ୍ବର ବେଳକୁ ଓଡ଼ିଶାରେ ପୁଣି ବର୍ଷା ବଢ଼ିପାରେ। ଗତ ୨୪ଘଣ୍ଟାରେ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ସର୍ବାଧିକ ବର୍ଷା ମୟୂରଭଞ୍ଜ ଜିବି ନଗର ଠାରେ ୬୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ବର୍ଷା କମିବା ସହ ଆକାଶ ନିର୍ମଳ ରହୁଥିବାରୁ ସେହିପରି ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ସର୍ବାଧିକ ୩୭.୬ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ଚଳିତବର୍ଷ ମୌସୁମୀ ଋତୁ ଆରମ୍ଭରୁ ଗତ ଜୁନ ୧ ତାରିଖରୁ ଏଯାବତ ସମୁଦାୟ ୧୧୭୯.୭ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷାର ପରିମାଣ ୯୮୪.୯ ମିମି ତୁଳନାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ୨୦ ପ୍ରତିଶତ ଅଧିକ ରହିଛି। ଏହାସହ ୧୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରହିଥିବା ବେଳେ ୧୬ଟି ଜିଲ୍ଲାରେ ଅତ୍ୟଧିକ ବର୍ଷା ସହ ଓ ଗୋଟିଏ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ଏବେବି ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି।

## ଶକ୍ତି, ପାନୀୟ ଜଳ..

ରାଜ୍ୟରେ ୪୦୦ କେଭି ଗ୍ରୀଡ ସବଷ୍ଟେସନ ସଂଖ୍ୟା ୫ରୁ ବୃଦ୍ଧି ପାଇଁ ୧୩ରେ ପହଞ୍ଚିବ। ଏହି ଯୋଜନା ଅଧିନରେ କ୍ୟାବିନେଟ ଆଉ ୧୦ଟି ଗ୍ରୀଡ ସବ-ଷ୍ଟେସନ ନିର୍ମାଣକୁ ଅନୁମୋଦନ ଦେଇଛନ୍ତି। ଫଳରେ ରାଜ୍ୟରେ ୨୨୦ କେଭି ଗ୍ରୀଡ ସବଷ୍ଟେସନ ସଂଖ୍ୟା ୪୮ରୁ ୭୫କୁ ବୃଦ୍ଧି ପାଇଛି। ଏହି ଯୋଜନା ଅଧିନରେ ସୌର ଶକ୍ତି ନିଷ୍କାସନ, ଟ୍ରାନ୍ସମିସନ ଲାଇନଗୁଡ଼ିକର ଏଆଇ ଆଧାରିତ ରକ୍ଷାଣାବେକ୍ଷଣ, ସବ-ଷ୍ଟେସନ ଗୁଡ଼ିକର ଉନ୍ନତିକରଣ, ଟ୍ରାନ୍ସଫର୍ମେସନ କ୍ଷମତା ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି କ୍ୟାବିନେଟରେ ସଂଶୋଧିତ ବିଜୁ ଜଗବନ୍ଧୁ ଗ୍ରାମ୍ୟ ବସତିଗୁଡ଼ିକୁ ସୁନିଶ୍ଚିତ ପାନୀୟ ଜଳ ଯୋଗାଣ(ବସୁଧା) ଯୋଜନାକୁ ଅନୁମୋଦନ ମିଳିଛି। ମୋଟ ୫୦୪୫ କୋଟି ଟଙ୍କାର ରାଜ୍ୟ ପାଣ୍ଠି ବ୍ୟୟବରାଦ ସହ ଏହି ଯୋଜନା ୨୦୨୬-୨୭ରୁ ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ବସୁଧା ଯୋଜନାରେ ପୂର୍ବରୁ ବାଦ୍ ପଡ଼ିଥିବା ଜନସବସତି, ଅସମ୍ପୂର୍ଣ୍ଣ ପ୍ରକଳ୍ପ, ଭିତ୍ତିଭୂମି ଅଭାବ, ଗୁଣବତ୍ତା ସମ୍ବନ୍ଧୀୟ ସମସ୍ୟାର ସମାଧାନ କ୍ଷେତ୍ରରେ ସଂଶୋଧିତ ବସୁଧା ଯୋଜନା କାର୍ଯ୍ୟକାରୀ ହେବ। ଅପରପକ୍ଷେ କ୍ୟାବିନେଟରେ ସୌର ଏବଂ ଅଣ ସୌର ପମ୍ପ ବ୍ୟବସ୍ଥା ସହ ଗଭୀର ନଳକୂପ ମାଧ୍ୟମରେ ଜଳସେଚନ କ୍ଷମତା ସୃଷ୍ଟି ନାମକ ଏକ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ୧୫ ହଜାରଟି ଗଭୀର ନଳକୂପ ପ୍ରକଳ୍ପ ସ୍ଥାପନ ହେବାକୁ ଥିବାବେଳେ ୭୫୦୦୦୦ ହେକ୍ଟର ଜଳସେଚନ କ୍ଷମତା ସୃଷ୍ଟି ହେବ। ୨୦୨୬-୨୭ରୁ ୨୦୩୦-୩୧ ମଧ୍ୟରେ ୫ ବର୍ଷ ପାଇଁ ୮୬୫୩ କୋଟି ଖର୍ଚ୍ଚ ହେବାକୁ ଥିବାବେଳେ ଏହା ରାଜ୍ୟର ୨୬ଟି ଜିଲ୍ଲା ଏବଂ ୨୫୬ ବ୍ଲକରେ କାର୍ଯ୍ୟକାରୀ ହେବ। ସେହିପରି ନିର୍ମାଣ ବିଭାଗ ଅଧିନରେ ରାସ୍ତାର ସୁଦୃଢ଼ୀକରଣ, ପ୍ରଶସ୍ତିକରଣ ସହ ୨ଲେନରୁ ୪ ଲେନ ସମ୍ପ୍ରସାରଣ ସମ୍ପର୍କିତ ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ଦେଇଛି କ୍ୟାବିନେଟ। ସମସ୍ତ ପ୍ରକଳ୍ପ ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିପାଇଁ ୭୯୮ କୋଟି ୫୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ବର୍ତ୍ତମାନ କ୍ୟାବିନେଟ ଏହି ୪ ପ୍ରକଳ୍ପ ପାଇଁ ଆଶୀର୍ବାଦ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକସନର ସର୍ବନିମ୍ନ ଟେଣ୍ଡର ୫୩୮.୫୧ କୋଟି ଟଙ୍କାର ଟେଣ୍ଡରକୁ ଅନୁମୋଦନ ଦେଇଛନ୍ତି। ଅପରପକ୍ଷେ କ୍ୟାବିନେଟରେ ଓଡ଼ିଶା କୃଷି ସେବା କ୍ୟାଡରର ପୁନର୍ଗଠନ, ଓଡ଼ିଶା ମୃତ୍ତିକା ସଂରକ୍ଷଣ ସେବା କ୍ୟାଡରର ପୁନର୍ଗଠନ, ଓଡ଼ିଶା ଉଦ୍ୟାନ କୃଷି ସେବା କ୍ୟାଡରର ପୁନର୍ଗଠନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ଅନୁମୋଦନ ପରେ ଉଦ୍ୟାନ କୃଷି ସେବା କ୍ୟାଡରର ମଞ୍ଜୁରୀପ୍ରାପ୍ତ କ୍ୟାଡର ସଂଖ୍ୟା ୪୦୩ରୁ ୪୭୦କୁ ବୃଦ୍ଧି ପାଇଛି। ତେବେ ପୁନର୍ଗଠନ ପରେ ଓଡ଼ିଶା କୃଷି ସେବା କ୍ୟାଡରର ମୂଳ ପଦବୀ ସହକାରୀ ଅଧିକାରୀର ମଞ୍ଜୁରିପ୍ରାପ୍ତ ପଦବୀ ସଂଖ୍ୟା ୭୮୯ରୁ ୭୦୦କୁ ହ୍ରାସ କରାଯାଇଛି। ଏହାସହ ମୃତ୍ତିକା ସଂରକ୍ଷଣ ସେବା କ୍ୟାଡରର ଅନୁମୋଦିତ ପଦସଂଖ୍ୟା ୩୧୯ ଅପରିବର୍ତ୍ତିତ ରହିଛି। ଅନ୍ୟ ଏକ ନିଷ୍ପତ୍ତିକ୍ରମେ ରାଜ୍ୟ ସରକାର ପଞ୍ଚସଖା ଶିକ୍ଷା ସେତୁ ଯୋଜନାକୁ ୨୦୨୪-୨୫ରୁ ୨୦୨୮-୨୯ ଅର୍ଥାତ୍ ୫ ବର୍ଷ ଯାଏଁ ବୃଦ୍ଧି କରିଛନ୍ତି। ଏଥିପାଇଁ ୩୧୨ କୋଟି ୯୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ସେହିପରି ଭାବେ କ୍ୟାବିନେଟରେ ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୬କୁ ମଧ୍ୟ ଅନୁମୋଦନ ମିଳିଛି। ୨୦୨୫ ଆଇନ ଉପରେ ଆଧାରିତ ଜନ ବିଶ୍ୱାସ ବିଲ୍ ୨.୦ ଅପରାଧୀମୁକ୍ତୀକରଣଠାରୁ ଆଗକୁ ବଢ଼ି ଲାଇସେନ୍ସିଂ ଏବଂ ଅନୁମତି ଆବଶ୍ୟକତାର ସରଳ କରିବା, ଓଭରଲାପିଂ, ଅନୁମୋଦନଗୁଡ଼ିକର ଦୂର କରିବା, ଶିଳ୍ପ ଲାଇସେନ୍ସ ଏବଂ ପଞ୍ଜୀକରଣ ପାଇଁ ଅଧିକା ବୈଧତା ଅବଧି ପ୍ରଚଳନ କରିବା ଆଦି ସାମିଲ ରହିଛି।

ଅପରପକ୍ଷେ ରାଜ୍ୟ କ୍ୟାବିନେଟ ଓଡ଼ିଶାର ଜଳସେଚନ ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟଟନ ସୁବିଧାର ବିକାଶ(ବୋଇତ)କୁ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ଐତିହ୍ୟର ସଂରକ୍ଷଣ ଓ ପୁନରୁଦ୍ଧାର ଦ୍ୱାରା ପାରମ୍ପରିକ ଜଳ ପରିଚାଳନା ପ୍ରଣାଳୀର ସୁରକ୍ଷା, ସାଧାରଣ ଜଳସଚେତନତାର ବୃଦ୍ଧି ଏବଂ ଓଡ଼ିଶାର ସ୍ୱତନ୍ତ୍ର ଐତିହାସିକ ପରିଚୟର ସଂରକ୍ଷଣ ସମ୍ଭବ ହେବ। ଏଥିପାଇଁ ୫ ବର୍ଷରେ ୬୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଶ୍ରୀ ଜଗନ୍ନାଥ ମନ୍ଦିର ଭୂମି ପ୍ରବନ୍ଧନ ନିୟମ, ୨୦୨୬ ପ୍ରଣୟନ ଦ୍ୱାରା ଶ୍ରୀ ଜଗନ୍ନାଥ ମନ୍ଦିରର ବ୍ୟବସ୍ଥାପନକୁ ଅଧିକ ସ୍ୱଚ୍ଛ, ସୁବ୍ୟବସ୍ଥିତ ଓ ଡିଜିଟାଲ ପ୍ରଣାଳୀ ଅଭିମୁଖୀ କରାଯାଇଛି। ଏହି ନିୟମ ଅଧିନରେ ଅନଲାଇନ ପୋର୍ଟାଲ ମାଧ୍ୟମରେ ଭୂ-ବ୍ୟବସ୍ଥା ଆବେଦନ ଗ୍ରହଣ, ଯାଞ୍ଚ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ। ସେହିପରି ଭାବେ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନିୟମାବଳୀ, ୨୦୨୫ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଓଡ଼ିଶା ଅମଲା ସେବା ନିୟମାବଳୀ, ୨୦୨୬ର ପ୍ରଣୟନକୁ ମଧ୍ୟ ଅନୁମୋଦନ ଦେଇଛି।

## କାର୍ଯ୍ୟକାରିଣୀକୁ...

ଦିଆଯାଉଛି ବୋଲି ସେ ଅନୁଭବ କରୁଛନ୍ତି। ସେଥିପାଇଁ ସେ କାର୍ଯ୍ୟକାରିଣୀକୁ ଆସିପାରିନଥାନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

ପୂର୍ବ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକାରିଣୀ ଚାଲୁଥିବା ସମୟରେ ବରଗଡରେ ଏକାଧିକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତେବେ ରାଜ୍ୟରେ ଦଳର ନୀତି ନିର୍ଦ୍ଧାରଣ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଧର୍ମେନ୍ଦ୍ର ଯେ ବିନା କାରଣରେ ବୟକଟ କରିଥିବେ, ତାହା କେହି ବିଶ୍ୱାସ କରିପାରୁ ନାହାନ୍ତି। ତାଙ୍କ ଅନୁପସ୍ଥିତିକୁ ଦଳରେ ଚାଲିଥିବା ଛକାପଞ୍ଝା ରାଜନୀତି ସହ ରାଜନୈତିକ ସମୀକ୍ଷକମାନେ ଯୋଡୁଥିବା ଦେଖାଯାଉଛି । ସେହିପରି ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ମଧ୍ୟ କାର୍ଯ୍ୟକାରିଣୀରେ ଅନୁପସ୍ଥିତ ଥିବା ଦେଖାଯାଇଛି । ଗତ ରାଜ୍ୟସଭା ନିର୍ବାଚନ ସମୟରେ ଦିଲ୍ଲୀପଙ୍କୁ ଦଳ ବୋଧହୁଏ ସ୍ୱାଧୀନ କରି ଦେଇଥିବାରୁ ସେ ସମ୍ଭବତଃ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେବାକୁ ଉଚିତ୍ ମଣିନାହାନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି। କେବଳ ଦିଲ୍ଲୀପ ନୁହନ୍ତି, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମଧ୍ୟ ବୈଠକରେ ଯୋଗ ଦେଇ ନ ଥିବା ସୂଚନା ମିଳିଛି ।

କେନ୍ଦ୍ରାପଡା ସାଂସଦ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ୍ୟ କାର୍ଯ୍ୟକାରିଣୀ ବୈଠକକୁ ଆସିନାହାନ୍ତି। ଦୀର୍ଘଦିନ ହେଲା ଯୋଗଦାନ କରିଥିଲେ ହେଁ ଶ୍ରୀ ପଣ୍ଡାଙ୍କୁ ବିଜେପି ଶୀର୍ଷ ନେତୃତ୍ୱ ପୁଣିଥରେ ଉପାଧ୍ୟକ୍ଷ ପଦବୀରେ ଥଇଥାନ କରିଛନ୍ତି। ଯାହାକୁ ନେଇ ବୈଜୟନ୍ତ ଅସନ୍ତୁଷ୍ଟ ଥିବା କୁହାଯାଉଛି। ଏପରିକି ରାଜ୍ୟରେ ବିଜେପି ସରକାର ଥିଲେ ହେଁ ତାଙ୍କୁ ବିଶେଷ ଗୁରୁତ୍ୱ ମିଳୁନାହିଁ। ଏହା ତାଙ୍କର ଅନୁପସ୍ଥିତିର କାରଣ ହୋଇପାରିଥାଏ ବୋଲି ସାଧାରଣରେ ସନ୍ଦେହ କରାଯାଉଛି। ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ତୀବ୍ର ଅନ୍ତକନ୍ଦଳ ବାହାକୁ ଜଳଜଳ ଦିଶୁଛି। ଏକାଧିକ ସାଂସଦ, ବିଧାୟକ ଉଭୟ ସରକାର ଓ ସଂଗଠନ ଉପରେ ଖୁସି ନଥିବା ଆଲୋଚନା ହେଉଛି ।

## କ୍ୟାସିୟରଙ୍କ ମୁଣ୍ଡରେ...

ବ୍ୟାଙ୍କରେ ଥିବା ୩/୪ ଜଣ ଗ୍ରାହକଙ୍କୁ ବନ୍ଧୁକ ମୁନରେ ଧମକ ଦେଇ ବ୍ୟାଙ୍କର ପଛ ପଟ ଦ୍ୱାର ଦେଇ ଚମ୍ପଟ ମାରିଥିଲେ।

ତେବେ ମୋଟ ୩ ଜଣ ଦୁର୍ବୃତ୍ତ ଏକ ବୁଲେଟ୍‌ରେ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ବ୍ୟାଙ୍କ ପଛପଟେ ଅପେକ୍ଷା କରିଥିବାବେଳେ ଅନ୍ୟ ଜଣେ ସଶସ୍ତ୍ର ଲୁଟେରା ମୁଖା ପିନ୍ଧି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଲୁଟ୍ ପରେ ବନ୍ଧୁକଧାରୀ ଦୁର୍ବୃତ୍ତ ବାହାରକୁ ଆସି ପୂର୍ବରୁ ଅପେକ୍ଷା କରିଥିବା ତା'ର ଦୁଇ ସହଯୋଗୀଙ୍କ ସହ ବୁଲେଟ୍‌ରେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ମାତ୍ର ଏନେଇ କିଛି ସ୍ପଷ୍ଟ ହୋଇନଥିବାବେଳେ ଖବର ପାଇ ସଦର ପୁଲିସ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି। ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସମେତ ଅତିରିକ୍ତ ଏସ୍‌ପି କୃଷ୍ଣ ପ୍ରସାଦ ମିଶ୍ର, ଶାନ୍ତା ନୂତନ ସାମଦ, ସଦର ଥାନା ଆଇଆଇସି ସୌଦାମିନୀ ନାଗ, ଟାଉନ ଥାନା ଆଇଆଇସି ସୁଶାନ୍ତ ପରିଡ଼ା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଛନ୍ତି। ଅଭିଯୁକ୍ତ ଯେଉଁ ରାସ୍ତା ଦେଇ ଫେରାର ହୋଇଥିଲା ସେହି ରାସ୍ତାର ଦୋକାନ ଏବଂ ଘର ବାହାରେ ଲାଗିଥିବା ସିସିଟିଭି ଫୁଟେଜକୁ ପୁଲିସ ଯାଞ୍ଚ କରୁଛି।

## ଏଫ୍‌ସିଆଇ ଅଧିକାରୀଙ୍କଠାରୁ ବଟି ଆଦାୟ ମାମଲା: ୩ କୋର୍ଟ ଚାଲାଣ

ଭବାନୀପାଟଣା,୭।୯(ସମିସ): ଜଣେ ସରକାରୀ ଅଧିକାରୀଙ୍କୁ ଭୟଭୀତ କରି ବଟିନେବା ଘଟଣାରେ ୩ ଜଣଙ୍କୁ ପୁଲିସ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି। ଏହି ଘଟଣା କଳାହାଣ୍ଡି ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଗିରଫ ବ୍ୟକ୍ତି ଜୁନାଗଡ଼ ଅଞ୍ଚଳର ଦୁଷ୍ମନ୍ତ ପଣ୍ଡା ଓ ଅନୀଲ ପଣ୍ଡା ହୋଇଥିବାବେଳେ ଅନ୍ୟଜଣେ ନିରଞ୍ଜନ ଶତପଥୀ ଓରଫ କାଳିଆ ବୋଲି ଜଣାପଡ଼ିଛି। ଗତ ୫ ତାରିଖରେ ଜୁନାଗଡ଼ ଏଫ୍‌ସିଆଇର ଅଧିକାରୀଙ୍କୁ ସେମାନେ ଭୟଭୀତ କରି ୫୦ ହଜାର ଟଙ୍କା ବଟି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ସମ୍ପୃକ୍ତ ଅଧିକାରୀ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଏତଲା ଦେବାପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ତଦନ୍ତ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେହିପରି ବଟି ନେଇଥିବା ୫୦ ହଜାର ଟଙ୍କାଙ୍କୁ ପୁଲିସ ଜବତ କରିଥିବା ସୂଚନା ମିଳିଛି। ତେବେ ଏଫସିଆଇର ଅଧିକାରୀ ଜଣକ କାହିଁକି ଭୟଭୀତ ହେଲେ ଏବଂ ଟଙ୍କା ଦେଇ ଥାନାରେ ଜଣାଇବା ରହସ୍ୟରୁ ମଧ୍ୟ ପରଦା ଉଠିବା ଉଚିତ୍ ବୋଲି ମତପ୍ରକାଶ ପାଇଛି।


**AFFIDAVIT**

By virtue of an affidavit No.: 3546, Dated: 1/9/2026 sworn before Executive Magistrate, Banpur, declare that I, Sadasiba Mohapatra, S/o.: Suresh Mohapatra, At: Lalitapatapura, PO.: Lendo, P.S.: Nirakarpur, Dist.: Khordha, PIN- 752019 Odisha, that I have changed my name from Siva Mohapatra to Sadasiba Mohapatra. Henceforth I shall be known as **Sadasiba Mohapatra** for all purposes.

**SD/- Sadasiba Mohapatra**

**Notice (forMinor)**

By virtue of an affidavit sworn before Notary Public, Borigumma, dated 05-09-2026 I SRIDHAR RATH, At/Po-Borigumma, Dist - Koraput, Odisha, Pin-764056 declare that I have changed the name of My son from DUVDUTTA RATH to DEVDUTTARATH. Henceforth, He shall be known as **DEVDUTTA RATH** for all purposes.

**SRIDHAR RATH**

**AFFIDAVIT**

I, JITENDRA KUMAR PALLAI aged about 38 years, S/O.: PURNACHANDRA PALLAI, AT/PO: NAMATARA, RAJKANIKA, DIST.: KENDRAPARA-755016, ODISHA, declared by this Affidavit No.: 1826/2026 Dated.: 03.09.2026, hat now onwards I shall Be Known As **JITENDRA PALLAI** for all future Purposes.

**LOST**

I, **Nageswar Sahu,** son of Badrika Prasad Sahu, aged 41 years, R/O At/P.O.-Dava, P.S/Tah-Jharbandh. Bargarh pin code 768042 declare that I along with my brother Ashok Sahu have purchased land of Khata no. 152/5, Plot No. 237/1943, Area Ac.0.33dc.-kisam Ma.Sa. from its owner Madhuru Sahu son of Bhuru Sahu. its original previous link deed ROR bearing Khata No. 152/5 of Mouza Dava recorded in the name of Madhuru Sahu son of Bhuru Sahu which was handed over to me by aforesaid Madhuru Sahu was lost some where on dt. 25.8.2026 when I was going from Dava to Jharbandh. Further I declare that I have never mortgaged the above noted link RORs in any Bank, F.I.. Now I am applying for a loan from Odisha Grameen Bank branch At Dava, P.O. Dava, P.S./Tahasil Jharbandh, Dist. Bargarh by mortgaging the property. If anybody has any objection may kindly draw notice before abovementioned Bank.

10001/521/2627

**ZILLA SWASTHYA SAMITI, KENDRAPARA**
(Department of Health & FW, Govt. of Odisha)

Notice. No. **4651** / DPMUKDP    Date: **05.09.2026**

**NOTICE**

In continuation to this Office Advt. No. 4561/ DPMUKDP Dated. 01.09.2026, the Walk-in-interview for In-house Recruitment of **ANM- RBSK (ST-4, SC-2), Pharmacist- RBSK (ST-2, SC-1) & RMNCH/ FP Counselors re-designated as Counselor under NHM, Kendrapara** which is scheduled to be conducted on 23.09.2026 & 24.09.2026 at 10.30 AM at the O/o. CDM & PHO, Kendrapara is hereby cancelled due to unavoidable circumstances. Walk-In-Interview for all other category will remain unchanged.

Sd/-
CDM & PHO-cum-District Mission Director, Kendrapara.

OIPR-10001/10018/1/26-27/0006

25001/1093/2627    e-mail: eerwbnir@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
**"e" Procurement Notice for Building Works**
**Identification No. Online Tender / 07 / RWDBNJ / 2026-2027**

**No. 2378    Date: 25.08.2026**

1. Name of the work : Building Works
2. Total Number of works : 2 (Two) Nos.
3. Estimated cost : 34.40 Lakhs
4. Class of Contractor : 'C' & 'B' Class of Contractor
5. Period of Completion : 03 (Three) Calendar Months
6. Other details :

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/07/ RWDBNJ/2026-2027 | 11.09.2026 at 10.00 A.M. | 24.09.2026 at 5.00 P.M. |

Further details can be seen from the website: - www.tendersodisha.gov.in

Sd/-
Executive Engineer
R.W.Division, Bhanjanagar

OIPR-25001/25174/1/26-27/0011

**OFFICE OF THE SUPERINTENDING ENGINEER** 10001/521/2627
**DHENKANAL (R&B) DIVISION, DHENKANAL**
Email - eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No.** SE DKL (R&B), 18/ 2026-27
**Invitation for Bids**

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 1 Nos Building work |
| 3. | No. of work | : | 01 No. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | 'C & 'B' License |
| 6. | Availability of Bid Documents in the website | : | From 10.00 AM of 10.09.2026 to 5.00 PM of 24.09.2026 |
| 7. | Date of Opening of Bid | : | Dt. 25.09.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-10001/10018/1/26-27/0006

Superintending Engineer
Dhenkanal (R&B) Division

25001/1096/2627    E-mail: rw_bhawanipatna@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING RURAL ENGINEER**
**RURAL WORKS DIVISION, BHABANIPATNA**
**INVITATIONS FOR BIDS THROUGH e -Procurement**

**No. 3389    Date: 02.09.2026**
**Bid Identification No**- SERWBPT-Online-07/2026-27
**e - Procurement Notice No. 07 Of 2026-27**

| | | |
|---|---|---|
| 1 | Name of the Work | Road Works |
| 2 | Total No of works | 28 Nos Road Works |
| 3 | Estimated Cost | Rs. 8.13 Lakh to Rs.47.59 lakh |
| 4 | Class of Contractor | 'D', 'C' & 'B' Class |
| 5 | Period of Completion | 1 Months |
| 6 | Type of Tender | Single cover System Tender |
| 7 | Date & time of availability of bid document in the portal | Dt. 09.09.2026 10.00 AM to 23.09.2026 17.00 PM |
| 8 | Last Date & Time for Receipt of bids in the Portal | Dt. 23.09.2026 at 17.00 PM |
| 9 | Opening of Bid through online | Dt. 24.09.2026 at 11.00 AM |
| 10 | Name & Address of the Officer inviting Bid | Superintending Engineer, Rural Works Division, Bhabanipatna |

**Further details can be seen from the e-procurement portal https://tendersorissa.gov.in**

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

**N.B: Subsequent corrigendum/addendum if required shall be available in the website as indicated above.**

Superintending Engineer
Rural Works Division, Bhabanipatna

OIPR-25001/25070/1/26-27/0004

यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର
ପିନ୍-୭୫୬୦୦୧, ମୋ.: ୯୬୬୮୩୭୬୪୧୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୩.୦୯.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କରୁ ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ଋଣ | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯାଜପୁର ରୋଡ ମୁଖ୍ୟ ଶାଖା, ବସ୍‌ଷ୍ଟାଣ୍ଡ ନିକଟ, ଯାଜପୁର ରୋଡ, ପିନ୍-୭୫୫୦୧୯, ମୋ.: ୯୯୬୪୫୧୪୪୪୫** | | | |
| ୧. | **ସ୍ୱସ୍ତିକା ମହାପାତ୍ର,** ପିତା: ରାଜେନ୍ଦ୍ର ସାହୁ, ସା: କହ୍ନେଇପୁର,ପୋ: ଯାଜପୁର ରୋଡ, ହେନା ଆପାର୍ଟମେଣ୍ଟ ନିକଟ, ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯ / **୦୨୭୫୧୬୫୪୦୦୦୦୪୬୩** | ଟ.୨୭,୦୬୨.୦୦ | ୪.୭୭ | ୫.୩୦ |
| | **ଯୋଡ଼ା ଶାଖା, ମେନ୍ ରୋଡ, ଯୋଡ଼ା, ପିନ୍-୭୫୮୦୪୧, ମୋ.: ୯୬୩୫୧୪୨୭୨୩** | | | |
| ୧. | **ସୁନୀତା ପୂର୍ତ୍ତୀ,** ସ୍ୱାମୀ: ଶୁକଦେବ ପୂର୍ତ୍ତୀ, ସା: କୋହ୍ଲଇଡା, ଭୂୟାଁରଇଡା, ପୋ: ଯୋଡ଼ା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୫ / **୧୩୬୭୧୬୫୩୦୦୦୦୩୮୦** | ଟ.୨୬,୯୯୫.୮୫ | ୫.୫୭ | ୬.୬୫ |
| | **ଧାମରା ଶାଖା, ପ୍ଲଟ୍ ନଂ. ୭୬୮/୧୨୭୭, ମୌଜା: ଧାମରା, ପାଇକସାହି, ଭଦ୍ରକ-୭୫୬୧୭୧, ମୋ.: ୮୬୬୦୭୩୧୦୦୭** | | | |
| ୧. | **ସଞ୍ଜୁଲତା ମାଝୀ,** ସ୍ୱାମୀ: ବିଜୟ ମାଝୀ, ସା/ପୋ: କରଞ୍ଜମାଳ, ବାଁଶଡା, ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୬୪ / **୧୪୧୨୧୬୬୩୦୦୦୦୦୯୪** | ଟ.୩୨,୨୨୮.୭୭ | ୭.୬୦ | ୯.୪୦ |
| ୨. | **ସବିତା ଦାସ,** ସ୍ୱାମୀ: ଅଶୋକ ଦାସ, ସା/ପୋ: ପାଇକସାହି, ବାଁଶଡା, ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୭୧ / **୧୪୧୨୧୬୬୩୦୦୦୦୦୧୪** | ଟ.୩୪,୭୫୫.୫୫ | ୭.୬୦ | ୯.୬୦ |
| ୩. | **ନିତ୍ୟାନନ୍ଦ ଦାସ,** ପିତା: ଶ୍ରୀକାନ୍ତ ଦାସ, ସା/ପୋ: କରଞ୍ଜମାଳ, ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୬୪ / **୧୪୧୨୧୬୬୩୦୦୦୦୦୯୩** | ଟ.୪୩,୫୬୯.୨୮ | ୯.୦୦ | ୧୧.୨୦ |
| ୪. | **ସମିନା ବିବି,** ସା: ଝାଡକଟା, ପୋ: ବାଁଶଡା, ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୭୧ / **୧୪୧୨୧୬୬୩୦୦୦୦୧୨୫** | ଟ.୬୫,୫୭୧.୮୭ | ୧୨.୦୦ | ୧୫.୦୦ |
| | **ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୬୩୭୨୬୧୮୪୪** | | | |
| ୧. | **ବସନ୍ତ ନାୟକ,** ପିତା: ଗଜେନ୍ଦ୍ର ନାୟକ, ସା: ବୃନ୍ଦାଗଡି, ପୋ: ଆଠପଡ଼ା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୮୭ / **୨୫୫୪୧୬୫୫୪୦୦୦୦୧୫୨** | ଟ.୭,୫୫୩.୫୯ | ୧.୩୦ | ୧.୭୦ |
| | **ବାଲେଶ୍ୱର ଶାଖା, ପ୍ଲଟ୍ ନଂ.: ୧୯୪/୯୭୯/୨୧୪୦/୨୩୫୭ ଏବଂ ୧୯୪/୯୭୯/୨୧୪୦/୨୩୫୬, ବାଲେଶ୍ୱର, ମୌଜା: ବାଗବୃନ୍ଦାବନ, ମୋ.: ୯୦୯୯୯୦୨୯୭୯** | | | |
| ୧. | **କୃଷ୍ଣ ଚନ୍ଦ୍ର ସେଠୀ,** ସା/ପୋ: ମୋତିଗଞ୍ଜ, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୩ / **୩୦୯୯୨୬୬୩୦୦୦୦୨୮୫** | ଟ.୩୮,୦୮୬.୦୦ | ୬.୭୦ | ୭.୧୦ |
| | **ବଡବିଲ ମୁଖ୍ୟ ଶାଖା, ମାୟା କମ୍ପ୍ଲେକ୍ସ, ବଡବିଲ ମେନ୍ ରୋଡ୍, ବଡବିଲ, କେନ୍ଦୁଝର, ଓଡ଼ିଶା-୭୫୮୦୩୫, ମୋ.: ୮୦୦୭୯୨୨୩୩୬** | | | |
| ୧. | **ଶୁକ୍ରମଣି କାରୁଆ,** ପିତା: ଅଇଁଠୁ କାରୁଆ, ସା/ପୋ: ବଲାଣି, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୭ / **୩୧୦୨୨୬୫୪୦୦୦୦୨୮୫** | ଟ.୧୯,୫୫୧.୩୩ | ୫.୩୦ | ୭.୦୨ |
| ୨. | **ଶୁକ୍ରମଣି କାରୁଆ,** ପିତା: ଅଇଁଠୁ କାରୁଆ, ସା/ପୋ: ବଲାଣି, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୭ / **୩୧୦୨୨୬୬୩୦୦୦୦୦୮୩** | ଟ.୨୩,୮୯୪.୦୦ | ୪.୧୮ | ୫.୪୦ |
| | **ବେତନଟୀ ଶାଖା, ପ୍ଲଟ୍ ନଂ.: ୨୯୪, ଖାତା ନଂ.: ୧୬୫, ବେତନଟୀ ଏମ୍.ପି.ସି. ହାଇସ୍କୁଲ ରୋଡ୍, ବେତନଟୀ, ମୟୂରଭଞ୍ଜ, ଓଡ଼ିଶା-୭୫୭୦୨୫, ମୋ.: ୯୧୦୮୨୭୧୮୪୬** | | | |
| ୧. | **ମୟୂରୀ ମହୁଆଳ,** ସ୍ୱାମୀ: ତାପସ କୁମାର ମହୁଆଳ, ସା: ଛଚିଣାପଦା, ପୋ: ମୁକ୍ତାପୁର, ବେତନଟୀ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୧୦୦ / **୩୧୦୩୨୬୬୩୦୦୦୦୧୩୩** | ଟ.୧୩,୬୨୦.୦୦ | ୨.୧୬ | ୨.୪୧ |
| | **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ଭଦ୍ରକ ବାଏପାସ୍ ରୋଡ୍, ଭଦ୍ରକ, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬** | | | |
| ୧. | **ମୀର ରିୟାଜ କାଦ୍ରି,** ପିତା: ମୀର ମଙ୍ଗା, ସା: ମୀରା ମହଲା, ବାଙ୍କ ବଜାର, ପୋ: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୦୦ / **୩୩୫୬୨୨୬୩୦୦୦୦୫୫୨** | ଟ.୧୫,୮୨୪.୫୦ | ୨.୮୦ | ୩.୦୦ |
| | **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | **ପ୍ରଶାନ୍ତ ବାରିକ,** ସା: ମାନ୍ଧାତାବଜାର, ପୋ: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୪ / **୭୨୩୭୦୬୫୪୦୦୦୧୦୦୮** | ଟ.୧,୦୯,୯୭୨.୮୦ | ୨୦.୦୫ | ୨୩.୬୩ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିବ।

**ସ୍ଥାନ : ବାଲେଶ୍ୱର, ତାରିଖ : ୦୭.୦୯.୨୦୨୬**    ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗିର,୭।୯ (ସମିସ): ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରର



ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି. ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟ ୧୦୧ଟି ଅଭିଯୋଗପତ୍ର ପଞ୍ଜୀକୃତ ହୋଇଛି। ସେଥିରୁ ବ୍ୟକ୍ତିଗତ ୮୦ଟି ଏବଂ ସାମୂହିକ ୨୧ଟି ରହିଥିବା ବେଳେ ୧୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜଙ୍ଗଲ ଅଧିକାର ଆଇନ ନେଇ ଜିଲ୍ଲାସ୍ତରୀୟ କର୍ମଶାଳା



କଣ୍ଟାବାଞ୍ଜି,୭।୯ (ସମିସ): ଜଙ୍ଗଲ ଉପରେ ନିର୍ଭର କରି ବଞ୍ଚୁଥିବା ହଜାର ହଜାର ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କ ଭାଗ୍ୟ ବଦଳାଇବାକୁ ଆସିଥିବା ଐତିହାସିକ ଜଙ୍ଗଲ ଅଧିକାର ଆଇନର ସଠିକ୍ କାର୍ଯ୍ୟକାରିତାକୁ ନେଇ ଆଜି କଣ୍ଟାବାଞ୍ଜିର ଜିଆର୍ ପ୍ୟାଲେସ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ-୨୦୦୬ ଓ ସଂଶୋଧିତ ନିୟମ-୨୦୧୨ ସମ୍ପର୍କିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଡିଏଲ୍‌ସି ସଦସ୍ୟ ତଥା ପୂର୍ବତନ ସୈନିକ ଗିରିରାଜ ସିଂ ମାଝୀ ଯୋଗଦେଇ ବନବାସୀଙ୍କ ହକ୍ ଓ ଅଧିକାର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶ୍ରୀ ମାଝୀ କହିଥିଲେ ଏହି ଆଇନ ହେଉଛି ବନବାସୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା କବଚ। ଏଣୁ ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମସଭାକୁ ସଶକ୍ତ କରି ଏହି ଆଇନର ସଠିକ୍ ପ୍ରୟୋଗ କରିବା ଜରୁରୀ। ଏହି ଆଇନ ବଳରେ ବନବାସୀମାନେ ଚାଷ ଜମି ଉପରେ ବ୍ୟକ୍ତିଗତ ପଟ୍ଟା ପାଇବା ସହ ମହୁ, କେନ୍ଦୁପତ୍ର, ଔଷଧୀୟ ଗଛ ଉପରେ ସାମୁଦାୟିକ ଅଧିକାର ମଧ୍ୟ ପାଇପାରିବେ। ଏହା ଦ୍ୱାରା ସେମାନଙ୍କ ଅର୍ଥନୈତିକ ସ୍ଥିତି ସୁଦୃଢ ହେବ। ଏହି କର୍ମଶାଳାରେ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ବ୍ଲକର ଲୋକେ ଓ ବହୁ ସମାଜସେବୀ ଉପସ୍ଥିତ ରହି ନିଜ ନିଜ ଅଭିଜ୍ଞତା ବାଣ୍ଟିଥିଲେ।

# ୮୪ ଘର ଅଘରିଆ ସମାଜ ଜିଲ୍ଲା ଟ୍ରଷ୍ଟର ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ

ବଲାଙ୍ଗିର,୭।୯ (ସମିସ): ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ଟ୍ରଷ୍ଟ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଲର୍କିପାଲିସ୍ଥିତ ଆର୍ ଆର୍ କଲୋନୀ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଥିଲା। ସମାଜର ଦଶମ ଓ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଶତକଡ଼ା ୯୦ ଭାଗରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୨୨ ଜଣ ଛାତ୍ରଛାତ୍ରୀ ଓ ଭୂଗୋଳ ବିଷୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରରୁ ଟପ୍ପର ପ୍ରେମ କୁମାର ରାଉତକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ୧୦୨ ଜଣ ପରୀକ୍ଷାର୍ଥୀ ଜିଲ୍ଲାସ୍ତରକୁ ଚୟନ ହୋଇ ପରୀକ୍ଷା ଦେଇଥିଲେ। ଉକ୍ତ ପରୀକ୍ଷାରେ ତୃତୀୟଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୨୬ ଜଣଙ୍କୁ ମାନପତ୍ର, ଉତ୍ତରୀୟ,



ସ୍ମାରକୀ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଆଲୋକ କୁମାର ପଟେଲ ଉପ ଜିଲ୍ଲାପାଳ ବଲାଙ୍ଗିର, ସମ୍ମାନୀତ ଅତିଥି ଭାବେ ଦିଲୀପ କୁମାର ଯୋଶୀ ବଲାଙ୍ଗୀର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବଲାଙ୍ଗିର ଆଞ୍ଚଳିକ କମିଟିର ସଭାପତି ଶୁଭ୍ରାଂଶୁ ଶେଖର ପଟେଲ, ଅବସରପ୍ରାପ୍ତ ବିଇଓ ତଥା ଅଘରିଆ ସମାଜ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ନୀଳମଣି ପଟେଲ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମାଜର ଶିକ୍ଷା କମିଟି ମୁଖ୍ୟ ରଶ୍ମିରଞ୍ଜନ ସାଏ ମଞ୍ଚାସୀନ ଥିଲେ। ଶେଷରେ ଉପ ସଭାପତି ଲିଲି ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ।

## ବ୍ଲକ କୋର୍ଡିନେଟର ଓ ଜୀବିକା ସଖୀ ପରୀକ୍ଷାକୁ ନେଇ ଅସନ୍ତୋଷ

# ବାହାରିଲାନି ଆଡମିଟ୍ କାର୍ଡ, ପରୀକ୍ଷାରୁ ବଞ୍ଚିତ ୩୦ରୁ ଅଧିକ ମହିଳା

ସଇଁତଲା,୭।୯ (ସମିସ)



ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକରେ ବ୍ଲକ କୋର୍ଡିନେଟର ଓ ଜୀବିକା ସଖୀ ପଦ ପାଇଁ ଅନ୍‌ଲାଇନ ପରୀକ୍ଷାକୁ ନେଇ ଦେଖାଦେଇଛି ଅବ୍ୟବସ୍ଥା। ଆଡମିଟ୍ କାର୍ଡ ଡାଉନଲୋଡ୍ ହୋଇ ନ ଥିବାରୁ ୩୦ରୁ ଅଧିକ ମହିଳା ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶପାଇବା ସହ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ବଞ୍ଚିତ ପରୀକ୍ଷାର୍ଥୀ ଆନ୍ଦୋଳନ କରିଛନ୍ତି।

ପ୍ରକାଶ ଯେ, ସଇଁତଲା ବ୍ଲକର ବେଲଗାଁ କଲ୍ୟାଣ ମଣ୍ଡପରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ପରୀକ୍ଷାର୍ଥୀଙ୍କ ରିପୋର୍ଟିଂ ସମୟ ସକାଳ ୧୦ଟା ଏବଂ ୧୧ଟାରୁ ଅନଲାଇନ୍ ପରୀକ୍ଷା ଆରମ୍ଭ ହେବାର ଥିଲା। ହେଲେ ପରୀକ୍ଷା ଦେବାକୁ ଆସିଥିବା ଅନେକ ମହିଳାଙ୍କ ଆଡମିଟ୍ କାର୍ଡ ଡାଉନଲୋଡ୍ ହୋଇ ନ ଥିଲା। ଫଳରେ ସେମାନେ ପରୀକ୍ଷା କେନ୍ଦ୍ର ବାହାରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ।

ସୂଚନା ଅନୁସାରେ, ବ୍ଲେସ୍ ନାମକ ଏକ ସଂସ୍ଥା ଓଏଲ୍‌ଏମ୍ ସହ ମିଶି ଏହି ପରୀକ୍ଷା ପରିଚାଳନା କରୁଛି। ତେବେ ଆଡମିଟ୍ କାର୍ଡ ପ୍ରକାଶରେ ବିଳମ୍ବର କାରଣ କ'ଣ ଏବଂ ଏଥିପାଇଁ କିଏ ଦାୟୀ, ତାହା ସ୍ପଷ୍ଟ ହୋଇନାହିଁ। ଏପଟେ ପରୀକ୍ଷାରୁ ବଞ୍ଚିତ ମହିଳାମାନେ ନ୍ୟାୟ ଦାବି କରି ପରୀକ୍ଷା କେନ୍ଦ୍ର ସମ୍ମୁଖରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣାର ସମାଧାନ କରି ବଞ୍ଚିତ ପରୀକ୍ଷାର୍ଥୀଙ୍କୁ ସୁଯୋଗ ଦେବାକୁ ସେମାନେ ଦାବି କରିଛନ୍ତି। ଏନେଇ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାଏଙ୍କୁ ପଚାରିବାରୁ ଆଗରୁ ଅଭିଯୋଗ କରିଥିଲେ ସମସ୍ୟାର ସମାଧାନ ହୋଇ ପାରିଥାନ୍ତା ବୋଲି କହିଥିଲେ। ମାତ୍ର ବଞ୍ଚିତ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ତେଜୁଥିବାବେଳେ ଏହାର ତଦନ୍ତ ପାଇଁ ଦାବି କରିଛନ୍ତି।

## ମନରେଗାରେ କାମ କରି ମିଳୁନି ପାଉଣା

# ବିଡିଓଙ୍କ ଦ୍ୱାରସ୍ଥ ହେଲେ ବାବିଯୋର ଗାଁର ଶ୍ରମିକ



ଦେଓଗାଁ,୭।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉଡ଼ାର ପଞ୍ଚାୟତ ଅନ୍ତର୍ଗତ ବାବିଯୋର ଗାଁର କୁଇମୁଣ୍ଡା ଓ ବାଲିଆମୁଣ୍ଡା ମାଟି ଉନ୍ନତିକରଣ କାମରେ ନିୟୋଜିତ ଶ୍ରମିକ ମାସାଧିକ କାଳହେଲା କାମ କରିପାଉଣା ପାଉନାହାନ୍ତି। ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ କାମ କରିଥିବା ସାଧୂ କୁଅଁର, ଶିବ ପଧାନ, ସୁଶିଲ ବଗର୍ତ୍ତି, ଶେଷଦେବ ସାହୁ, ଇଶ୍ୱର ପଧାନ, ଅଧିକାରୀ ସା ପ୍ରମୁଖ ପ୍ରାୟ ୩୮ ଜଣ ଶ୍ରମିକ ଗତ ମେ' ୧ରୁ ଜୁନ ୨୯ ପର୍ଯ୍ୟନ୍ତ ମାଟି କାମରେ ନିୟୋଜିତ ହୋଇଥିଲେ। ହେଲେ ସମ୍ପୃକ୍ତ ପଞ୍ଚାୟତର ଏଡିଇଓ ଆଜିକାଲି କହି ଦିନ ଗଡ଼ାଇଚାଲିଥିବାରୁ ସୋମବାର ସମସ୍ତ ଶ୍ରମିକ ବିଡିଓ ପ୍ରିୟ ରଞ୍ଜନ କୁମାରଙ୍କୁ ବ୍ଲକ କାର୍ଯ୍ୟାଳୟରେ ସାକ୍ଷାତ କରି ଲିଖିତଭାବେ ଅଭିଯୋଗ କରିବା ସହ ଆଗକୁ ଗଣପର୍ବ ନୂଆଁଖାଇ ଆସୁଥିବାରୁ ତା' ପୂର୍ବରୁ ପାଉଣା ଦେବାକୁ ଅନୁରୋଧ କରିଥିଲେ। ଶ୍ରମିକମାନଙ୍କ ପାଉଣା କାହିଁକି ହୋଇପାରୁନାହିଁ ସମ୍ପୃକ୍ତ ଏଡିଇଓଙ୍କୁ ବିଡିଓ କୁମାର ପଚାରିବାରୁ ସମ୍ପୃକ୍ତ ଗାଁର ଗାଁ ସାଥୀ କାମରେ ନିୟୋଜିତ ଶ୍ରମିକଙ୍କ ବାହାରେ ଆହୁରି କାମ କରି ନ ଥିବା କିଛି ଲୋକଙ୍କ ନାମକୁ ସଂଯୋଗ କରୁଥିବାରୁ ଉକ୍ତ କାମର ବିଲ ଅଟକି ରହୁଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ବିଡିଓ କେବଳ ମାଟି କାମରେ ନିୟୋଜିତ ଶ୍ରମିକମାନଙ୍କ ପାଉଣା କେମିତି ଶୀଘ୍ର ମିଳିପାରିବ ସେ ନେଇ ବ୍ୟବସ୍ଥା କରିବାକୁ ପଞ୍ଚାତର ଏଡିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପୁଡିଲା ପରି ଅନେକ ପଞ୍ଚାୟତରେ କାମକରୁ ନ ଥିବା ଲୋକଙ୍କୁ କାମକରିଥିବା ଦର୍ଶାଇ ସରକାରୀ ଅର୍ଥ ହରିଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## ● ସଇଁତଲାକୁ ଏନ୍‌ଏସି ମାନ୍ୟତା ଦାବିରେ ଧାରଣା

# ଆନ୍ଦୋଳନରେ ସାମିଲ ହେଲା ରାଷ୍ଟ୍ରୀୟ ହିନ୍ଦୁ ପରିଷଦ




ବଲାଙ୍ଗିର,୭।୯ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲାଠାରେ ସଇଁତଲାକୁ ବିଜ୍ଞାପିତ ଅଂଚଳ ପରିଷଦ ମାନ୍ୟତା ଦାବି ନେଇ ହେଉଥିବା ଧାରଣାର ଷଷ୍ଠ ଦିବସରେ ଧାରଣା ସ୍ଥଳକୁ ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡ଼ିଶା ସଂଗଠନର ବଲାଙ୍ଗିର ଜିଲ୍ଲା କାର୍ଯ୍ୟକର୍ତ୍ତାମାନଙ୍କ ସହ ଯାଇ ଯୋଗଦାନ କରି ଆନ୍ଦୋଳନକୁ ସଂଗଠନ ତରଫରୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

ସୂଚନା ଅନୁସାରେ ଜାତୀୟ ରାଜପଥ ୨୬ କଡ଼ରେ ଥିବା ସଇଁତଲା ସହର ଜିଲ୍ଲାର ଏକ ପୁରୁଣା ସହର ହୋଇଥିବା ବେଳେ ପୂର୍ବରୁ ଏହା ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟ ଥିଲା। କିନ୍ତୁ ରାଜନୈତିକ ପଶାପାଲିରେ ବଳି ପଡ଼ି ଏହା କିଛି ବର୍ଷ ପୂର୍ବରୁ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ସହ ସମ୍ମିଶ୍ରଣ ହୋଇଥିଲା। ଦୀର୍ଘବର୍ଷ ଧରି ଅବହେଳିତ ହୋଇ ରହିଥିବା ଏହି ସହରକୁ ବିଜ୍ଞାପିତ ଅଞ୍ଚଳର ସମସ୍ତ ଯୋଗ୍ୟତା ଥାଇ ମଧ ମାନ୍ୟତା ପ୍ରଦାନରେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଆସୁଛି। ପୂର୍ବ ବିଜେଡି ସରକାର ଏହି ସହରକୁ ବିଜ୍ଞାପିତ ଅଞ୍ଚଳ ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ନୂତନ ସରକାର ଆସିଲା ପରେ ନୂତନ ତାଲିକାରେ ଏହାକୁ ବାଦ୍ ଦିଆଯାଇଛି। ଫଳରେ ଏନେଇ ସଇଁତଲା ଗ୍ରାମ ସରପଞ୍ଚ ସୁବ୍ରତ ନାଗ ଓ ଏହି ଅଞ୍ଚଳବାସୀ ଅଣ୍ଟା ଭିଡିଛନ୍ତି। ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡ଼ିଶା ପକ୍ଷରୁ ରାଷ୍ଟ୍ରୀୟ ଅଧକ୍ଷ ସନ୍ତୋଷ ଭୋଳ, ରାଜ୍ୟ ଉପସଭାପତି ପ୍ରଦୀପ ଦାଶ, ଜିଲ୍ଲା ସଭାପତି ବଦ୍ରିନାଥ ହୋତା, ସୌମ୍ୟ ରଂଜନ ପୁରୋହିତ, ରାଜୁ ନାଏକ, ବେଲଗାଁରୁ ମୁକେଶ ସାହୁ ପ୍ରମୁଖ ଯୋଗ ଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଉକ୍ତ ସଭାରେ ସନ୍ତୋଷ ଭୋଳ ଆନ୍ଦୋଳନକୁ ସରକାରଙ୍କ ପାଖରେ ପହଞ୍ଚାଇବା ତଥା ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଏ ବିଷୟରେ ଆଲୋଚନା କରିବା ପ୍ରତିଶ୍ରୁତି ଦେଇଥିଲେ।

## ● ଜମି, ଜଙ୍ଗଲ, ଜୀବିକା ସୁରକ୍ଷା ଦାବି

# କଣ୍ଟାବାଞ୍ଜି ତହସିଲ ଅଫିସ ଘେରିଲେ ଆଦିବାସୀ



କଣ୍ଟାବାଞ୍ଜି,୭।୯ (ସମିସ): ବଲାଙ୍ଗୀର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ତୁରେକେଲା ବ୍ଲକ ଆନୁକୂଲ୍ୟରେ କଣ୍ଟାବାଞ୍ଜି ତହସିଲଦାରଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଆଦିବାସୀମାନଙ୍କ ୧୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଉଛି। ଦାବିଗୁଡିକ ମଧ୍ୟରେ କଣ୍ଟାବାଞ୍ଜି ଅନ୍ୱେଷା ଯୋଜନାରେ ଆବାସିକ ସୁବିଧା ସହିତ ଜେଏମ୍‌ଏମ୍ ପ୍ରାଇଭେଟ୍ ଇଂଲିଶ୍ ମିଡିୟମ୍ ସ୍କୁଲରେ ତୃତୀୟ ଶ୍ରେଣୀ ଆଦିବାସୀ ଛାତ୍ର ଜଗନ୍ନାଥ ଧରୁଆଙ୍କ ମୃତ୍ୟୁ ଘଟଣାରେ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଉଚ୍ଚସ୍ତରୀୟ ତଦନ୍ତ ଏବଂ ଦାୟୀ ବ୍ୟକ୍ତି ଓ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ, ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର, ପେସା ଆଇନର ପୂର୍ଣ୍ଣ କାର୍ଯ୍ୟକାରିତା, ୨୦୨୭ ପଞ୍ଚାୟତ ନିର୍ବାଚନରେ ଆଦିବାସୀଙ୍କ ନ୍ୟାୟସଙ୍ଗତ ସଂରକ୍ଷଣ, ଅନ୍ୱେଷା ଯୋଜନାରେ ନୂତନ ନାମଲେଖା ପୁନଃଆରମ୍ଭ, ଆଦିବାସୀ ଚାଷୀ ଓ ଉଦ୍ୟୋଗୀଙ୍କୁ ଋଣ ରିହାତି, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଚିନି, ପିଆଜ, ତେଲ ଲୁଣ ପେଟ୍ରୋଲ ଡିଜେଲ ଗ୍ୟାସର ଦରଦାମ ହ୍ରାସ, ବଲାଙ୍ଗିରରେ ସ୍ୱତନ୍ତ୍ର ଏସଟି ଏସସି କୋର୍ଟ ନିର୍ମାଣ, ଆଦିବାସୀ ଅଞ୍ଚଳରେ ନିଯୁକ୍ତିରେ ଅଗ୍ରାଧିକାର ଏବଂ ଖଣି ପ୍ରଭାବିତ ଅଞ୍ଚଳର ଜମି, ଜଳ, ଜଙ୍ଗଲ ଓ ଜୀବନଜୀବିକା ସୁରକ୍ଷାକୁ ମୁଖ୍ୟ ଦାବି ଭାବେ ଉଠାଯାଇଛି। ଏହି ଦାବିଗୁଡ଼ିକର ସମର୍ଥନରେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘର ଉପସଭାପତି ଭାନୁ ପ୍ରତାପ ସିଂ ମାଝି, ବିଶିଷ୍ଟ ଆଦିବାସୀ ନାରୀନେତ୍ରୀ ମିଥିଳା ମାଝି, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ତୁରେକେଲା ବ୍ଲକ ସଭାପତି ଚୌବନ କିଶୋର ମାଝି, ସାଧାରଣ ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ମନରଞ୍ଜନ ଭୋଇ, ମୁରିବାହାଲ ବ୍ଲକ ସଭାପତି ରାଜୀବ କୁଅଁର, ଟିଟିଲାଗଡ଼ ବ୍ଲକ ସଭାପତି ପଦ୍ମନ ପ୍ରଧାନୀ, ସଂଗଠନ ସମ୍ପାଦକ ଥବିର ପୁଝାରୀ, ଟିଟିଲାଗଡ଼ ନଗର ସଭାପତି ନିତ୍ୟାନନ୍ଦ ମାଝି, କଣ୍ଟାବାଞ୍ଜି ନଗର ସଭାପତି ରାମ ଶବରଙ୍କ ସମେତ ବହୁ ଆଦିବାସୀ ନେତା ଓ କର୍ମକର୍ତ୍ତା ସାମିଲ ହୋଇଥିଲେ।

**● ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**
**● ଜଗନ୍ନାଥ ଧରୁଆଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଦାବି**


## ● ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଗୁରୁଦିବସ

# ୮ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ବଲାଙ୍ଗିର,୭।୯ (ସମିସ): ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁଦିବସ ଅବସରରେ ବିଦ୍ୟାଳୟ ପକ୍ଷରୁ ୮ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ଗୁରୁ ଡ. ସୁରେଶ ବାରିକ ଓ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା କୀର୍ତ୍ତନ ମାଧ୍ୟମରେ ଗୁରୁମାନଙ୍କ ବନ୍ଦନା ଗାନ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନୂତନ ନାୟକ ନିଜର ଅଭିଭାଷଣ ପ୍ରଦାନ କରି ଗୁରୁଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ରଥ, ଶିକ୍ଷୟିତ୍ରୀ ସୁଷମା ଉଦ୍‌ଗାତା, ଶକୁନ୍ତଳା ପଟେଲ, ଜ୍ୟୋସ୍ନାମୟୀ ମିଶ୍ର, ରୀତାଞ୍ଜଳୀ ମିଶ୍ର, ସୁପ୍ରଭା ମିଶ୍ର, ରଶ୍ମିଧାରା ସାହୁ, ଶୋଭନା ଚାନ୍ଦ ପ୍ରମୁଖଙ୍କୁ ବିଦ୍ୟାଳୟପକ୍ଷରୁ ସମ୍ମାନୀତ କରାଯାଇଥିଲା।

# ମାନସିକ ଚାପ ପରିଚାଳନା କାର୍ଯ୍ୟକ୍ରମ



ବଲାଙ୍ଗିର,୭।୯ (ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ ଠାରେ ସୋମବାର ମାନସିକଚାପ ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅଧକ୍ଷ ଡକ୍ଟର ଅନ୍ତର୍ଯ୍ୟାମୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ପ୍ରିୟା ପ୍ରତୀକ୍ଷା ଧରୁଆ, ସାମାଜିକ କର୍ମୀ ମଳୟ କୁମାର ନାଗ, କମ୍ୟୁନିଟି ସୁପରଭାଇଜର ସୁବୋଧ ବିଶ୍ୱାଳ ଓ ସବ୍ୟସାଚୀ ସିଂ ଯୋଗଦାନ କରି ମାନସିକଚାପ ଓ ତାର ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଆର୍ଯ୍ୟେନ୍ଦୁ କୁମାର ମେହେର ସଂଯୋଜନା କରିଥିବା ବେଳେ ଶେଷରେ ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର କୃତଜ୍ଞତା ଜ୍ଞାପନ କରିଥିଲେ। ଅଧ୍ୟାପକ ଦୈତାରି ଶବର ଓ ନୀଳାମ୍ବର ବାରିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲ୍ଲା ସିନିୟର ନକ୍‌ଆଉଟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ସୁପର ନକ୍‌ଆଉଟରେ ସ୍ପୋର୍ଟ୍ସ ହଷ୍ଟେଲ, ରିଜର୍ଭ ପୁଲିସ, ବିକେସି ୟୁନାଇଟେଡ୍, ଜରାସିଂହା, ବାଦିବାହାଲ ଓ ଗୁଲମି ଏସ୍‌ସି

ବଲାଙ୍ଗିର,୭।୯ (ସମିସ)



ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୁଲ୍ୟରେ .ଲିଥିବା ଫୁଟବଲ ଖେଳ ୬ଟି ପଡିଆରେ ହୋଇଯାଇଛି। ଖୁଜେନପାଲି ପଡ଼ିଆରେ ସ୍ପୋର୍ଟ ହଷ୍ଟେଲ ୭-୦ ଗୋଲରେ ବ୍ଲୁ ମାଉଣ୍ଟେଣ୍ଡକୁ ହରାଇ ଜୋନ୍ ଚାମ୍ପିଅନ୍ ହେଲା। ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗ ଦେଇଥିବା ବେଳେ ଅତିଥି ଭାବେ ବଲାଙ୍ଗିର ବ୍ଲକ ଅଧ୍ୟକ୍ଷା ସରିତା ବାଗ, କ୍ରୀଡ଼ା ସଂସଦ ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ ଓ କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା ଯୋଗ ଦେଇଥିଲେ।

ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ରିଜର୍ଭ ପୁଲିସ ୧-୦ ଗୋଲ୍‌ରେ ସାଇଟ ସଦାଇପାଲିକୁ ହରାଇ ଜୋନ୍ ଚାମ୍ପିଅନ୍ ହୋଇଛି। ମୁଖ୍ୟ ଅତିଥି ଭାବେ ସରକାରୀ ଆଇଟିଆଇ ଅଧକ୍ଷ ସୁରେଶ କୁମାର ଦଳବେହେରା ଯୋଗ ଦେଇଥିବା ବେଳେ ଅତିଥି ଭାବେ ସୁଶ୍ରୀ ଆଇଟିଆଇ ଅଧକ୍ଷ ଇଂ.ସନ୍ତୋଷ କୁମାର ବ୍ରହ୍ମା, ପୂର୍ବତନ ଖେଳାଳି ପ୍ରଦୀପ ମହାରଣା, କ୍ରୀଡା ସଂଗଠକ ଆଦିତ୍ୟ ପଟ୍ଟନାୟକ ଓ ଅଶୋକ ପ୍ରଧାନ ଯୋଗ ଦେଇଥିଲେ।

ଟାଉନ ହାଇସ୍କୁଲ ପଡିଆରେ ବିକେସି ୟୁନାଇଟେଡ୍ ୩-୦ ଗୋଲରେ ଗେର୍ଡିକୁ ହରାଇ ଜୋନ୍ ଚାମ୍ପିଅନ୍ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇଥିବା ବେଳେ ଅତିଥି ଭାବେ ଜେଆଇଟିଏମ୍ ଅଧକ୍ଷ ଅନଙ୍ଗ ଉଦୟ ନାୟକ, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, କୋଷାଧକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ପୂର୍ବତନ ଖେଳାଳି ଲୋକନାଥ ନେପାକ ଯୋଗ ଦେଇଥିଲେ।

ଜରାସିଂହା ମିନି ଷ୍ଟାଡିୟମରେ ଜରାସିଂହା ୩-୧ ଗୋଲରେ ମହିପୁରକୁ ହରାଇ ଜୋନ୍ ଚାମ୍ପିଅନ୍ ହୋଇଥିବାବେଳେ ଅତିଥି ଭାବେ ଦେଓଗାଁ ବ୍ଲକ ପୂର୍ବତନ ଚେୟାରମ୍ୟାନ ଲକ୍ଷ୍ମଣ କୁମାର ମେହେର ଯୋଗ ଦେଇଥିଲେ।

ଲୋଇସିଂହା ମିନି ଷ୍ଟାଡିୟମରେ ବାଦିବାହାଲ ୪-୨ ଗୋଲରେ ଏଚ୍‌ଆରଡିଏ ଖଲିଆପାଲିକୁ ହରାଇ ଜୋନ୍ ଚାମ୍ପିଅନ୍ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ।

ହଲଦି ପଡିଆରେ ଗୁଲମି ଟ୍ରାଇବ୍ରେକରରେ କେସି ୟୁନାଇଟେଡ୍ ଜୁରାବନ୍ଧକୁ ହରାଇ ଜୋନ ଚମ୍ପିୟାନ ହେଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓଷ୍ଟା ସଭାପତି ପ୍ରଦୀପ ପୁଟେଲ ଯୋଗ ଦେଇଥିଲେ।

# ସୋନପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି



**ତରଭା, ୭।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୩୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୮ ବ୍ୟକ୍ତିଗତ ଏବଂ ୧୩ଟି ସାମୂହିକ ଦରଖାସ୍ତ ଥିଲା। ସମସ୍ତ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଲିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୋନପୁର ଡ. ସୌମ୍ୟରୁପା ରଥ, ତହସିଲଦାର ସୋନପୁର ଜି. ରଶ୍ମିରେଖା, ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ, ୩ ଆହତ

**ଡୁଙ୍ଗୁରିପାଲି, ୭।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ପଣ୍ଡକିଟାଲ ଚାରିଛକଠାରେ ରବିବାର ସନ୍ଧ୍ୟାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ଡୁଙ୍ଗୁରିପାଲି ଥାନା ବେହେରାମାଲ ଗ୍ରାମରୁ କାମ ସାରି ବାଇକ ଯୋଗେ ନିଜ ଗ୍ରାମ ବରଗଡ଼ ଜିଲ୍ଲା ଭେଡ଼େନ ଥାନା ଭୁବନପାଲି ଗ୍ରାମକୁ ଫେରୁଥିଲେ ଶେଷଦେବ ଲୁହା, ସନ୍ତୋଷ ଲୁହା ଏବଂ ସୌଦାଗର ଲୁହା। ବିପରୀତ ଦିଗ ରାମପୁର ପଟୁ ଡୁଙ୍ଗୁରିପାଲି ଅଭିମୁଖେ ଯାଉଥିବା ବୀରମହାରାଜପୁର ଥାନା ଲୁତୁରପଙ୍କ ଗ୍ରାମର କୃପାସିନ୍ଧୁ ପାତ୍ରଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରାମପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଁଚି ୪ଜଣକୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିବାବେଳେ ଶେଷଦେବଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ବୁର୍ଲା ଡାକ୍ତରଖାନାକୁ ନେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



**ଦେବଗଡ଼, ୭।୯(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୪୧ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୩ଟି ବ୍ୟକ୍ତିଗତ ଏବଂ ୮ ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ବିଶେଷ କରି ଘରବାରି ପଟ୍ଟା, ଜମିର ପଟ୍ଟା ସଂଶୋଧନ, ରାସ୍ତା ନିର୍ମାଣ, ଶିକ୍ଷକଙ୍କ ପଦୋନ୍ନତି, ସୁଭଦ୍ରା ଟଙ୍କା, ରାଜସ୍ୱ ଗ୍ରାମ, ପାରିବାରିକ ସମସ୍ୟା, ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ଓ ଗ୍ରାମରେ ସୋଲାର ଲାଇଟ୍ ବ୍ୟବସ୍ଥା ନିମନ୍ତେ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର୍, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ସ୍ୱାଧିନତା ସାହାଣୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଖପ୍ରାଖୋଲରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମୀକ୍ଷା



**ଖପ୍ରାଖୋଲ, ୭।୯(ସମିସ):** ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା ସୋମବାର ବିଭିନ୍ନ ବିଭାଗର ଅଗ୍ରଗତି ଉପରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ଗ୍ରାମୋଦ୍ୱୟ, ଆଦର୍ଶ ଗ୍ରାମ ଯୋଜନା, ଦାଦନ ସମସ୍ୟା ନିୟନ୍ତ୍ରଣ, ଭିବିଜିରାମଜୀ ଯୋଜନା ଉପରେ ଆଲୋଚନା କରିବା ସହିତ ଯୋଜନା ଗୁଡିକର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଏପିଓ ପ୍ରଶାନ୍ତ କୁମାର ସାହୁ, ସହକାରୀ ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର, କନିଷ୍ଠ ଯନ୍ତ୍ରୀ ଦୀପକ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୂତନ କ୍ୟାଣ୍ଟିନ ଉଦ୍‌ଘାଟିତ

# କର୍ମଚାରୀ ଓ ସାଧାରଣଲୋକଙ୍କୁ ଶସ୍ତାରେ ମିଳିବ ପୁଷ୍ଟିକର ଖାଦ୍ୟ

**ଝାରସୁଗୁଡ଼ା, ୭।୯(ସମିସ)**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ନୂତନ କ୍ୟାଣ୍ଟିନର ଉଦ୍‌ଘାଟନ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ୟାଣ୍ଟିନକୁ ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ ଯେ, ମାସକ ତଳେ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ନୂତନ ପ୍ରେସ୍ ରୁମ୍ ଉଦ୍‌ଘାଟନ କରିବା ପରେ ଏହି ପୁରୁଣା କୋଠାର କାୟାକଳ୍ପ କରି ଆଜି ଏହାକୁ କ୍ୟାଣ୍ଟିନ ରୂପେ ଲୋକାର୍ପଣ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଛନ୍ତି, 'ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ଏବଂ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଏହା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ନିୟମିତ ରୋଜଗାରକ୍ଷମ ହୋଇପାରିବେ। ଏହା ସହିତ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ, ଯାହାଦ୍ୱାରା ପ୍ରତ୍ୟେକ ଲୋକ ନିରାପଦ ଓ ଉତ୍ତମ ମାନର ଖାଦ୍ୟ ପାଇପାରିବେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ତଥା ସଂସ୍କୃତି ଅଧିକାରୀ



ଗୀତାକାନ୍ତି ବଳିୟାରସିଂହ ଏବଂ ଓଡ଼ିଶା ଜୀବିକା ମିଶନର ଡିପିଏମ୍ ଡ. ପୁଷ୍ପଶ୍ରୀ ନାୟକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହାର ପରିଚାଳନା ଦାୟିତ୍ୱ ଝାରସୁଗୁଡ଼ା ବଢ଼େଇମୁଣ୍ଡାର 'ବିମଳା ସ୍ୱୟଂ ସହାୟକ ଗୋଷ୍ଠୀ' କୁ ହସ୍ତାନ୍ତର କରାଯାଇଛି। ଏଠାରେ ସମ୍ପୂର୍ଣ୍ଣ ସ୍ୱଚ୍ଛ, ପରିଷ୍କାର-ପରିଚ୍ଛନ୍ନ ତଥା ପୁଷ୍ଟିକର ଖାଦ୍ୟ ଉପଲବ୍ଧ ହେବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଏବଂ ସୁଲଭ ରିହାତି ଦରରେ ଉଚ୍ଚମାନର ଖାଦ୍ୟ ପାଇପାରିବେ।

## ଭାଷଣରେ ସୀମିତ 'ବିକଶିତ ଗାଁ ବିକଶିତ ଓଡ଼ିଶା' ନାରା

# ନିଜ ଟଙ୍କାରେ ରାସ୍ତା ତିଆରି କଲେ ଗ୍ରାମବାସୀ



**କଣ୍ଟାବାଞ୍ଜି, ୭।୯ (ସମିସ):** ଡବଲ ଇଞ୍ଜିନ ସରକାର 'ବିକଶିତ ଗାଁ, ବିକଶିତ ଭାରତ'ର ନାରା ଦେଉଛନ୍ତି, ହେଲେ ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତର ଡୁମେରବନ୍ଦ ପଡ଼ାକୁ ଦେଖିଲେ ସେ ନାରା ଫମ୍ପା ବୋଲି ସ୍ପଷ୍ଟ ଜଣାପଡୁଛି। ଏଠାରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିଲେ ବି ଗାଁକୁ ପକ୍କା ରାସ୍ତା ନାହିଁ। ବର୍ଷା ଦିନେ ଗାଁ ଭିତରକୁ ଯିବାକୁ ନର୍କ ଯନ୍ତ୍ରଣା ଭୋଗିବାକୁ ପଡୁଛି। ରୋଗୀ, ଗର୍ଭବତୀ ମହିଳା, ସ୍କୁଲ ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ଘାଣ୍ଟି ହେଉଛନ୍ତି।

ଗାଁ ଲୋକଙ୍କ କହିବା ଅନୁସାରେ, ସେମାନେ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ତୁରେକେଲା ବିଡ଼ିଓ, ବଲାଙ୍ଗୀର ଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇଥିଲେ ବି କେବଳ ପ୍ରତିଶ୍ରୁତି ମିଳିଛି, କାମ ହେଉନାହିଁ। ଶେଷରେ ସରକାର ଓ ପ୍ରଶାସନ ଉପରୁ ଭରସା ତୁଟିବାରୁ ନିଜେ ରାସ୍ତା ତିଆରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଡୁମେରବନ୍ଦପଡ଼ାର ପ୍ରତ୍ୟେକ ପରିବାରରୁ ୧୫୦୦ ଟଙ୍କା ଲେଖାଏଁ ଚାନ୍ଦା କରାଯାଇଛି। ସେହି ଟଙ୍କାରେ ମେକାପ ଓ ପଥର ଗୁଣ୍ଡ ପକାଇ ନିଜ ଶ୍ରମରେ ରାସ୍ତାକୁ ଚଳାଚଳ ଯୋଗ୍ୟ କରିଛନ୍ତି। ଯାହା ସରକାରଙ୍କ ବିକଶିତ ଭାରତ ନାରାର ପୋଲ ଖୋଲି ଦେଇଛି।

# ୨୫୦ କେଜି ଗଞ୍ଜେଇ ସହ ପିକ୍‌ଅପ୍ ଜବତ

**କଣ୍ଟାମାଳ, ୭।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କ ନିର୍ଦ୍ଦେଶନାରେ ମାତାକୁପା ରୋଡରେ ପେଟ୍ରୋଲିଂବେଳେ ଏକ ପିକ୍‌ଅପ୍‌ରୁ ୪ବସ୍ତା ଗଞ୍ଜେି ଜବତ ହୋଇଛି। କଣ୍ଟାମାଳ ତରସିଲଦାର ଶ୍ୱେତପଦ୍ମା ଯୋଶୀ ଓ ସାକ୍ଷୀଙ୍କ ଉପସ୍ଥିତରେ ଏହାକୁ ଓଜନ କରିବାରୁ ୨୫୦ କେଜି ହୋଇଥିଲା। ଏନେଇ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ବୋଲେରୋକୁ ଜବତ କରାଯାଇଛି। ଅଭିଯୁକ୍ତକୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ବିଷ ପିଇ ଜଣେ ମୃତ

**ଖଡ଼ିଆଳ, ୭।୯(ସମିସ):** ଖଡ଼ିଆଳ ଥାନା ଅଧୀନ ଅରେଡ଼ା ଗ୍ରାମର ଦେବାର୍ଚ୍ଚନ ଶବର (୫୮)ଙ୍କ ମୃତ୍ୟୁ ଘଟିଛି। ଗତ ୩ ତାରିଖରେ ପାରିବାରିକ କଳହକୁ କେନ୍ଦ୍ର କରି ଦେବାର୍ଚ୍ଚନ ବିଷପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଦେବାର୍ଚ୍ଚନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଖଡ଼ିଆଳ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ମୃତକଙ୍କ ପୁତୁରା ବୈଷ୍ଣବ ଶବର ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଥିବା ଏସ୍‌ଆଇ ଅଶୋକ କୁମାର ବିହାରୀ ପ୍ରକାଶ କରିଛନ୍ତି।

# ଘରେ ପଶି ଚୋରି କରୁଥିବା ବେଳେ ଧରାପଡ଼ିଲେ ନାବାଳକ

**ଡୁଙ୍ଗୁରିପାଲି, ୭।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ହଳଦି ଗ୍ରାମର ବର୍ଷା କୁମ୍ଭାରଙ୍କ ଘରେ ପଶି ଗତ ରାତିରେ ଚୋରି କରୁଥିବା ବେଳେ ଜଣେ ନାବାଳକ ଧରାପଡ଼ିଛନ୍ତି। ପରିବାର ଲୋକେ ଖାଇପିଇ ଶୋଇଥିବାବେଳେ ବିଳମ୍ବିତ ରାତିରେ ଜଣେ କେହି ଘରେ ପଶିଥିବା ଜାଣିପାରିଥିଲେ। ସମ୍ପୃକ୍ତ ନାବାଳକ ଗଡ଼ରେଜରୁ ଟଙ୍କା ମୋବାଇଲ ଚୋରି କରୁଥିବା ବେଳେ ପରିବାର ଲୋକେ ବାହର ପଟୁ କବାଟ ଦେଇ ପାଟି କରିଥିଲେ। ସାହି ପଡ଼ିଶା ଲୋକେ ପହଞ୍ଚି ଡୁଙ୍ଗୁରିପାଲି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି କବାଟ ଖୋଲି ସମ୍ପୃକ୍ତ ନାବାଳକଙ୍କୁ କାବୁ କରିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ନାବାଳକଙ୍କୁ କାବୁ କରିଥିଲା।

# ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପ୍ରଶିକ୍ଷଣ ସମ୍ମିଳନୀ

**ତରଭା, ୭।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପ୍ରଶିକ୍ଷଣ ସମ୍ମିଳନୀ-ସହ-ଅଭିମୁଖୀକରଣ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ, ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଉଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଅଜୟ ଲୁହା, ସୁବର୍ଣ୍ଣପୁର ଏବଂ ବିନିକାର ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଏବଂ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ଲାନ କୁମାର ପାଣ୍ଡିଆ ଯୋଗଦେଇଥିଲେ। କ୍ରୀଡ଼ା ପ୍ରଶିକ୍ଷଣରେ ଡିପ୍ଲୋମା କରିଥିବା ବିଭୁଦତ୍ତ ରଥ, ପ୍ରଶିକ୍ଷକ ଜୀବନଜ୍ୟୋତି ନାୟକ ଏବଂ ଦିଲ୍ଲୀପ କୁମାର କୁଅଁର, ତାଇକ୍ୱୋଣ୍ଡୋ ପ୍ରଶିକ୍ଷକ ଅନ୍ୱେଷ ହୋତା ଯୋଗଦେଇ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କୁ ବିଭିନ୍ନ କ୍ରୀଡ଼ା ସମ୍ପର୍କରେ ସବିଶେଷ ତାଲିମ ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜି ବିଶ୍ୱନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ଅଧ୍ୟାପିକା ସନ୍ତୋଷିନୀ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ଦାବିନେଇ ଜିଲ୍ଲାପାଳଙ୍କୁ ଦାବି



**ଦେବଗଡ଼, ୭।୯(ସମିସ):** ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ) ପକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ଦିଗରେ ପଦକ୍ଷେପ ନେବା ପାଇଁ ଦାବି କରାଯାଇଛି। ଏନେଇ ଆଜି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦେବଗଡ଼ ଜିଲ୍ଲାରେ କାର୍ଯ୍ୟରତ ଥିବା ବିଭିନ୍ନ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଓଟିଇଟି-୧ ଏବଂ ଓଟିଇଟି -୨ ପାସ କରି ପଦୋନ୍ନତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ୨୩୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ନିଜର ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ସହିତ ଆବଶ୍ୟକୀୟ ପ୍ରମାଣପତ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ପତ୍ର ସଂଖ୍ୟା ୧୯୬୧୦ ଅନୁଯାୟୀ ଜିଲ୍ଲାର ୨୩୩ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଦୋନ୍ନତି ଦିଆଯିବା ପାଇଁ ନିର୍ଦ୍ଦେଶନାମା ଥିବାବେଳେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଦୋନ୍ନତି ଦିଆଯାଇନଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

# ଗାଁ ସାଥୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ଦେବଗଡ଼, ୭।୯(ସମିସ):** ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ଆଜି ଦେବଗଡ଼ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ଦିଆଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଗାଁସାଥୀଙ୍କ ସଠିକ୍ ଡାଟାବେସକୁ ରାଜ୍ୟକୁ ପଠାଇବା, ଚିଠି ଅନୁସାରେ ଗାଁସାଥୀଙ୍କୁ ସମସ୍ତ ଜିଓଟ୍ୟାଗ୍ କାର୍ଯ୍ୟରେ ଲଗାଇବା, ଗାଁ ସାଥୀ (ମେଟ୍)ଙ୍କ ବକେୟା ପ୍ରାପ୍ୟ ପ୍ରଦାନ, ପୂର୍ବପରି ଭିବିଜୀ-ରାମଜୀ ଯୋଜନାରେ ଗାଁସାଥୀ (ମେଟ୍)ଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ ଦାବି ଉଲ୍ଲେଖ କରାଯାଇଛି।

# ବାୟୁ ପ୍ରଦୂଷଣ ସଚେତନତା ସପ୍ତାହ-୨୦୨୬

**ଝାରସୁଗୁଡ଼ା, ୭।୯(ସମିସ):** ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ଝାରସୁଗୁଡ଼ା ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା 'ବାୟୁ ପ୍ରଦୂଷଣ ସଚେତନତା ସପ୍ତାହ-୨୦୨୬' ର ଶୁଭାରମ୍ଭ ହୋଇଯାଇଛି। ସୋମବାର ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଫରେଷ୍ଟ ଅଫିସର ଅଶୋକ ମନୁ ଭଟ୍ଟ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଝାରସୁଗୁଡ଼ା ଜିଲ୍ଲା ବନ୍ୟପ୍ରାଣୀ ସଂରକ୍ଷକ ତଥା ଚାରା ରୋପଣ ତଦାରଖ କମିଟିର ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଝାରସୁଗୁଡ଼ା ରାଜ୍ୟ ପ୍ରଦୁଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ହିରଣ୍ୟ କୁମାର ନାୟକ, ଲଖନପୁର ତହସିଲଦାର ପ୍ରସନ୍ନ ପଟେଲ ଉପସ୍ଥିତ ଥିଲେ। ଏହା ସହିତ ଏହି ବୈଠକରେ ଜିଲ୍ଲା ପରିବେଶ ସମିତିର ଆଜୀବନ ସଦସ୍ୟ ବିଜୟ କୁମାର ବେହେରା, ବେଣୁଧର ବୈଧୁରୀ, ହମିଦ କୁମାର ମହାପାତ୍ର, ଜେନେରାଲ ମ୍ୟାନେଜର ଏମ୍‌ସିଏଲ ଲଖନପୁର, ଅବଧ କିଶୋର ପାଣ୍ଡେ, ଜିତେନ୍ଦ୍ର ତିୱାରି, ଜେନେରାଲ ମ୍ୟାନେଜର ଇବ ଭ୍ୟାଲି ଏରିଆ, ଅଞ୍ଜନ ରଞ୍ଜନ ଦାସ, ଡାଇରେକ୍ଟର ଅପରେସନ ଓପିଜିଶି, ସୁସାନ୍ତ କୁମାର ଦାଶ, ବରିଷ୍ଠ ଅଧିକାରୀ ଟିଆରଏଲ କ୍ରୋଶାକି, କୋଡ଼ା ହୋଇ ମାଇନ୍ସ ବେଦାନ୍ତ ର ସିଓଓ ରାଜ କିଶୋର ସିଂ, ସୁରେନ୍ଦ୍ର କୁମାର ଭୋଇ, ଅଧ୍ୟକ୍ଷ ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନାଟ୍ୟକାର ଡ. ସୁବାସ ଚନ୍ଦ୍ର ପ୍ରଧାନ, ପରିବେଶ ବୈଜ୍ଞାନିକ ଅନୁସୟା ଏକ୍କା, ବ୍ରଜରାଜନଗର ରେଞ୍ଜର ରିସନା ଜାମୁଡାଲିଆ ଉପସ୍ଥିତ ଥିଲେ। ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିଜ ନିଜର ଷ୍ଟଲରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପ୍ଲାଷ୍ଟିକ ମୁକ୍ତ ବ୍ୟବହାର୍ଯ୍ୟ ସାମଗ୍ରୀରେ ବଣ୍ଟନ ଓ ପ୍ରଦର୍ଶନୀ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କରାଯାଇ ଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀମାନଙ୍କୁ ପୁରସ୍କୃତ କରାଯାଇ ଥିଲ। ଛୁଆଳି ବେର୍ଣ୍ଣା ନରସିଂହ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ମିରର ଥିଏଟରର କଳାକାରମାନେ ପ୍ରଦୁଷଣ ଉପରେ ଏକ ନାଟକ ପରିବେଷଣ କରିଥିଲେ। ଝାରସୁଗୁଡ଼ା ରାଜ୍ୟ ପ୍ରଦୁଷଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ଇଂ. ହିରଣ୍ୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବୈଜ୍ଞାନିକ ଅନୁସୟା ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗୀତା ଭୌମିକ ମଞ୍ଚ ପରିଚାଳନା କରିଥିଲେ।

# ଜୋନ୍‌ସ୍ତରୀୟ ଖୋଖୋ, କବାଡ଼ି ଖେଳାଳି ଚୟନ ଶିବିର

**ଖପ୍ରାଖୋଲ, ୭।୯(ସମିସ):** ଖପ୍ରାଖୋଲ ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଫୁଲକିମୁଣ୍ଡା ଜୋନ୍-୨ର ଜୋନ୍‌ସ୍ତରୀୟ ଖୋଖୋ, କବାଡି ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୧୨୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନନ୍ଦଲାଲ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଐଶ୍ୱର୍ଯ୍ୟ ଶେଖର ଦେବତା ଯୋଗ ଦେଇଥିଲେ।



ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋପୀକୃଷ୍ଣ ଦଳାଇ ମଞ୍ଚ ପରିଚାଳନା ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିବା ପରେ ଛାତ୍ରଛାତ୍ରୀମାନେ ଶପଥ ପାଠ କରିଥିଲେ। ପ୍ରଧାନଶିକ୍ଷକ ତଥା ଜୋନ୍-୨ର ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଖପ୍ରାଖୋଲର ବିଏସଏସଏ ସମ୍ପାଦକ ରଜତ କୁମାର ଦାସ କବାଡି ଓ ଖୋଖୋ ଖେଳର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିବିରରେ ୧୪ ବର୍ଷ ଓ ୧୭ ବର୍ଷରୁ କମ ୧୨୫ଜଣ ବାଳିକା ଓ ବାଳକ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କମଧ୍ୟରୁ କବାଡ଼ିରେ ବାଳିକା ବିଭାଗରେ ୧୪ ଓ ୧୭ବର୍ଷରୁ କମ ୧୨ ଜଣ ଓ ବାଳକ ବିଭାଗରେ ୧୨ ଜଣ ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। ଖୋଖୋ ପ୍ରତିଯୋଗିତାରେ ୧୪ ଓ ୧୭ବର୍ଷରୁ କମ ବାଳିକା ବିଭାଗରେ ୨୦ ଜଣ ଓ ବାଳକ ବିଭାଗରେ ୨୦ ଜଣ ବ୍ଲକସ୍ତରକୁ ମନୋନୀତ ହେଲେ। ଖେଳଶିକ୍ଷକ ଡୋଲାମଣି ପ୍ରଧାନ, ସନାତନ କୁମ୍ଭାର, ନରେଶ କୁମାର ବେହେରା ଓ ଭୋଜରାଜ ଗହିର ଖେଳ ପରିଚାଳନା କରିଥିଲେ।

# ନିୟମ ଉଲ୍ଲଂଘନ କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଦେବଗଡ଼, ୭।୯(ସମିସ)**

ଗୋହିରା ଜଳସେଚନ ବିଭାଜନ ଅଧୀନରେ ଥିବା ଟେଣ୍ଡର କାର୍ଯ୍ୟ ଗୁଡ଼ିକରେ ଓପିଡବ୍ଲ୍ୟୁ.ଡି କୋଡ୍‌ର କଡ଼ାକଡ଼ି ଅନୁପାଳନ ଏବଂ ତୁରନ୍ତ ହସ୍ତକ୍ଷେପ ଦାବିକରି ଦେବଗଡ଼ ଡିଷ୍ଟ୍ରିକ୍ଟ କଣ୍ଟ୍ରାକ୍ଟର୍ସ ୟୁନିଅନ ପକ୍ଷରୁ ରେଙ୍ଗାଲବେଡ଼ା ସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ ଅନେକ ସଫଳ ବିଡ଼ର ନିର୍ଦ୍ଧାରିତ ସମୟ ସୀମା ଅର୍ଥାତ୍ ୭ ସେପ୍ଟେମ୍ବର ସୁଦ୍ଧା ସେମାନଙ୍କର ପ୍ରାରମ୍ଭିକ ସୁରକ୍ଷା ଜମା ଏବଂ ଅତିରିକ୍ତ



କାର୍ଯ୍ୟଦକ୍ଷତା ସୁରକ୍ଷା ଦାଖଲ କରିନାହାନ୍ତି କିମ୍ବା ଆନୁଷ୍ଠାନିକ ଚୁକ୍ତିନାମା ସ୍ୱାକ୍ଷରିତ କରିନାହାନ୍ତି। ଓ.ପି.ଡବ୍ଲ୍ୟୁ.ଡି କୋଡ୍‌ର ସ୍ପଷ୍ଟ ନିୟମ ଅନୁଯାୟୀ, ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଆବଶ୍ୟକୀୟ ଆର୍ଥିକ ଓ ପ୍ରଶାସନିକ ସର୍ତ୍ତପୂରଣ କରିବାରେ ବିଫଳ ହେଲେ ସମ୍ପୃକ୍ତ ଠିକାଦାରଙ୍କ ଇ.ଏମ.ଡି ବାଜ୍ୟାପ୍ତ କରାଯିବା ସହ ଟେଣ୍ଡରକୁ ତୁରନ୍ତ ବାତିଲ କରାଯିବା। ଟେଣ୍ଡର ପ୍ରକ୍ରିୟାରେ କେତେକ ବିଡ଼ରଙ୍କ ଦ୍ୱାରା ଅତି କମ୍ ଦର ଦାଖଲ କରାଯିବା ନେଇ ଡିଡିସିୟୁ ପୁଣି ଥରେ ଗଭୀର ଚିନ୍ତା ପ୍ରକଟ କରିଛି। ଏଭଳି ଅସ୍ୱାଭାବିକ କମ୍ ଦରର ବିଡ୍ ସରକାରୀ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ବୈଷୟିକ ଓ ଆର୍ଥିକ ସକ୍ଷମତା ପ୍ରତି ବିପଦ ସୃଷ୍ଟି କରିବା ସହ ପ୍ରକଳ୍ପର ଗୁଣବତ୍ତା ଓ ସ୍ଥାୟୀତ୍?କୁ ନଷ୍ଟ କରିଦେବ ବୋଲି ସଂଘ ଚେତାବନୀ ଦେଇଛି।

‘ସୀତାପତି’ ହତ୍ୟା ମାମଲା

# କୋର୍ଟରେ ହାଜର ହେଲେନି ସୋରଡ଼ା ବିଧାୟକ



■ ଅଭିଯୁକ୍ତଙ୍କ ପକ୍ଷରୁ ପିଟିସନ ଦାଖଲ ପରେ ଅକ୍ଟୋବର ୧ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ
■ ଜୀବନ ପ୍ରତି ଭୟ ଥିବାରୁ ଭୁବନେଶ୍ୱର କୋର୍ଟରୁ ଆଭାସୀରେ ସାକ୍ଷ୍ୟ ଦେବେ ମୃତକଙ୍କ ପୁଅ

ବ୍ରହ୍ମପୁର, ୭।୯ (ସମିସ): ୨୦୦୭ ମସିହାରେ ଗଞ୍ଜାମ ଜିଲ୍ଲା ଜାମପଲ୍ଲୀ ଠାରେ ବସରୁ ଟାଣି ଆଣି ସୀତାପତି ନାୟକଙ୍କୁ ହତ୍ୟା ମାମଲାରେ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ)ଙ୍କ କୋର୍ଟରେ ଉଭୟ ସାକ୍ଷ୍ୟ ଓ ଅଭିଯୁକ୍ତ କେହି ହାଜର ହୋଇ ନଥିବା ଜଣାପଡିଛି। ହତ୍ୟାକାଣ୍ଡରେ ସୋରଡ଼ା ବିଜେପିବିଧାୟକ ନୀଳମଣି ବିଶୋୟୀଙ୍କ ସମେତ ତାଙ୍କ ଭାଇ ବସନ୍ତ ବିଶୋୟୀ ଓ ଭଣଜା ଜିତେନ୍ଦ୍ର କୁମାର ନାୟକ ଓରଫ୍ ଜିତୁଙ୍କ ସମେତ ବିଦ୍ୟାଧର ସ୍ୱାଇଁ, ଶିବ ପ୍ରସାଦ ଜେନା ଓ ସୁଶାନ୍ତ ବେହେରା ହାଜର ହେବାର ଥିଲା। ସେହିଭଳି କୋର୍ଟ ପକ୍ଷରୁ ୪ଜଣ ସାକ୍ଷ୍ୟଙ୍କ ବୟାନ ରେକର୍ଡ କରିବାକୁ ମଧ୍ୟ ନୋଟିସ ଜାରି କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ଆଜି ଉଭୟ ପକ୍ଷରୁ କେହି ମଧ୍ୟ କୋର୍ଟରେ ହାଜର ହୋଇନଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ତାଙ୍କ ଓକିଲ ପିଟିସନ ଜରିଆରେ ସମୟ ମାଗିଥିବା ଜଣାପଡିଛି। ଫଳରେ ଆସନ୍ତା ଅକ୍ଟୋବର ୧ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ବୋଲୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଜଣାପଡିଛି। ସେପଟେ ଜିଆର-୭୧୨/୨୦୦୭ ତଥା ଏସଟି-୧/୨୦୧୧ମାମଲାରେ ସୀତାପତି ନାୟକ ଆକ୍ରମଣ ପରେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଦେଇଥିବା ମୃତକାଳିନ ଜମାନବନ୍ଦୀ ସମୟରେ ତାଙ୍କ ପୁଅ ବସନ୍ତ ନାୟକ ନିକଟରେ ଉପସ୍ଥିତ ଥିଲେ। ମାମଲାର ବିଚାରଣା ବେଳେ ସୀତାପତିଙ୍କ ପୁଅ ବସନ୍ତଙ୍କ ବୟାନ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ତାଙ୍କ ଜୀବନ ପ୍ରତି ଭୟ ଥିବା ସେ ନିଜ ଓକିଲଙ୍କ ଜରିଆରେ କୋର୍ଟରେ ଜଣାଇଛନ୍ତି। ଏଣୁ ସେ ବ୍ରହ୍ମପୁରରେ ନୁହେଁ ବରଂ କଟକ କିମ୍ବା ଭୁବନେଶ୍ୱରରେ ରହି ନିଜର ବୟାନ ଦେବାକୁ ନିବେଦନ କରିଥିବା ତାଙ୍କ ଓକିଲ ଡଃ ସୁଜାତା ଦାଶ ଓ ସେଖ ଜଫ୍ରୁଲ୍ଲା କହିଛନ୍ତି। ଆଜି ଉଭୟ ଆଇନଜୀବୀ ବ୍ରହ୍ମପୁର କୋର୍ଟରେ ଏନେଇ ପିଟିସନ ଦାଖଲ କରିଥିବା ଜଣାପଡିଛି। ଫଳରେ ଆସନ୍ତା ଧାର୍ଯ୍ୟ ଦିନରେ ଯଥା ଅକ୍ଟୋବର ପହିଲାରେ ବସନ୍ତ ନାୟକ ଭୁବନେଶ୍ୱର କୋର୍ଟରୁ ଆଭାସି ଜରିଆରେ ନିଜର ବୟାନ ରଖିବେ ବୋଲି ଜଣାପଡିଛି। ସେହିଭଳି ଆସନ୍ତା ଅକ୍ଟୋବର ପହିଲାରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଦିନ ସୋରଡା ବିଜେପି ବିଧାୟକ ନୀଳମଣି ବିଶୋୟୀଙ୍କ ସମେତ ସମସ୍ତ ଅଭିଯୁକ୍ତ କୋର୍ଟରେ ହାଜର ହେବା ନେଇ ସମ୍ଭାବନା ରହିଛି।

# ଉନ୍ନତ ଯନ୍ତ୍ରପାତି ବିତରଣ କାର୍ଯ୍ୟକ୍ରମ ମାଧ୍ୟମରେ ହସ୍ତଶିଳ୍ପୀଙ୍କ ଦକ୍ଷତାକୁ ନୂତନ ‘ଶକ୍ତି’




■ ହସ୍ତଶିଳ୍ପୀଙ୍କ ଦକ୍ଷତା ପାଇଁ ଆଧୁନିକ ଉପକରଣର ସହଯୋଗ
■ ୧୨୦୦ ହସ୍ତଶିଳ୍ପୀଙ୍କ ପାଇଁ ୧୨୦୦ ଉନ୍ନତ ଉପକରଣ

ଭୁବନେଶ୍ୱର,୭।୯ (ସମିସ): ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପକୁ ଆଧୁନିକ ବଜାର ସହିତ ଯୋଡ଼ିବା ଏବଂ ହସ୍ତଶିଳ୍ପୀଙ୍କ ଉତ୍ପାଦନ କ୍ଷମତା ଓ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ଉନ୍ନତ ଉପକରଣ କିଟ୍ ବଣ୍ଟନ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲ୍ଲାର ବନମାଳୀପୁର ଅନ୍ତର୍ଗତ ଭାକରସାହିଠାରେ ଆୟୋଜିତ ହୋଇଛି। ହସ୍ତଶିଳ୍ପୀଙ୍କୁ ବଜାର ସୁବିଧା, ବିକ୍ରୟ ବ୍ୟବସ୍ଥା, କଞ୍ଚାମାଲ ଯୋଗାଣ ଏବଂ ଆଗୁଆ-ପଛୁଆ ସଂଯୋଗ ପ୍ରଦାନ କରିବା ସହିତ ଓଡ଼ିଶାର କଳା ଓ ହସ୍ତଶିଳ୍ପର ଗୌରବକୁ ଅକ୍ଷୁଣ୍ଣ ରଖିବା ଦିଗରେ ନିଗମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ସେହି ଉଦ୍ଦେଶ୍ୟରେ ୨୪-୨୫ ଏବଂ ୨୫-୨୬ ଆର୍ଥିକ ବର୍ଷରେ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ବସ୍ତ୍ର ମନ୍ତ୍ରଣାଳୟଠାରୁ ଓଡ଼ିଶାର ୧୨ଟି ଜିଲ୍ଲାରେ ୭ଟି ଭିନ୍ନ ଭିନ୍ନ ହସ୍ତଶିଳ୍ପ ପାଇଁ ୧,୨୦୦ଟି ଉନ୍ନତ ଉପକରଣ କିଟ୍ ବଣ୍ଟନ ପାଇଁ ଅନୁମୋଦନ ମିଳିଛି। ଏହି ଯୋଜନାରେ ଚାନ୍ଦୁଆ, କାଠ, ପଥର, ଶିଙ୍ଗ, ଲୌହ, ମୃତ୍ତିକା ଓ ପିତଳ ଧାତୁ ଶିଳ୍ପ ସମେତ ୭ଟି ହସ୍ତଶିଳ୍ପ କ୍ଷେତ୍ରର ଶିଳ୍ପୀମାନେ ଉପକୃତ ହେବେ। ସମାରୋହରେ ଖୋର୍ଦ୍ଧା ଜିଲ୍ଲାର ବନମାଳୀପୁର ଅନ୍ତର୍ଗତ ଭାକରସାହିଠାରେ ୧୫୦ ଜଣ ଆପ୍ଲିକ୍ କ୍ରାଫ୍ଟ ହସ୍ତଶିଳ୍ପୀଙ୍କୁ ଉନ୍ନତ ଉପକରଣ କିଟ୍ ପ୍ରଦାନ କରାଗଲା। ଅବଶିଷ୍ଟ ଅନୁମୋଦିତ ଉପକରଣ କିଟ୍?ଗୁଡ଼ିକ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ବଣ୍ଟନ କରାଯିବ। ଦକ୍ଷ ହାତ ହେଉଛି ହସ୍ତଶିଳ୍ପର ଶକ୍ତି, ଆଧୁନିକ ଉପକରଣ ସେହି ଶକ୍ତିକୁ ନୂତନ ସଫଳତା ପ୍ରଦାନ କରିବ ବୋଲି ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଅତିରିକ୍ତ ସଚିବ ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ବିଭାଗ ତଥା ପରିଚାଳନା ନିର୍ଦ୍ଦେଶିକା ଚିନ୍ମୟୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍ଏମ୍ଡିଆର୍ ବିରୋଧରେ ୯ରେ ଆପ୍‌ର ପ୍ରତିବାଦ ସଭା




ଭୁବନେଶ୍ୱର,୭।୯ (ସମିସ): କେନ୍ଦ୍ରର ବିଜେପି ସରକାର ଷଡଯନ୍ତ୍ର କରି ଏମ୍ଏମ୍ଡିଆର୍ ଆଇନ୍‌ରେ ସଂଶୋଧନ କରିଛି। ଏହି ନୂତନ ଆଇନ୍ ବଳରେ ଓଡ଼ିଶାର ଖଣି ଏବଂ ଖଣି ଥିବା ଜମିକୁ ନିଜ ଅଧୀନକୁ କେନ୍ଦ୍ର ସରକାର ନେଇ ଯାଇଛନ୍ତି। କିନ୍ତୁ ଓଡ଼ିଶାର ବିଜେପି ସରକାର ଏବଂ ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ବିଜେପି ସାଂସଦ ଏହି ଖଣି ଏବଂ ଖଣିଥିବା ଜମିର ଚୋରିକୁ ସମର୍ଥନ କରିଛନ୍ତି। ଜମି ଓଡ଼ିଶାବାସୀଙ୍କର ହୋଇଥିବା ବେଳେ ଏହାକୁ କେନ୍ଦ୍ର ନିଜ ଅଧୀନକୁ ନେବା ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସଘାତକତା ବୋଲି ଆମ୍ଆଦମୀ ପାର୍ଟି କହିଛି। ତେଣୁ ଏହା ବିରୋଧରେ ପାର୍ଟି ପକ୍ଷରୁ ଆସନ୍ତା ୯ ତାରିଖରେ ଭୁବନେଶ୍ୱରରେ ଏକ ବିରାଟ ପ୍ରତିବାଦ ସଭା କରାଯିବ ବୋଲି ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି।

ସୋମବାର ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି, ଏହି ଆଇନ୍ ବଳରେ ଓଡ଼ିଶାର ଖଣି ଥିବା ଜମି ଉପରେ ଓଡ଼ିଶା ସରକାର କେନ୍ଦ୍ରର ବିନା ଅନୁମତି ରେ କୌଣସି ଟ୍ୟାକ୍ସ ବସାଇ ପାରିବ ନାହିଁ। ଏହାଦ୍ୱାରା ଖଣି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ବୃକ୍ଷ ରୋପଣ ଏବଂ ଜିଲ୍ଲାର ଅଧିବାସୀଙ୍କ ବିକାଶ ପାଇଁ ବ୍ୟବହୃତ ଟଙ୍କା ମିଳିବ ନାହିଁ। ପୁନଶ୍ଚ କେନ୍ଦ୍ର ସରକାରଙ୍କ ଏହି ସଂଶୋଧନ ଯୋଗୁଁ ସୁପ୍ରିମ କୋର୍ଟର ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ସରକାର ଏବଂ ଓଡିଶାବାସୀ ପାଇବାକୁ ଥିବା ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ବକେୟା ପ୍ରାପ୍ୟ ମଧ୍ୟ ପାଇବ ନାହିଁ। ଓଡିଆ ଅସ୍ମିତାର ସ୍ଲୋଗାନ ଦେଇ ଏବଂ ଡବଲ ଇଞ୍ଜିନ ସରକାର ଆସିଲା। ଓଡ଼ିଶାର ବିକାଶ ହେବ ବୋଲି ପ୍ରତିଶୃତି ଦେଇଥିବା ଭାରତୀୟ ଜନତା ପାର୍ଟି ବର୍ତ୍ତମାନ ଓଡ଼ିଶାର ଖଣି ଏବଂ ଖଣିଥିବା ଜମିକୁ ନିଜର କର୍ପୋରେଟ ବନ୍ଧୁମାନଙ୍କୁ ଶାଗମାଛ ମୂଲ୍ୟରେ ବିକିବା ପାଇଁ ଓଡ଼ିଶାବାସୀଙ୍କୁ ପ୍ରତାରିତ କରିଛି। ଏହି ଷଡଯନ୍ତ୍ର ବିରୋଧରେ ସାରା ଓଡ଼ିଶାରେ ଜନମତ ତିଆରି କରିବା ପାର୍ଟି ନିଷ୍ପତ୍ତି ନେଇଛି।

# ଧାମନଗର ଏନ୍ଏସିରେ ଫର୍ମ-୭ ଅନିୟମିତତା ଅଭିଯୋଗ



● ସିଇଓଙ୍କୁ ଭେଟି ତଦନ୍ତ ଦାବିକଲା ବିଜେଡି
● ମତଦାତାଙ୍କ ନାମ ବାଦ୍ ଦେବାକୁ ସହକାରୀ ନିର୍ବାଚନ ଅଧିକାରୀ ପକାଉଛନ୍ତି ଚାପ
● ଫର୍ମ-୭ ଆବେଦନଗୁଡ଼ିକର ସ୍ୱଚ୍ଛ ଓ ନିରପେକ୍ଷ ଯାଞ୍ଚ କରାଯାଉ
● ନିର୍ବାଚନୀ ସମୟସୀମା ନିକଟତର ହେଉଥିବାରୁ ତୁରନ୍ତ ପଦକ୍ଷେପ ନିଆଯାଉ

ଭୁବନେଶ୍ୱର,୭।୯ (ସମିସ): ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗର ଏନ୍ଏସିରେ ମତଦାତା ତାଲିକାର ଯାଞ୍ଚ ପ୍ରକ୍ରିୟା ସମୟରେ ଫର୍ମ-୭ ଆବେଦନର ଅପବ୍ୟବହାର ଅଭିଯୋଗ ଆଣି ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବି କରିଛି ବିଜେଡି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ନିକଟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଫର୍ମ-୭ର ଅପବ୍ୟବହାର ନେଇ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ବିଜେଡି। ଏହି ପରିପ୍ରେକ୍ଷୀରେ ଯାଞ୍ଚ ପ୍ରକ୍ରିୟାରେ ନିୟୋଜିତ ବୁଥସ୍ତରୀୟ ଅଧିକାରୀମାନଙ୍କ ପକ୍ଷରୁ ଧାମନଗର ଏନ୍ଏସି ସମ୍ପର୍କରେ ଧାମନଗର ଥାନାରେ ଦାଖଲ ହୋଇଥିବା ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଅଭିଯୋଗରେ ଥିବା ତଥ୍ୟ ଅନୁଯାୟୀ ଧାମନଗର ଏନ୍ଏସିର ନିର୍ବାହୀ ଅଧିକାରୀ-ସହକାରୀ ସହାୟକ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ନାୟକ ଫର୍ମ-୭ ସମ୍ପର୍କିତ କାର୍ଯ୍ୟକଳାପରେ ବୁଥସ୍ତରୀୟ ଅଧିକାରୀମାନଙ୍କ ଉପରେ ଚାପ ପକାଉଛନ୍ତି। ଏଥିରେ ଏକକାଳୀନ ପାସ୍‌ୱାର୍ଡ ହାସଲ କରିବା ଏବଂ ନିର୍ଦ୍ଧାରିତ ନିର୍ବାଚନୀ ପ୍ରକ୍ରିୟା ଓ ସୁରକ୍ଷା ବ୍ୟବସ୍ଥା ପାଳନ ନକରି ମତଦାତାମାନଙ୍କ ନାମ ବାଦ୍ ଦେବା ପାଇଁ ପ୍ରୟାସ କରାଯାଇଛି। ଏପରି ନିର୍ଦ୍ଦେଶ ପାଳନ କରିବାକୁ ଅମଙ୍ଗ ହୋଇଥିବା ବୁଥସ୍ତରୀୟ ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ସହ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜିଲ୍ଲା ପ୍ରଶାସନର ଜଣେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ କରାଇବାକୁ ଦାବି କରିଛି ବିଜେଡି। ତଦନ୍ତରେ ବୁଥସ୍ତରୀୟ ଅଧିକାରୀମାନଙ୍କୁ ଫର୍ମ-୭ ଆବେଦନ ସମ୍ପର୍କରେ କୌଣସି ମୌଖିକ କିମ୍ବା ଲିଖିତ ନିର୍ଦ୍ଦେଶ ଦିଆଯାଇଥିଲା କି ନାହିଁ, ସେହି ନିର୍ଦ୍ଦେଶ ପ୍ରଚଳିତ ନିର୍ବାଚନୀ ପ୍ରକ୍ରିୟା ସହ ସମନ୍ୱିତ ଥିଲା କି ନାହିଁ ଏବଂ ସ୍ୱାଧୀନ ଭାବେ ନିଜ ଦାୟିତ୍ୱ ନିର୍ବାହ କରିବାରେ ବୁଥସ୍ତରୀୟ ଅଧିକାରୀମାନଙ୍କ ଉପରେ କୌଣସି ପ୍ରକାର ଚାପ ପକାଇବାକୁ ଚେଷ୍ଟା କରାଯାଇଥିଲା କି ନାହିଁ, ତାହା ଯାଞ୍ଚ କରାଯିବା ଉଚିତ। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ସନ୍ତୋଷ କୁମାର ନାୟକଙ୍କୁ ଫର୍ମ-୭ ସମ୍ପର୍କିତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଉ। ଧାମନଗର ଏନ୍ଏସି ସମ୍ପର୍କିତ ଫର୍ମ-୭ ଆବେଦନ, ଏକକାଳୀନ ପାସ୍‌ୱାର୍ଡ ସମ୍ପର୍କିତ ରେକର୍ଡ, ଡିଜିଟାଲ ଓ ବୈଦ୍ୟୁତିକ ତଥ୍ୟ, ସ୍ୱୀକୃତିପତ୍ର, ସହାୟକ ଦଲିଲ, ବୁଥସ୍ତରୀୟ ଅଧିକାରୀଙ୍କ ରିପୋର୍ଟ, ସରକାରୀ ନିର୍ଦ୍ଦେଶ, ଯୋଗାଯୋଗ ଏବଂ ବୈଠକ ସମ୍ପର୍କିତ ରେକର୍ଡ ଅନ୍ତର୍ଭୁକ୍ତ ହେବା ଉଚିତ। ଫର୍ମ-୭ ମାଧ୍ୟମରେ ଯେଉଁ ସମସ୍ତ ମତଦାତାଙ୍କ ନାମ ବାଦ୍ ଦେବା ପାଇଁ ପ୍ରସ୍ତାବ ରହିଛି କିମ୍ବା ବାଦ୍ ଦିଆଯାଇଛି, ସେମାନଙ୍କୁ ଚିହ୍ନଟ କରି ଉପଯୁକ୍ତ ଭାବେ ପୁନଃ ଯାଞ୍ଚ କରାଯିବା ଉଚିତ। ବିଶେଷକରି ଯେଉଁଠାରେ ସମ୍ପୃକ୍ତ ମତଦାତା ନିଜ ନାମ ବାଦ୍ ଦିଆଯିବାକୁ ନେଇ ଆପତ୍ତି ଉଠାଇଛନ୍ତି କିମ୍ବା କୌଣସି ପ୍ରକ୍ରିୟାଗତ ଅନିୟମିତତା ଚିହ୍ନଟ ହୋଇଛି, ସେଠାରେ ପୁନଃ ଯାଞ୍ଚ କରାଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି।

ଦଳର ଦାବି ଅନୁଯାୟୀ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଓ ଅଖଣ୍ଡତା ପାଇଁ ବୁଥସ୍ତରୀୟ ଅଧିକାରୀମାନଙ୍କ ସ୍ୱାଧୀନତା ଓ ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ। ଅଧିକାରୀମାନଙ୍କୁ ତଦନ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ସ୍ୱାଧୀନ ଭାବେ ନିଜ ବୟାନ ଦେବାର ସୁଯୋଗ ଦିଆଯାଉ। କେବଳ ତଦନ୍ତରେ ଅଂଶଗ୍ରହଣ କରିଥିବା କାରଣରୁ ସେମାନଙ୍କ ବିରୋଧରେ ପ୍ରତିଶୋଧମୂଳକ କିମ୍ବା ଚାପମୂଳକ ପ୍ରଶାସନିକ ପଦକ୍ଷେପ ନିଆଯିବା ଉଚିତ ନୁହେଁ। ଧାମନଗର ଘଟଣାରେ ଯଦି ଏକ ନିରପେକ୍ଷ ଓ ନ୍ୟାୟସଂଗତ ତଦନ୍ତ ପରେ ଏହି ଅଭିଯୋଗଗୁଡ଼ିକ ପ୍ରମାଣିତ ହୁଏ, ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ ପ୍ରଚଳିତ ଆଇନ, ନିର୍ବାଚନୀ ନିୟମ ଓ ସେବା ନିୟମାବଳୀ ଅନୁଯାୟୀ ଉପଯୁକ୍ତ ଶୃଙ୍ଖଳାଗତ ଓ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ପ୍ରତାପ ଜେନା, ବିଜୟ ନାୟକ, ଡ. ଲେନିନ ମହାନ୍ତି, ଶେଖ୍ ନିଜାମୁଦ୍ଦିନ, ରିଜୱାନା ବେଗମ, ନିବେଦିତା ଜେନା, ବିଜୟକେତନ ସାହୁ, ରହିମା ଖାତୁନ, ସୁଶାନ୍ତ କୁମାର ରାଉତ, ନଜମା ଖାତୁନ, ମହମ୍ମଦ ଫକିରଉଦ୍ଦିନ, ୟାସିନ ୟାସନ୍ତାନି କାଦିର, ଜଇନୁର ହକ୍ ପ୍ରମୁଖ ସାମିଲ ଥିଲେ।

# କ୍ୱାର୍ଟର୍ସ ଜବରଦଖଲ କରିଛନ୍ତି ବାଲେଶ୍ୱର ଡିଇଓ



ନୟାଗଡ଼,୭।୯ (ସମିସ): ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ବସନ୍ତ କୁମାର ନାୟକ ନୟାଗଡ଼ ସହର ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ଏକ ସରକାରୀ କ୍ୱାର୍ଟର୍ସକୁ ଦୁଇବର୍ଷ ହେବ ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଛି। ବସନ୍ତ ନୟାଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ସମୟରେ ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ କ୍ୱାର୍ଟର୍ସରେ ରହୁଥିଲେ। ଏହି କ୍ୱାର୍ଟର୍ସ ତାଙ୍କୁ ବ୍ୟବହାର କରିବାକୁ ଜିଲ୍ଲା ଶିକ୍ଷା ବିଭାଗ ଅନୁମତି ଦେଇଛି ନା ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ସେ ଉକ୍ତ କ୍ୱାର୍ଟର୍ସକୁ ଦୁଇ ବର୍ଷ ହେବ ତାଲା ପକାଇ ରଖିଥିବା ବେଳେ ବାଳିକା ଉଚ୍ଚ ବିଦ୍ୟାଳୟ ପାର୍କିଂରେ ତାଙ୍କ କାର୍ ରଖାଯାଇଛି। ବସନ୍ତ କାହିଁକି ଉକ୍ତ କ୍ୱାର୍ଟର୍ସରେ ତାଲା ପକାଇଛନ୍ତି, ଏହା ପଛର ଉଦ୍ଦେଶ୍ୟ କ’ଣ ସେ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ମୁହଁ ଖୋଲୁନାହାନ୍ତି। ଏ ସମ୍ପର୍କରେ ବାଳିକା ଉଚ୍ଚ ବିଦ୍ୟାଳୟ ଡିଡିଓ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କୁ ପଚାରିବାରେ, ସେ କ୍ୱାର୍ଟର୍ସ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ପଚାରିବାରେ କହିଲେ, ଏଭଳି ହୋଇଥିଲେ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରିର୍ପୋଟ କରିବା କଥା। ରିର୍ପୋଟ କଲେ ତାହାକୁ ଉଚ୍ଛେଦ କରାଇବୁ ବୋଲି କହିଛନ୍ତି। ଅନ୍ୟପକ୍ଷେ, ଉକ୍ତ କ୍ୱାର୍ଟର୍ସ ଏବେ ଅବ୍ୟବହୃତ ଅବସ୍ଥାରେ ତାଲା ଝୁଲି ରହିଥିବାରୁ ଏହାର ପରିସରରେ ଗଛଲତା ଉଠି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଏହି ଘଟଣାକୁ ନେଇ ନୟାଗଡ଼ର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ସାଙ୍ଘାତିକ ଆଲୋଚନା ହୋଇଛି।

ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ନାୟକ ନୟାଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀରୁ ପଦୋନ୍ନତି ସହ ବଦଳି ହୋଇ ପ୍ରଥମେ ରାୟଗଡ଼ା ଯାଇଥିଲେ। ସେଠାରୁ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଏବେ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ଅବସ୍ଥାପିତ ହୋଇଥିବା ସୂଚନା ମିଳିଛି। ନୟାଗଡ଼ ଛାଡ଼ିବା ପରେ ସେ ୩ ଜିଲ୍ଲାରେ କାର୍ଯ୍ୟ କରିସାରିଥିଲେ ମଧ୍ୟ ଏଠାରୁ କ୍ୱାର୍ଟର୍ସ ନ ଛାଡ଼ିବା ପଛର ରହସ୍ୟକୁ ନେଇ ନାନା ପ୍ରଶ୍ନ ଉଠିଛି।

# ସିଏଚ୍ଏସ୍ଇର ୪୪ ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୭।୯ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ର ୪୪ ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ କୋଟପାଡ ବିଧାୟକ ରୁପୁ ଭତ୍ରା ଯୋଗଦେଇ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନାକୁ ପ୍ରଶଂସା କରିଛନ୍ତି। ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ବିଭାଗର ସଚିବ ଡ. ଏନ୍. ତିରୁମାଲା ନାୟକ ଯୋଗଦେଇ ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ହେଉଥିବା ପିଲାଙ୍କୁ ଅନ୍ତତଃ ଗୋଟିଏ ଟ୍ରେଡ୍‌ରେ ଦକ୍ଷ କରିବାକୁ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ କରାଯାଉଥିବା କହିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ସିଏଚ୍ଏସ୍ଇର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦିକା ଶୁଭ୍ରାବାଳା ବେହେରା ବାର୍ଷିକ ବିବରଣୀ ଉପସ୍ଥାପନ କରିଛନ୍ତି। ପରିଷଦର ବାର୍ଷିକ ସ୍ମରଣିକା ‘ପ୍ରଜ୍ଞା’କୁ ଅତିଥିମାନେ ଉନ୍ମୋଚିତ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପରୀକ୍ଷା ନିୟନ୍ତ୍ରକ ଡ଼ ପ୍ରଶାନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ: ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ



ଯାଜପୁର,୭।୯ (ସମିସ): ଯାଜପୁର ଜିଲ୍ଲା କଳିଙ୍ଗ ନଗର ଥାନା ଅଞ୍ଚଳରେ ୨୦୨୫ ମସିହାରେ ଜଣେ ୧୫ ବର୍ଷୀୟ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ କେନ୍ଦୁଝର ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କୀର୍ତ୍ତନପାଟିଆ ଗାଁର ବିଜୟ ମୁଣ୍ଡାଙ୍କ ପୁଅ ସଂଗ୍ରାମ ମୁଣ୍ଡା (୨୦) ଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି ପୋକ୍ସୋ ସ୍ପେସାଲ ଅଦାଲତ।

୨୧ଜଣ ସାକ୍ଷ୍ୟ ପ୍ରମାଣ ଓ ୧୩ ଗୋଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧୨ମାସ ପାଇଁ ଜେଲଦଣ୍ଡ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ପୋକ୍ସୋ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତର ବିଚାରପତି ଅଭିଲାଷ ସେନାପତି। ଗତ ତା.୨୯-୯-୨୫ରେ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କୀର୍ତ୍ତନପାଟିଆ ଗାଁର ବିଜୟ ମୁଣ୍ଡାଙ୍କ ପୁଅ ସଂଗ୍ରାମ ମୁଣ୍ଡା (୨୦) କଳିଙ୍ଗ ନଗର ଥାନା ଅଞ୍ଚଳର ଜନୈକା ୧୫ ବର୍ଷୀୟା ନାବାଳିକାକୁ ଅପହରଣ କରି ଅଭିଯୁକ୍ତର ଘରେ ନେଇ ବଳାତ୍କାର କରିଥିଲା। ଏ ନେଇ ନାବାଳିକାର ମା’ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ ନଂ ୩୪୦/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ସଂଗ୍ରାମ ମୁଣ୍ଡାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୋମବାର ଏହି ମାମଲାର ୨୧ଜଣ ସାକ୍ଷ ପ୍ରମାଣ ଓ ୧୩ ଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧୨ମାସ ପାଇଁ ଜେଲଦଣ୍ଡ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ପୋକ୍ସୋ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତର ବିଚାରପତି ଅଭିଲାଷ ସେନାପତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୮ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାଟିକୁ ସ୍ୱତନ୍ତ୍ର ସରକାରୀ ଓକିଲ ଶ୍ରୀନିବାସ ସାହୁ ପରିଚାଳନା କରିଥିଲେ।

ମଧ୍ୟାହ୍ନ ଭୋଜନରେ ଝିଟିପିଟି

# ସେବାଶ୍ରମରେ ୧୩୦ ଛାତ୍ରଛାତ୍ରୀ ଅସୁସ୍ଥ



ଧାମନଗର,୭।୯ (ସମିସ): ଧାମନଗର ଏନ୍ଏସି ଅନ୍ତର୍ଗତ ସୁନ୍‌ସିପାଟଣା ଗ୍ରାମର ୧୯୫୦ ମସିହାରେ ସ୍ଥାପିତ ବହୁ ପୁରାତନ ଶିକ୍ଷାନୁଷ୍ଠାନ ଜୟନଗର ସେବାଶ୍ରମ ତଥା ଅନୁସୂଚିତଭୁକ୍ତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡ଼ିଥିବା ଖାଦ୍ୟ ଖାଇ ୧୩୦ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ପୁଲିସ ପହଞ୍ଚି ଥାନା ଗାଡ଼ି, ଅଟୋ ଓ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ କେତେକ ପିଲାଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଆଉ କିଛି ପିଲାଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ରଖାଯାଇଛି। ସୁସ୍ଥ ହେବା ପରେ ଛାଡ଼ି ଦିଆଯିବ ବୋଲି ଡାକ୍ତରଙ୍କଠାରୁ ସୂଚନା ମିଳିଛି। ଏହି ସମ୍ବେଦନଶୀଳ ଘଟଣା ପାଇଁ ଦାୟୀ କିଏ ସେନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଘଟଣାକୁ ନେଇ ଅଭିଭାବକ ଓ ସ୍ଥାନୀୟ ମହଲରେ ଚିନ୍ତା ପ୍ରକାଶ ପାଇଛି। ଘଟଣାର ସଠିକ୍ କାରଣ ଓ ଖାଦ୍ୟର ମାନ ସମ୍ପର୍କରେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯିବାକୁ ଅଭିଭାବକ ମହଲରେ ଦାବି ହୋଇଛି। ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ, ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ୍ ଦାଶଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ଏବଂ ପ୍ରଶାସନ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ଚିକିତ୍ସା କରିଥିଲେ। ଏହି ଘଟଣା ପ୍ରସାରିତ ହେବା ପରେ ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦିରୀ, ବିଜେପି ନେତା ଅଶୋକ ପୁହାଣ, କୈଳାସ ଚନ୍ଦ୍ର ମହାପାତ୍ର, ସରୋଜ ମହାପାତ୍ର, ବିଜେଡି ନେତା ତଥା ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ରାଉତଙ୍କ ସମେତ ବିଭିନ୍ନ ଦଳର ନେତା, ନେତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ମେଡିକାଲରେ ପହଞ୍ଚି ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ଅଭିଭାବକମାନଙ୍କୁ ସମବେଦନା ଜଣାଇଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମହିଳାମାନେ ପୂଜାର୍ଚ୍ଚନା କରିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଉଧାର ଟଙ୍କା ଫେରି ପାଇବେ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ନୂତନ ଜମି କ୍ରୟ କରିପାରନ୍ତି।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ମକର:** ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ। ଘରେ ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୦୦: ଟେକ୍ସାସ୍ ଘୂର୍ଣ୍ଣିଝଡ଼ରେ ୬୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା।
- ୧୯୩୪: ନ୍ୟୁୟର୍କ ଉପକୂଳରେ ଯାତ୍ରୀବାହୀ ଜଳ ଜାହାଜରେ ଅଗ୍ନିକାଣ୍ଡ ଘଟି ୧୩୪ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା।
- ୧୯୫୧: ବିଶ୍ୱର ୪୮ ଟି ରାଷ୍ଟ୍ର ଜାପାନ ସହ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।
- ୧୯୯୧: ମାସିଡୋନିଆ ସ୍ୱାଧୀନ ହୋଇଥିଲା।
- ୨୦୦୪: ନାସାର ମହାକାଶଯାନ ଜେନେସିସ୍ ଦୁର୍ଘଟଣାଗ୍ରସ୍ତ ହେଲା।



# ଆନ୍ତର୍ଜାତିକ ସାକ୍ଷରତା ଦିବସ

ନିରକ୍ଷରତା ଏକ ଆଞ୍ଚଳିକ, ପ୍ରାଦେଶିକ କି ଜାତୀୟ ସମସ୍ୟା ନୁହେଁ, ଏହା ବିଶ୍ୱ ସମସ୍ୟା। ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର କମାଇବା, ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା, ଲିଙ୍ଗଗତ ପ୍ରଭେଦ ଦୂର କରିବା ପାଇଁ ଶିକ୍ଷାର ଆବଶ୍ୟକତା ରହିଛି। ଉନ୍ନତ ଶିକ୍ଷା ମାଧ୍ୟମରେ ହିଁ ଏଭଳି ସମସ୍ୟାକୁ ଦୂର କରାଯାଇପାରିବ। ଏକ ନୂଆ ସମାଜ ଗଠନ ପାଇଁ ଶିକ୍ଷାର ଆବଶ୍ୟକତା ଅନେକାଂଶରେ ରହିଛି। ଶିକ୍ଷା କେବଳ ପଢ଼ିବା ଓ ଲେଖିବା ମଧ୍ୟରେ ସୀମିତ ରହି ନ ଥାଏ। ଏହା ଲୋକମାନଙ୍କୁ ନିଜ ଅଧିକାର ପ୍ରତି ସଚେତନ କରିବା ସହ ସାମାଜିକ ବିକାଶ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। ଶିକ୍ଷାଦ୍ୱାରା ଜଣେ ସାକ୍ଷର ହୋଇଥାଏ। ସାକ୍ଷରତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୮ ସେପ୍ଟେମ୍ବରରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଉଛି। ସାକ୍ଷରତା ବିନା ଜଣେ ନାଗରିକ ହିସାବରେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଅସମ୍ଭବ। ପଢ଼ିବା, ଲେଖିବା ପାଇଁ ଅସମର୍ଥ ହେଲେ ଶିକ୍ଷା ବାଧାପ୍ରାପ୍ତ ହୁଏ ଓ ବ୍ୟକ୍ତିତ୍ୱର ବିକାଶ ମଧ୍ୟ କଷ୍ଟକର ପାଲଟିଥାଏ। ସାକ୍ଷରତା ବିନା ଗୋଟିଏ ସମାଜ ଅନୁନ୍ନତ ହୋଇରହେ ଏବଂ ଜନ ସହଯୋଗ ଓ ଭାଗିଦାରୀ ବିନା ଏହା ବିକାଶ ପଥରେ ଅଗ୍ରସର ହୋଇପାରେ ନାହିଁ। ତେଣୁ ସାକ୍ଷରତାର ପ୍ରୟୋଜନ ପ୍ରତି ଜନସଚେତନତା ସୃଷ୍ଟି କରିବା ଆନ୍ତର୍ଜାତିକ ସାକ୍ଷରତା ଦିବସର ପ୍ରମୁଖ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ୟୁନେସ୍କୋ ସଂସ୍ଥା ଦ୍ୱାରା ପ୍ରଥମକରି ୧୯୬୬ ମସିହା ସେପ୍ଟେମ୍ବର ୮ ତାରିଖରେ ସାକ୍ଷରତା ଦିବସ ପାଳିତ ହୋଇଥିଲା। ସେବେଠାରୁ ପ୍ରତିବର୍ଷ ୮ ତାରିଖରେ ଏହା ପାଳିତ ହୋଇଆସୁଛି। ସାରା ବିଶ୍ୱରେ ନିରକ୍ଷରତା ହଟାଇବା ପାଇଁ ଏହି ଦିବସ ପାଳନ କରାଯାଉଥିବାବେଳେ ଏହାର ସୂତ୍ରପାତ ଇରାନରୁ ହୋଇଥିଲା। ୧୯୬୫ ମସିହା ସେପ୍ଟେମ୍ବର ୮ ରୁ ୧୯ ତାରିଖ ଏହି ଦିବସ ପ୍ରଥମେ ଇରାନ୍‌ର ରାଜଧାନୀ ତେହେରାନ୍‌ରେ ପାଳିତ ହୋଇଥିଲା। ସେତେବେଳେ ଏହା ଅନ୍ତର୍ଜାତୀୟ ମାନ୍ୟତା ପାଇ ନ ଥିଲା। ଅକ୍ଟୋବର, ୧୯୬୬ ମସିହାରେ ୟୁନେସ୍କୋ ଦ୍ୱାରା ଏହାର ୧୪ତମ ଅଧିବେଶନରେ ୮ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ସାକ୍ଷରତା ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହୋଇଥିଲା। ପ୍ରଥମ ଥର ପାଇଁ ଏହା ୧୯୬୭ ମସିହାରେ ପାଳିତ ହେଲା। ଏକ ସୁସ୍ଥ, ସମୃଦ୍ଧ ଏବଂ ସଚେତନ ସମାଜ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି ସାକ୍ଷର ହେବା ନିହାତି ଜରୁରି। ସାକ୍ଷରତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସଂସ୍ଥାଗୁଡ଼ିକୁ ୟୁନେସ୍କୋ ପକ୍ଷରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସମ୍ମାନିତ କରାଯାଏ। ଏହି ଦିନ ବିଦ୍ୟାଳୟ, କଲେଜ ଓ ବିଭିନ୍ନ ଅନୁଷ୍ଠାନମାନଙ୍କରେ ସାକ୍ଷରତା ଅଭିଯାନକୁ ଆଗେଇ ନେବା ପାଇଁ ସଭାସମିତି, ର୍‍ୟାଲି ଏବଂ ପ୍ରତିଯୋଗିତାମାନ ଆୟୋଜନ କରାଯାଏ।

# ଜାନୁଆରୀ ୨୧ରେ 'ଲଭ୍ ଆଣ୍ଡ ୱାର୍'



ରଣବୀର କପୁର ଓ ଆଲିଆ ଭଟ୍ଟ ବିବାହ ପରେ ପ୍ରଥମ ଥର ପାଇଁ 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ଏକାଠି ନଜର ଆସିବେ। ସେହିପରି, ଏଥିରେ ସେମାନଙ୍କ ସହ ଭିକି କୌଶଲ ମଧ୍ୟ ମୁଖ୍ୟ ଭୂମିକାରେ ଦେଖାଯିବେ। ସଞ୍ଜୟ ଲୀଲା ଭଁସାଲୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମକୁ ନେଇ ଏବେ ଏକ ଖବର ଆସିଛି। ଏହାର ସୁଟିଂ ଶେଷ ହୋଇସାରିଛି ଏବଂ ଏବେ ଫିଲ୍ମର ରିଲିଜ୍ ଡେଟ୍ ମଧ୍ୟ ସାମ୍ନାକୁ ଆସିଛି। 'ଲଭ୍ ଆଣ୍ଡ ୱାର୍' ୨୦୨୭ ର ସବୁଠାରୁ ପ୍ରତିକ୍ଷିତ ଫିଲ୍ମଗୁଡ଼ିକ ମଧ୍ୟରୁ ଗୋଟିଏ। ଏହାର ରିଲିଜ୍‌କୁ ଦର୍ଶକମାନେ ଆଗ୍ରହର ସହ ଅପେକ୍ଷା କରିଛନ୍ତି। ଏଭଳି ପରିସ୍ଥିତିରେ ଏବେ ଫିଲ୍ମର ରିଲିଜ୍ ଡେଟ୍ ଫାଇନାଲ୍ ହେବା ମାତ୍ରେ ଦର୍ଶକଙ୍କ ଉତ୍ସାହ ଆହୁରି ବଢ଼ିଯାଇଛି। ଏହି ଫିଲ୍ମ ୨୧ ଜାନୁଆରୀ, ୨୦୨୭ ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ଏହା ରିଲିଜ୍ ହେବ। ଏହି ଚଳଚ୍ଚିତ୍ରର ସୁଟିଂ ଶେଷ ହେବା ମାତ୍ରେ ସଞ୍ଜୟ ଏବେ ଏହାର ପୋଷ୍ଟ ପ୍ରଡକ୍ସନ କାମରେ ବ୍ୟସ୍ତ ଅଛନ୍ତି। ଏଠାରେ ପ୍ରକାଶ ଥାଉ କି, ରଣବୀର ଏବଂ ଆଲିଆଙ୍କୁ ଏକାଠି ଶେଷ ଥର ପାଇଁ 'ବ୍ରହ୍ମାସ୍ତ୍ର' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହା ସେମାନଙ୍କର ବିବାହ ପୂର୍ବର ଫିଲ୍ମ ଥିଲା। ବିବାହ ପରେ ଏଯାବତ୍ ସେମାନଙ୍କୁ କୌଣସି ବି ଚଳଚ୍ଚିତ୍ରରେ ଏକାଠି ଦେଖାଯାଇ ନାହିଁ। ଅବଶ୍ୟ ଏହାର ସିକ୍ୱେଲରେ ଦୁହେଁ ସାଙ୍ଗ ହୋଇ ନଜର ଆସିବେ। ରଣବୀରଙ୍କ କାମ କଥା କହିବାକୁ ଗଲେ, ସେ ନୀତେଶ ତିୱାରୀଙ୍କ ବହୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ରାମାୟଣ'ରେ ନଜର ଆସିବେ। ଏଥିରେ ସେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏଥିରେ ମାତା ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ ଦେଖାଯିବେ। ଏହି ଚଳଚ୍ଚିତ୍ରର ପ୍ରଥମ ପାର୍ଟ ଚଳିତ ବର୍ଷ ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ଅନ୍ୟପଟେ, ଆଲିଆଙ୍କୁ ଶେଷ ଥର ପାଇଁ 'ଆଲ୍‌ଫା' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା।

# ଅଧୁରା ପ୍ରେମର ବଜାର

ଭିଏତନାମରେ ଏମିତି ଏକ ବଜାର ଅଛି, ଯେଉଁଠି ଦୋକାନୀ ନ ଥାନ୍ତି କି ଗ୍ରାହକ ନ ଥାନ୍ତି। ସେଠାରେ କୌଣସି ଜିନିଷପତ୍ର, ପନିପରିବା କିମ୍ବା ପୋଷାକପତ୍ରର କିଣାବିକା ହୁଏ ନାହିଁ, ବରଂ କିଣାବିକା ହୁଏ କେବଳ ସ୍ମୃତି, ଭାବନା ଏବଂ ଅଧୁରା ରହିଯାଇଥିବା ପ୍ରେମର। ଭିଏତନାମର ପାର୍ବତ୍ୟ ଅଞ୍ଚଳରେ ପ୍ରତିବର୍ଷ ବସୁଥିବା 'ଖୌ ବାଇ ଲଭ୍ ବଜାର' ହେଉଛି ସାରା ବିଶ୍ୱରେ ଏକମାତ୍ର ବଜାର, ଯାହା କେବଳ ପୁରୁଣା ପ୍ରେମୀଯୁଗଳଙ୍କ ମିଳନ ପାଇଁ ଉଦ୍ଦିଷ୍ଟ। ପ୍ରତିବର୍ଷ ତୃତୀୟ ଚନ୍ଦ୍ର ମାସର ୨୭ ତମ ଦିନରେ (ପ୍ରାୟତଃ ଏପ୍ରିଲ୍ କିମ୍ବା ମେ ମାସରେ) ଏଠାକୁ ହଜାର ହଜାର ଲୋକ ଛୁଟି ଆସନ୍ତି। ଏହି ବଜାରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏଠାକୁ ସେହି ପ୍ରେମୀଯୁଗଳମାନେ ଆସନ୍ତି ଯେଉଁମାନଙ୍କ ପ୍ରେମ କୌଣସି କାରଣବଶତଃ ସଫଳ ହୋଇପାରିନାହିଁ ଏବଂ ଯେଉଁମାନେ ଆଜି ଅନ୍ୟ କାହାକୁ ବିବାହ କରି ସଂସାର କରିଛନ୍ତି। ବର୍ଷ ସାରା ନିଜ ଜୀବନରେ ବ୍ୟସ୍ତ ରହିବା ପରେ, ଏହି ଦୁଇଟି ଦିନ ସେମାନେ ନିଜର ସେହି ପୁରୁଣା ସାଥୀକୁ ଭେଟିବାକୁ ଏଠାକୁ ଆସନ୍ତି। ଏହି ବଜାରକୁ ବିବାହିତ ପୁରୁଷ ଏବଂ ମହିଳାମାନେ ନିଜ ନିଜର ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ସହିତ ଆସିଥାନ୍ତି। ବଜାରରେ ପହଞ୍ଚିବା ପରେ ସ୍ୱାମୀ ନିଜର ପୁରୁଣା ପ୍ରେମିକାକୁ ଏବଂ ସ୍ତ୍ରୀ ନିଜର ପୁରୁଣା ପ୍ରେମିକକୁ ଖୋଜିବାକୁ ବାହାରି ପଡ଼ନ୍ତି। ଦୁହେଁ ପରସ୍ପରକୁ ଭେଟି ଗପସପ କରନ୍ତି, ଜୀବନର ସୁଖ-ଦୁଃଖ ବାଣ୍ଟନ୍ତି ଏବଂ ପୁରୁଣା ସ୍ମୃତିକୁ ମନେ ପକାନ୍ତି। ଦିନ ଶେଷ ହେବା ପରେ, ସମସ୍ତେ ପୁଣି ନିଜ ସ୍ୱାମୀ ବା ସ୍ତ୍ରୀଙ୍କ ହାତ ଧରି ହସଖୁସିରେ ନିଜ ଘରକୁ ଫେରିଯାନ୍ତି। ତେବେ ଏହି ବଜାର ଆରମ୍ଭ ହେବା ପଛରେ ଏକ ସୁନ୍ଦର ଏକ କାହାଣୀ ଅଛି। ୧୦୦ ବର୍ଷ ପୂର୍ବରୁ ନୁଙ୍ଗ ଜାତିର ଯୁବକ ବା ଗିୟାୟୀ ଜାତିର ଯୁବତୀ ଉତଙ୍କୁ ଭଲ ପାଉଥିଲେ। ଉଭୟ ଅଲଗା ଜାତିର ହୋଇଥିବାରୁ ସେମାନଙ୍କ ପ୍ରେମକୁ କେହି ସ୍ୱୀକୃତି ଦେଲେନାହିଁ, ଯାହାଫଳରେ ଦୁଇଟି ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଆରମ୍ଭ ହୋଇଗଲା। ନିଜ ପ୍ରେମ ପାଇଁ ନିରୀହ ଲୋକଙ୍କ ରକ୍ତ ନ ବହୁ ବୋଲି ଚିନ୍ତା କରି ଦୁହେଁ ଅଲଗା ହେବାର ଏକ କଠିନ ନିଷ୍ପତ୍ତି ନେଲେ। ଅଲଗା ହେବା ପୂର୍ବରୁ ସେମାନେ ପ୍ରତିଜ୍ଞା କରିଥିଲେ ଯେ, ପ୍ରତିବର୍ଷ ଏହି ନିର୍ଦ୍ଦିଷ୍ଟ ଦିନରେ ସେମାନେ 'ଖୌ ବାଇ'ଠାରେ ପରସ୍ପରକୁ କେବଳ ଗୋଟିଏ ଦିନ ପାଇଁ ଭେଟିବେ। ସେହି ଦିନଠାରୁ ପ୍ରେମର ସ୍ମାରକୀ ସ୍ୱରୂପ ଏହି ବଜାର ଚାଲିଆସୁଛି। ଆଜିର ସମୟରେ ଏହି ଲଭ୍ ବଜାର କେବଳ ପ୍ରେମୀମାନଙ୍କ ମିଳନ ସ୍ଥାନ ହୋଇ ରହିନାହିଁ, ବରଂ ଏହା ଭିଏତନାମର ଏକ ବଡ଼ ସାଂସ୍କୃତିକ ଉତ୍ସବର ରୂପ ନେଇଛି। ଏଠାରେ ସ୍ଥାନୀୟ ଜନଜାତିଙ୍କ ପାରମ୍ପରିକ ନୃତ୍ୟ, ସଙ୍ଗୀତ, ରଙ୍ଗବେରଙ୍ଗର ପୋଷାକ ଏବଂ ସ୍ୱାଦିଷ୍ଟ ଖାଦ୍ୟର ଆୟୋଜନ କରାଯାଏ। ବିଶ୍ୱର ବିଭିନ୍ନ କୋଣରୁ ପର୍ଯ୍ୟଟକମାନେ ଏହି ଅଦ୍ଭୁତ ସଂସ୍କୃତିକୁ ଅତି ନିକଟରୁ ଦେଖିବା ପାଇଁ ଏଠାକୁ ଆସିଥାନ୍ତି।

# ବର୍ଷାଦିନିଆ ଝାଉଁଳା ରୋଗ



**ବର୍ଷାଦିନେ ପନିପରିବା ଚାରାରେ ଚେର ସଢ଼ା ବା ଝାଉଁଳା ରୋଗ ସବୁଠାରୁ ବଡ଼ ସମସ୍ୟା। ଏହି ରୋଗ ହେଲେ ଚାରା ଗଛର ମୂଳ ଅଂଶ ଦୁର୍ବଳ ହୋଇ କଳା ବା ବାଦାମୀ ପଡ଼ିଯାଏ ଏବଂ ଗଛଗୁଡ଼ିକ ମାଟିରେ ଶୋଇପଡ଼ନ୍ତି। ଅତ୍ୟଧିକ ଆଦ୍ରତା ଏବଂ ଜମିରେ ପାଣି ଜମି ରହିବା ଯୋଗୁଁ ଏହି କବକ ଜନିତ ରୋଗ ବ୍ୟାପିଥାଏ। ଏହି ରୋଗରୁ ଚାରାକୁ ରକ୍ଷା କରିବା ପାଇଁ ନିମ୍ନଲିଖିତ ଉପାୟଗୁଡ଼ିକ ଆପଣାଯାଇ ପାରିବ।**

**କପର୍ ଅକ୍ସିକ୍ଲୋରାଇଡ୍:** ୨.୫ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ଗଛ ମୂଳରେ ଦିଅନ୍ତୁ। ଏହା ମାଟିରେ ଥିବା କବକକୁ ନଷ୍ଟ କରିଦିଏ।

**ରିଡୋମିଲ୍ ଗୋଲ୍ଡ:** ଯଦି ରୋଗ ଅଧିକ ବ୍ୟାପୁଛି, ତେବେ ଏହି ଔଷଧ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କଲେ ବହୁତ ଭଲ ଫଳପ୍ରଦ ହୁଏ।

**ଟ୍ରାଇକୋଡେର୍ମା ଭିରିଡି:** ଚାରା ମାଟି ପ୍ରସ୍ତୁତ କଲାବେଳେ କିମ୍ବା ଚାରା ଲଗାଇବା ପରେ ୫ ଗ୍ରାମ୍ ଟ୍ରାଇକୋଡେର୍ମା ପାଉଡରକୁ ୧ ଲିଟର ପାଣିରେ ମିଶାଇ ଗଛ ମୂଳରେ ଢାଳନ୍ତୁ। ଏହା ଏକ ଉପକାରୀ କବକ ଯାହା ରୋଗ ସୃଷ୍ଟି କରୁଥିବା ଫଙ୍ଗସ୍‌କୁ ମାରିଦିଏ।

**ପାଣି ଜମିବାକୁ ଦିଅନ୍ତୁ ନାହିଁ:** ଚାରା କିଆରିରେ ପାଣି ଜମିଲେ ଏହି ରୋଗ ୧୦ ଗୁଣ ଶୀଘ୍ର ବ୍ୟାପେ। ତେଣୁ ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ରଖନ୍ତୁ।

**ଚାରା ମଝିରେ ଦୂରତା:** ମଞ୍ଜିଗୁଡ଼ିକୁ ଘଞ୍ଚ କରି ନ ବୁଣି ଧାଡ଼ି ପ୍ରଣାଳୀରେ ଦୂରତା ରଖି ବୁଣନ୍ତୁ। ଘଞ୍ଚ ଚାରା ହେଲେ ପବନ ଚଳାଚଳ ହୋଇପାରେ ନାହିଁ ଏବଂ ରୋଗ ବଢ଼େ।

**ଆକ୍ରାନ୍ତ ଗଛକୁ ବାହାର କରନ୍ତୁ:** ଯେଉଁ ଚାରାଗୁଡ଼ିକ ମରିଯାଇଛି, ସେଗୁଡ଼ିକୁ ଉପାଡ଼ି ଦୂରରେ ଫିଙ୍ଗି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ, ନଚେତ୍ ସେଥିରୁ ଅନ୍ୟ ସୁସ୍ଥ ଗଛକୁ ରୋଗ ଡେଇଁବ।




# ପଲିହାଉସରେ ପରିବା ଚାଷ

ପଲିହାଉସରେ ପରିବା ଚାଷ ହେଉଛି ଏକ ଆଧୁନିକ ଓ ଲାଭଦାୟକ କୃଷି ପଦ୍ଧତି। ଏଥିରେ ନିୟନ୍ତ୍ରିତ ପରିବେଶ ମଧ୍ୟରେ ବର୍ଷସାରା ଉନ୍ନତମାନର ପରିବା ଉତ୍ପାଦନ କରାଯାଇପାରେ। ଏହାଦ୍ୱାରା ପ୍ରତିକୂଳ ପାଣିପାଗ, ରୋଗ ଓ ପୋକ ଆକ୍ରମଣରୁ ଫସଲକୁ ରକ୍ଷା କରାଯାଇଥାଏ। ଏହି ପଦ୍ଧତିରେ ଚାଷ କଲେ ପାରମ୍ପରିକ ଚାଷ ତୁଳନାରେ ଅଧିକ ଉତ୍ପାଦନ ଏବଂ ଅଧିକ ଲାଭ ମିଳିଥାଏ। ତେବେ ସବୁ ପ୍ରକାର ପରିବା ପଲିହାଉସରେ ଚାଷ କରାଯାଏ ନାହିଁ। ସାଧାରଣତଃ ଅଧିକ ଚାହିଦା ଥିବା ଏବଂ ଅଦିନିଆ ପରିବା ଏଥିରେ ଚାଷ କରାଯାଏ।

- ନାଲି, ହଳଦିଆ ଓ ସବୁଜ ରଙ୍ଗର କ୍ୟାପ୍ସିକମ୍ ପଲିହାଉସ ପାଇଁ ସବୁଠାରୁ ଲାଭଦାୟକ ଫସଲ।
- ଚେରି ଟମାଟୋ ଏବଂ ହାଇବ୍ରିଡ୍ ଜାତୀୟ ଟମାଟୋ ଏଥିରେ ଚାଷ କରାଯାଇ ପାରିବ।
- ବିନା ମଞ୍ଜିଥିବା ଉନ୍ନତ କିସମର କାକୁଡ଼ିର ଚାହିଦା ବଜାରରେ ଅଧିକ। ଏହା ପଲିହାଉସ୍‌ରେ ଚାଷ କରାଯାଇ ପାରିବ।
- ବହୁତ କମ୍ ସମୟରେ ଅଧିକ ଅମଳ ପାଇଁ ଧନିଆ ଓ ପୁଦିନାକୁ ଏଥିରେ ଚାଷ କରାଯାଇ ପାରିବ।
- ଶୀତଦିନିଆ ପରିବା ଯେପରି ବ୍ରୋକଲି, ଫୁଲକୋବି ଆଦିକୁ ମଧ୍ୟ ପଲିହାଉସରେ ଚାଷ କରାଯାଇ ପାରିବ।



# 'ହାର୍ଭେଷ୍ଟରୱାଲା'



ଚାଷ କ୍ଷେତ୍ରରେ ଏବେ ଡିଜିଟାଲ ଟେକ୍ନିକ୍‌ର ବ୍ୟବହାର ବଢ଼ିବାରେ ଲାଗିଛି। ଏହି କ୍ରମରେ ବର୍ତ୍ତମାନ ଅମଳ ଭଳି କାମରେ ମଧ୍ୟ ଡିଜିଟାଲ୍ ରେକର୍ଡ ଏବଂ ପରିଚାଳନାର ଆବଶ୍ୟକତା ବୃଦ୍ଧି ପାଉଛି। ତେଣୁ ଅମଳ ସମ୍ବନ୍ଧିତ କାର୍ଯ୍ୟର ଡିଜିଟାଲ ହିସାବ ରଖିବାରେ ସାହାଯ୍ୟ କରିବ 'ହାର୍ଭେଷ୍ଟରୱାଲାଆପ୍।' ଏହି ଆପ୍‌ର ମୂଳ ଲକ୍ଷ୍ୟ ହେଉଛି ଅମଳ ସମ୍ବନ୍ଧୀୟ କାର୍ଯ୍ୟ, ଦେୟ, ଖର୍ଚ୍ଚ ଏବଂ ରେକର୍ଡଗୁଡ଼ିକୁ ଗୋଟିଏ ସ୍ଥାନରେ ବ୍ୟବସ୍ଥିତ ରଖିବା। ଏହାକୁ ମୁଖ୍ୟତଃ ଡ୍ରାଇଭର, ଠିକାଦାର ଏବଂ ଫସଲ ମାଲିକଙ୍କ ପାଇଁ ଡିଜାଇନ୍ କରାଯାଇଛି। ଏହି ଆପ୍‌ର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଅମଳ ସହ ଜଡ଼ିତ ହିସାବକିତାବର ରେକର୍ଡ କାଗଜପତ୍ରରେ ନ ରଖିବା। ଏ ସମ୍ବନ୍ଧିତ ରେକର୍ଡକୁ ଅଧିକ ବ୍ୟବସ୍ଥିତ ଓ ସହଜ କରିବା ହେଉଛି ଏହି ଆପ୍‌ର ଉଦ୍ଦେଶ୍ୟ। ଫସଲ ଅମଳ ସମୟରେ ଡ୍ରାଇଭରଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଫସଲ ଠିକ୍ ସମୟରେ ଅମଳ ହେବା ଏବଂ ଏହା ସହିତ ଜଡିତ ରେକର୍ଡଗୁଡ଼ିକ ସୁରକ୍ଷିତ ରଖିବା। ଏଣୁ ହାର୍ଭେଷ୍ଟରୱାଲା ଆପ୍‌ରେ ଫସଲ ସୂଚନା, ଅମଳ ହୋଇଥିବା କ୍ଷେତ୍ର ଏବଂ ଦେୟ ରେକର୍ଡକୁ ଗୋଟିଏ ସ୍ଥାନରେ ରଖିବାର ଅନୁମତି ପ୍ରଦାନ କରେ। ଅନ୍ୟପଟେ ଏହି ଆପ୍‌ରେ ପୁରୁଣା ରେକର୍ଡକୁ ସାଇତି ରଖିବା ଏବଂ ଦରକାର ପଡ଼ିଲେ ପୁଣି ଥରେ ତାହାକୁ ସମୀକ୍ଷା କରିବା ସହଜ ହୋଇଥାଏ। ଏହିପରି ଭାବେ କାଗଜପତ୍ର ହିସାବକିତାବ ଉପରେ ଲୋକଙ୍କୁ କମ୍ ନିର୍ଭରଶୀଳ ହେବାକୁ ପଡ଼ିଥାଏ।

# କୃଷି ପାଣିପାଗ

- ଧାନ ତଳି ବେଶୀ ଦିନର ହୋଇଯାଇଥିଲେ, ତଳି ଗୁଡ଼ିକୁ ବୁଦା ପ୍ରତି ୫-୭ ହରରେ ପ୍ରତିରୋପଣ କରନ୍ତୁ।
- ବୁଣାଧାନ ୪୫ ଦିନରୁ ଅଧିକ ହୋଇଯାଇଥିଲେ ବେଉଷଣ କରନ୍ତୁ ନାହିଁ।
- ଅଧିକ ତାପମାତ୍ରାର ପୂର୍ବାନୁମାନ ଥିବାରୁ ଆବଶ୍ୟକ ହେଲେ ଧାନ ଫସଲରେ ଅପରାହ୍ନରେ ଜଳସେଚନ କରନ୍ତୁ।
- କୁକୁଡ଼ା ଘର ଭିତରେ ଯଥେଷ୍ଟ ବାୟୁ ଚଳାଚଳ ବ୍ୟବସ୍ଥା କରନ୍ତୁ। ପାଣିରେ ଇଲେକ୍ଟ୍ରୋଲାଇଟ୍ ମିଶାଇ ପିଇବାକୁ ଦିଅନ୍ତୁ।
- ଶୁଖିଲା ପାଗ ଦେଖି ନାଲି କଖାରୁ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ ସ୍ୟାନଟ୍ରାନିଲିପ୍ରୋଲ ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



# ରିଲେ କ୍ରପିଂ ପ୍ରଣାଳି

**ପନିପରିବା ଚାଷୀ ଭଲ ଅମଳ ପାଇଁ ରିଲେ କ୍ରପିଂ ସିଷ୍ଟମକୁ ଆପଣାଇପାରିବେ। ରିଲେ କ୍ରପିଂ ପ୍ରଣାଳି ଏମିତି ଏକ ଟେକ୍ନିକ୍, ଯାହା ମାଧ୍ୟମରେ ଗୋଟିଏ ଜମିରେ ଅଲଗା ଅଲଗା ପନିପରିବା ଚାଷ କରାଯାଇପାରିବ।**

**ଏହା କ'ଣ:** ରିଲେ କ୍ରପିଂ ସିଷ୍ଟମରେ ଗୋଟିଏ ପ୍ରକାର ଫସଲ ଗୋଟିଏ କ୍ଷେତରେ ଲଗାଯାଏ। ସେହିପରି ପୂର୍ବ ଫସଲର ଆର୍ଦ୍ରତା ଓ ପୋଷାକ ତତ୍ତ୍ୱର ଲାଭ ଉଠାଇବା ପାଇଁ ସେହି କ୍ଷେତରେ ଅନ୍ୟ ଏକ ଫସଲ ଲଗାଯାଏ। ଏଥିରେ ପ୍ରଥମ ଫସଲ ଅମଳ ହେବା ପୂର୍ବରୁ ଦ୍ୱିତୀୟ ଫସଲ ବୁଣାଯାଏ। ଏହାଦ୍ୱାରା ପ୍ରଥମ ଫସଲର ଆର୍ଦ୍ରତା ଦ୍ୱିତୀୟ ଫସଲକୁ ମିଳିଥାଏ। କେବଳ ସେତିକି ନୁହେଁ, ଏହି ପ୍ରଣାଳିରେ ଜଳସେଚନର ଆବଶ୍ୟକତା କମ୍ ପଡ଼େ। ସରଳ ଭାଷାରେ କହିଲେ, ଏହା ମାଧ୍ୟମରେ କମ୍ ଜଳସେଚନରେ ଅଧିକ ଫସଲର ଲାଭ ଉଠାଇ ହେବ।

**ଲାଭ**

- ଏହି ପ୍ରଣାଳିରେ ଫସଲ ଉତ୍ପାଦନ ଅଧିକ ହୁଏ।
- ଏହି ପ୍ରଣାଳି ଦ୍ୱାରା ଚାଷୀଙ୍କ ଆୟ ବଢ଼ିପାରିବ।
- ଏହି ଟେକ୍ନିକ୍‌ରେ ସାର କମ୍ ବ୍ୟବହାର କରାଯାଏ। କ୍ଷେତରେ ସନ୍ତୁଳିତ ମାତ୍ରାରେ ସାର ପ୍ରୟୋଗ କରାଯାଏ।
- ଏହି ଟେକ୍ନିକ୍ ଦ୍ୱାରା ପାଣିର ସଞ୍ଚୟ ହେବା ସହ ମାଟିର ଉର୍ବରତା ବଜାୟ ରଖାଯାଇପାରିବ।
- ଏହାସହ ଉତ୍ତମ କିସମ ଚୟନ, ଉପଯୁକ୍ତ ବିହନ ପଦ୍ଧତି, କୀଟପତଙ୍ଗ ପରିଚାଳନା, ସମୟାନୁସାରେ ଅମଳ ଇତ୍ୟାଦି କରି ହୁଏ।



- ଏହି ପ୍ରଣାଳୀରେ କାକୁଡ଼ି, ଲଙ୍କା, ମଟର, ଲାଉ, ଆଳୁ, ପିଆଜ, ଫୁଲକୋବି ଚାଷ କରିହେବ।
- ଅନ୍ୟପଟେ ଅନେକ ଫସଲ ଅଛି, ଯାହାକୁ ଏକାଠି ବୁଣାଯିବା ଉଚିତ୍ ନୁହେଁ। କାରଣ ଏହି ସମାନ ପ୍ରକାରର ପନିପରିବା କୀଟପତଙ୍ଗ କିମ୍ବା ରୋଗ ପ୍ରତି ସମ୍ବେଦନଶୀଳ ହୋଇପାରେ।

## ଦୁଲୀପ୍ ଟ୍ରଫି ଫାଇନାଲ- ଇଶାନ ୨୭୦, କୁମାର ୧୦୧

# ପ୍ରଥମ ଇନିଂସରେ ପୂର୍ବାଞ୍ଚଳ ୭୦୮

ଚେନ୍ନଇ,୭।୯ (ଏଜେନ୍ସି)

ଅଧିନାୟକ ଇଶାନ କିଶାନଙ୍କ ଦ୍ୱିଶତକ ଓ ୫ମ ୱିକେଟରେ କୁମାର କୁଶାଗ୍ରଙ୍କ ସହ ଦ୍ୱିଶତକୀୟ ଭାଗିଦାରୀ ବଳରେ ଏଠାରେ ଦକ୍ଷିଣାଞ୍ଚଳ ସହ ଚାଲିଥିବା ଦୁଲୀପ ଟ୍ରଫି ଫାଇନାଲ୍‌ରେ ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୭୦୮ ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଛି। ଦ୍ୱିତୀୟ ଦିନର ଶେଷ ବଲରେ ମୁକେଶ କୁମାରଙ୍କ ଆଉଟ ହେବା ସହ ପୂର୍ବାଞ୍ଚଳର ପ୍ରଥମ ଇନିଂସ ଶେଷ ହୋଇଥିଲା। ପୂର୍ବାଞ୍ଚଳ ପକ୍ଷରୁ ଝାଡଖଣ୍ଡର ଦୁଇ ଖେଳାଳି ଇଶାନ କିଶାନ ସର୍ବାଧିକ ୨୭୦, ୱିକେଟ ରକ୍ଷକ କୁମାର କୁଶାଗ୍ର ୧୦୧ ରନ୍ କରିଥିଲେ। ଏମାନେ ୫ମ ୱିକେଟରୁ ୨୩୦ ରନ୍ ଉଠାଇ ଦଳକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ଏହି କ୍ରମରେ ଦୁଲୀପ୍ ଟ୍ରଫି ଫାଇନାଲରେ ଦ୍ୱିତୀୟ ଅଧିନାୟକ ଏବଂ ୬ଷ୍ଠ ଖେଳାଳି ଭାବେ ଦ୍ୱିଶତକ ହାସଲ କରିବାରେ ଇଶାନ ସଫଳ ହୋଇଛନ୍ତି। ସେହିପରି ଅରୁଣ ଲାଲ ଓ ସୟଦ ସାବା କରିମ୍‌ଙ୍କ ପରେ ଇଶାନ ପୂର୍ବାଞ୍ଚଳର ତୃତୀୟ ବ୍ୟାଟର ଭାବେ ଦୁଲୀପ୍ ଟ୍ରଫିରେ ଦ୍ୱିଶତକ ହାସଲ କରିଛନ୍ତି। ଆଜିର ଖେଳରେ ଅନୁକୂଳ ରୟ ୪୫, ମହମ୍ମଦ୍ କୌନେନ୍ କ୍ୱରେଶୀ ୪୦ ଓ ଏଠାରେ ପ୍ରଥମଶ୍ରେଣୀ କ୍ରିକେଟ ଜୀବନର ୧୦୦ତମ ମ୍ୟାଚ୍ ଖେଳୁଥିବା ମହମ୍ମଦ୍ ସାମି ୨୮ ରନ୍‌ର ଯୋଗଦାନ ଦେଇଥିଲେ। ଦକ୍ଷିଣାଞ୍ଚଳ ପକ୍ଷରୁ ସ୍ପିନରମାନେ ୮ଟି ୱିକେଟ ନେଇଥିଲେ। ଅଫ୍ ସ୍ପିନର ତ୍ରିପୁରାନା ବିଜୟ ୪ଟି, ଲେଗ୍ ସ୍ପିନର ଶ୍ରେୟସ ଗୋପାଳ ୨ଟି, ପେସର ଚାମା ମିଳିନ୍ଦ ୨ଟି ୱିକେଟ ପାଇଛନ୍ତି।




ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦୁଲୀପ୍ ଟ୍ରଫି ଫାଇନାଲରେ ପ୍ରଥମଦିନରେ ଶତକ ହାସଲ କରି ୧୧୧ ରନ୍‌ରେ ଅପରାଜିତ ଥିବା ଇଶାନ କିଶାନ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ତାଙ୍କୁ ମଧ୍ୟ ଭଲ ସହାୟତା ଦେଇଥିଲେ କୁମାର କୁଶାଗ୍ର। ଉଭୟ ଖେଳାଳି ୫ମ ୱିକେଟରେ ୨୩୦ ରନ୍ ଉଠାଇଲା ବେଳକୁ କୁମାର ଶତକ ପୂରଣ କରିନେଇଥିଲେ। କିନ୍ତୁ ସେ ୧୩୨ବଲ୍‌ରୁ ୮ଚୌକା ଓ ୫ଛକା ସହ ୧୦୧ ରନ୍ କରିବା ପରେ ଆଉଟ ହୋଇଯାଇଥିଲେ। ଚେନ୍ନଇର ଅତ୍ୟଧିକ ଗରମ ମଧ୍ୟ ଖେଳାଳିଙ୍କ ଉପରେ ପ୍ରଭାବ ପକାଇଥିଲା। ଫଳରେ ୨୫୦ ରନ୍ କରିଥିଲାବେଳେ ଇଶାନ ରିଟାୟର୍ଡ ହର୍ଟ ହୋଇଥିଲେ। ଏହା ପୂର୍ବରୁ ଅନୁକୂଳ ରୟଙ୍କ ସହ ସେଞ୍ଚୁରୀ ପାର୍ଟନରସିପ୍ (୧୮୦ବଲ୍‌ରେ ୧୪୦ରନ୍) କରିଥିଲେ। ଅନୁକୂଳ ୯୮ବଲ୍‌ରୁ ୪୫, କୁରେଶୀ ୯୧ ବଲ୍‌ରୁ ୪୦ ଓ ମହମ୍ମଦ୍ ସାମି ୨୮ ରନ୍‌ର ଯୋଗଦାନ ଦେଇଥିଲେ। ପରେ ଦ୍ୱିତୀୟଥର ବ୍ୟାଟିଂ କରିବାକୁ ଆସି ଇଶାନ ୨୭୦ ରନ୍ କରି ୯ମ ଖେଳାଳିଭାବେ ଆଉଟ ହୋଇଥିଲେ। ଏହି ସ୍କୋରରେ ମୁକେଶଙ୍କ ଆଉଟ ସହ ପୂର୍ବାଞ୍ଚଳ ୧୭୩ ଓଭରରେ ୭୦୮ରନ୍ କରି ଅଲଆଉଟ ହୋଇଥିଲା। ଇଶାନ ୩୩୪ବଲ୍‌ର ସାମ୍ନା କରି ୩୦ ଚୌକା ଓ ୭ ଛକା ସହ ୨୭୦ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଥିଲେ। ପ୍ରଥମଶ୍ରେଣୀ କ୍ୟାରିୟରରେ ଏହା ତାଙ୍କର ଦ୍ୱିତୀୟ ଦ୍ୱିଶତକ ଓ ଦ୍ୱିତୀୟ ସର୍ବାଧିକ ସ୍କୋର। ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ସେ ୨୭୩ ରନ୍ କରିଥିଲେ।

### ଦୁଲୀପ୍ ଟ୍ରଫି ଫାଇନାଲରେ ଦ୍ୱିଶତକ

୧ : ରମଣ ଲାମ୍ବା- ୩୨୦, ଉତ୍ତରାଞ୍ଚଳ ବନାମ ପଶ୍ଚିମାଞ୍ଚଳ, ୨: ଅଂଶୁମାନ ଗାଏକ୍ୱାଡ- ୨୧୬, ପଶ୍ଚିମାଞ୍ଚଳ ବନାମ ଉତ୍ତରାଞ୍ଚଳ, ୩: ଚେତେଶ୍ୱର ପୂଜାରା- ୨୫୬*, ଇଣ୍ଡିଆ ବ୍ଲୁ ବନାମ ରେଡ୍, ୪ : ଯଶସ୍ୱୀ ଜୟସ୍ୱାଲ- ୨୦୯, ପଶ୍ଚିମାଞ୍ଚଳ ବନାମ ଦକ୍ଷିଣାଞ୍ଚଳ, ୫: ୟୁସୁଫ୍ ପଠାନ- ୨୧୦*, ପଶ୍ଚିମାଞ୍ଚଳ ବନାବ ଦକ୍ଷିଣାଞ୍ଚଳ, ୬: ଇଶାନ କିଶାନ-୨୭୦, ପୂବାଞ୍ଚଳ ବନାମ ଦକ୍ଷିଣାଞ୍ଚଳ।

# କ୍ୱାର୍ଟରରେ ନାଭାରୋ, ନୋସ୍କୋଭା





ୟୁଏସ୍ ଓପନ୍

ନ୍ୟୁୟର୍କ, ୭।୯ (ଏଜେନ୍ସି): ଦ୍ୱିତୀୟ ସିଡ୍ କାର୍ଲୋସ ଆଲ୍‌କାରାଜ, ୮ମ ସିଡ୍ ବେନ୍ ସେଲଟନ, ୧୧ତମ ସିଡ୍ ଫ୍ରାନସିସ୍ ତିଆଫୋଏ ଏଠାରେ ଚାଲିଥିବା ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ମ୍ୟାଚରେ ଆଲ୍‌କାରାଜ ୬-୪, ୬-୩, ୬-୪ ସିଧାସଳଖ ସେଟରେ ଆମେରିକାର ଟମି ପଲ୍‌ଙ୍କୁ ପରାସ୍ତ କରିଥିଲେ। ଷଷ୍ଠଥର ଲାଗି ୟୁଏସ୍ ଓପନ ଖେଳୁଥିବା ସ୍ପାନିଶ ତାରକା ଆଲ୍‌କାରାଜଙ୍କ ଏଠାରେ ପଞ୍ଚମଥର କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। କ୍ରମାଗତ ଦ୍ୱିତୀୟ ୟୁଏସ୍ ଓପନ୍ ଟାଇଟଲ୍ ଜିତିବା ଲକ୍ଷ୍ୟରେ ଥିବା ଆଲ୍‌କାରାଜ କ୍ୱାର୍ଟର ଫାଇନାଲରେ ଘରୋଇ ଖେଳାଳି ତଥା ୮ମ ସିଡ୍ ବେନ୍ ସେଲଟନଙ୍କୁ ଭେଟିବେ। ଅନ୍ୟ ଏକ ରାଉଣ୍ଡ-୧୬ ମ୍ୟାଚରେ ସେଲଟନ ୬-୨, ୬-୩, ୬-୪ ସିଧାସଳଖ ସେଟରେ ୭ମ ସିଡ୍ ଗ୍ରୀସର ଷ୍ଟିଫାନୋସ ସିତ୍‌ସିପାସଙ୍କ ହରାଇଥିଲେ। ସେହିଭଳି ପୂର୍ବତନ ଚାମ୍ପିଅନ ଡାନିଲ ମେଦଭେଦେଭଙ୍କୁ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି। ସପ୍ତମ ସିଡ୍ ମେଦଭେଦେଭ ୬-୭ (୧/୭), ୪-୬, ୬-୭ (୬/୮) ସେଟରେ ୧୧ତମ ସିଡ୍ ତିଆଫୋଏଙ୍କଠାରୁ ହାରି ଅଭିଯାନ ଶେଷ କରିଛନ୍ତି। ତିଆଫୋଏ କ୍ୱାର୍ଟର ଫାଇନାଲରେ ସାଥୀ ଆମେରିକୀୟ ଖେଳାଳି ଆଲେକ୍ସ ମାଇକେଲସେନଙ୍କୁ ଭେଟିବେ।

### କ୍ୱାର୍ଟରରେ ପେଗୁଲା, ନାଭାରୋ, ନୋସ୍କୋଭା

ଅପରପକ୍ଷରେ ମହିଳା ବିଭାଗରେ ଘରୋଇ ଆମେରିକା ଦୁଇ ତାରକା ଖେଳାଳି ଜେସିକା ପେଗୁଲା ଓ ଏମା ନାଭାରୋଙ୍କ ସମେତ ୱିମ୍ବଲଡନ ଚାମ୍ପିଅନ ଲିଣ୍ଡା ନୋସ୍କୋଭା କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ୨୦୨୪ ବିଜୟିନୀ ପେଗୁଲା ୬-୩, ୬-୪ ସେଟରେ ରୋମାନିଆର ସୋରାନା କ୍ରିଷ୍ଟିଆଙ୍କୁ, ଏମା ୬-୪, ୬-୨ ସେଟରେ ରୁଷିଆର ଆନ୍ନା କାଲିନସ୍କାୟାଙ୍କୁ ଏବଂ ନୋସ୍କୋଭା ୭-୫, ୫-୭, ୬-୪ ସେଟରେ ୧୧ତମ ସିଡ୍ ୟୁକ୍ରେନର ମାର୍ତା କୋସ୍ତ୍ୟୁକଙ୍କୁ ହରାଇଥିଲେ। କ୍ୱାର୍ଟର ଫାଇନାଲରେ ପେଗୁଲା ନିଜ ଦେଶର ଏମାଙ୍କୁ ଭେଟିବେ।

### ଭାରତର ଅଭିଯାନ ଶେଷ

ଶ୍ରୀରାମ ବାଲାଜୀଙ୍କ ପରାଜୟ ସହ ୟୁଏସ୍ ଓପନରେ ଭାରତର ଅଭିଯାନ ଶେଷ ହୋଇଛି। ବାଲାଜୀ ଓ ତାଙ୍କ ଆମେରିକା ପାର୍ଟନର ଇଭାନ କିଙ୍ଗ ପୁରୁଷ ଡବଲ୍ସର ଦ୍ୱିତୀୟ ରାଉଣ୍ଡରେ ହାରିଯାଇଥିଲେ। ପୂର୍ବରୁ ପୁରୁଷ ଡବଲ୍ସରେ ଅନ୍ୟ ଦୁଇ ଭାରତୀୟ ୟୁକି ଭାମ୍ବ୍ରୀ ଓ ଅନିରୁଦ୍ଧ ଚନ୍ଦ୍ରଶେଖର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

## ଫାତିମା ସାନା ଦଣ୍ଡିତ



ଦୁବାଇ,୭।୯ (ଏଜେନ୍ସି): ଭାରତ ବିପକ୍ଷ ମ୍ୟାଚ୍‌ରେ ଆଚରଣ ସଂହିତା ଉଲ୍ଲଙ୍ଘନ କରି ପାକିସ୍ତାନର ଅଧିନାୟିକା ଫାତିମା ସାନା ଦଣ୍ଡିତ ହୋଇଛନ୍ତି। ଦଣ୍ଡସ୍ୱରୂପ ତାଙ୍କ ମ୍ୟାଚ୍ ଫି'ର ୧୦ ଶତକଡ଼ା କାଟି ନିଆଯାଇଥିଲାବେଳେ ଗୋଟିଏ ଡିମେରିଟ୍ ପଏଣ୍ଟ ପାଇଛନ୍ତି। ଏଠାରେ ଚାଲିଥିବା ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଭାରତ ବିପକ୍ଷ ମୁକାବିଲାରେ ଶେଫାଳି ବର୍ମାଙ୍କୁ ଆଉଟ କରିବା ଲାଗି ଫାତିମା କ୍ୟାଚ୍ ଧରିବା ପରେ ପାଭିଲିଅନ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ତାଙ୍କର ଏପରି ବ୍ୟବହାର ଆଇସିସି ଆଚରଣ ସଂହିତା ଧାରା ୨.୫ର ବିରୋଧ କରୁଛି। ପୂର୍ବରୁ ୨୦୨୫ ଅଗଷ୍ଟ ୬ ତାରିଖ ଆୟର୍ଲାଣ୍ଡ ବିପକ୍ଷ ମୁକାବିଲାରେ ଫାତିମା ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିବାରୁ ଏବେ ତାଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୨ରେ ପହଞ୍ଚିଛି।

## ଇଂଲଣ୍ଡ କୋଚିଂ ଟିମ୍‌ରେ କେଭିନ୍ ପିଟରସନ

ଲଣ୍ଡନ,୭।୯ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ଅଧିନାୟକ କେଭିନ ପିଟରସନ ସୀମିତ ଓଭର କୋଚିଂ ଟିମ୍‌ରେ ସାମିଲ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାରେ ଜନ୍ମିତ ଏହି ବ୍ୟାଟରକୁ ସେଠାରେ ଖେଳାଯିବାକୁ ଥିବା ୨୦୨୭ ଦିନିକିଆ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡ ଦଳର ସ୍ପେଶାଲ ମେଣ୍ଟର ଭାବେ ସାମିଲ କରାଯାଇଛି। ଏହା ଫଳରେ ସେ ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ସହ ଇଂଲଣ୍ଡ କୋଚିଂ ଟିମ୍‌ରେ ନିଯୁକ୍ତ ହୋଇଛନ୍ତି। ଅନ୍ୟ କୋଚ୍ ଭାବେ ମାର୍କସ ଟ୍ରେସ୍କୋଥିକ୍, ଟିମ୍ ସୌଦୀ, ଜିତନ ପଟେଲ ଓ ସାରା ଟେଲରଙ୍କ ସହ ଇଂଲଣ୍ଡ ସୀମିତ ଓଭର ଟିମ୍ ଲାଗି କାମ କରିବେ।



**ମହିଳା ଏସିଆ କପ୍ କ୍ରିକେଟ**

## ଗ୍ରୁପ୍ ଶୀର୍ଷରେ ଭାରତ ଓ ଶ୍ରୀଲଙ୍କା

ଦୁବାଇ,୭।୯ (ଏଜେନ୍ସି): ଏଠାରେ ଚାଲିଥିବା ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟରେ ଆଉ ଗୋଟିଏ ମ୍ୟାଚ୍ ବାଂଲାଦେଶ ଓ ୟୁଏଇ ମଧ୍ୟରେ ଖେଳାଯିବାକୁ ବାକି ରହିଛି। ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଥିଲାବେଳେ ଗ୍ରୁପ୍-ଏ'ରେ ଭାରତ ଓ ବି'ରେ ଶ୍ରୀଲଙ୍କା ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ଶୀର୍ଷସ୍ଥାନରେ ରହିଛନ୍ତି। ଆଜି ହଂକଂକୁ ହରାଇ ପାକିସ୍ତାନ ଗ୍ରୁପ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାକାଲି ମଧ୍ୟ ହଂକଂ ବିପକ୍ଷରେ ବାଂଲାଦେଶ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ଆସନ୍ତା ୧୦ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତ ସହ ସମ୍ଭବତଃ ବାଂଲାଦେଶ ଓ ୧୧ ତାରିଖ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଶ୍ରୀଲଙ୍କା ସହ ପାକିସ୍ତାନର ମୁକାବିଲା ହେବ। ଦୁଇ ସେମିଫାଇନାଲର ବିଜେତା ଦଳ ମଧ୍ୟରେ ଫାଇନାଲ ମୁକାବିଲା ୧୩ରେ ଖେଳାଯିବ।

## ଭାରତ-ଜାପାନ ମୁକାବିଲା ଲାଗି ପ୍ରସାରଣକାରୀ ଖୋଜା

ନୂଆଦିଲ୍ଲୀ,୭।୯ (ଏଜେନ୍ସି): ଭାରତ ଓ ଜାପାନ ମଧ୍ୟରେ ସୃଷ୍ଟି ହୋଇଥିବା ବନ୍ଧୁତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଏକ ଟି-୨୦ ମ୍ୟାଚ୍ ଜାପାନରେ ଆୟୋଜନ କରିବାକୁ ଉଭୟ ଦେଶର ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହି ମ୍ୟାଚ୍‌ଟି ସେପ୍ଟେମ୍ବର ୨୨ରେ ସାନୋରେ ଖେଳାଯିବ। କିନ୍ତୁ ମ୍ୟାଚ୍‌ର ସିଧାସଳଖ ପ୍ରସାରଣ କରିବାକୁ ଏଯାଏ କେହି ଆଗେଇ ଆସିନାହାନ୍ତି। ଫଳରେ ମ୍ୟାଚ୍‌ର ପ୍ରସାରଣ କରିବାକୁ ଦେଶରେ ଥିବା ସମସ୍ତ ପ୍ରସାରଣକାରୀ ସଂସ୍ଥାକୁ ବିଡ୍ ଦାଖଲ କରିବାକୁ କୁହାଯାଇଛି। ବିସିସିଆଇଠାରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଏହି ମ୍ୟାଚ୍‌କୁ କେଉଁ ପ୍ରସାରଣକାରୀ ସଂସ୍ଥା ପ୍ରସାରଣ କରିବ ତାହା ଆପାତତଃ ସ୍ଥିର ହେବ। ବିଶ୍ୱଚାମ୍ପିଅନ ତଥା ବିଶ୍ୱର ନଂ-୧ ଟିମ୍ ଭାରତ ସହ ନଂ-୪୧ ଟିମ୍‌ର ମୁକାବିଲା ହୁଏତ ଦର୍ଶକଙ୍କ ଲାଗି ଖୋରାକ ଯୋଗାଇ ନ ପାରେ। କିନ୍ତୁ ଏହି ମ୍ୟାଚ୍ ଲାଗି ଉଭୟ ଦେଶରେ ଉତ୍ସାହ ଥିବାରୁ ପ୍ରସାରଣକାରୀ ସଂସ୍ଥା ଗୁଡିକ ଲାଗି ଲାଭପ୍ରଦ ହେବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

## ଓଡ଼ିଶାରେ ରୋଲର୍ ସ୍ପୋର୍ଟ୍ସର ବିକାଶ ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୭।୯ (ସମିସ): ଓଡ଼ିଶାରେ ରୋଲର୍ ସ୍ପୋର୍ଟ୍ସର ବିକାଶ ଓ ବିସ୍ତାର ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଏନେଇ ସ୍କେଟିଂ ଆସୋସିଏସନ୍ ଅଫ୍ ଓଡ଼ିଶା (ଏସଓଏ) ଓ ରୋଲର୍ ସ୍କେଟିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ଆରଏସଏଫଆଇ)ର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟରେ ରୋଲର୍ ସ୍ପୋର୍ଟସ୍‌କୁ ଏକ ସୁଦୃଢ଼ ଓ ସ୍ଥାୟୀ କ୍ରୀଡ଼ା ପରିବେଶ ଦେବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ରହିଛି। ସ୍ପିଡ୍ ସ୍କେଟିଂ, ଆର୍ଟିଷ୍ଟିକ୍ ସ୍କେଟିଂ, ଇନ୍‌ଲାଇନ୍ ଫ୍ରିଷ୍ଟାଇଲ୍, ରୋଲର୍ ହକି ଓ ସ୍କେଟ୍‌ବୋର୍ଡିଂ ଭଳି ବିଭିନ୍ନ ବିଭାଗର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ସେହିଭଳି ସ୍କୁଲ୍ ଓ ଜିଲ୍ଲାସ୍ତରରେ ରୋଲର୍ ସ୍ପୋର୍ଟ୍ସର ପ୍ରସାର ସହ ତାଲିମ୍ ଶିବିର ଆୟୋଜନ ପାଇଁ ଯୋଜନା କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରୋଲର୍ ସ୍କେଟିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ସଭାପତି ତୁଳସୀ ରାମ ଅଗ୍ରୱାଲ୍, ସ୍କେଟିଂ ଆସୋସିଏସନ୍ ଅଫ୍ ଓଡ଼ିଶାର ସଭାପତି ଡ. ଦିଲୀପ କୁମାର ତିର୍କୀ, ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି, କୋଷାଧ୍ୟକ୍ଷ ଅଙ୍କିତା ସନ୍ତୁକାଙ୍କ ସମେତ ପ୍ରତିନିଧିମାନେ ଯୋଗଦେଇଥିଲେ।

**● ପାକିସ୍ତାନ କ୍ରିକେଟରେ ମ୍ୟାଚ୍ ଫିକ୍ସିଂ !**

## ମୋବାଇଲ ଜବତ ପରେ ଆଭ୍ୟନ୍ତରୀଣ ତଦନ୍ତ

କରାଚି,୭।୯ (ଏଜେନ୍ସି): କ୍ରିକେଟ ଖେଳରେ ସଫଳତାକୁ ନେଇ ପାକିସ୍ତାନ ଦଳ ଓ ବୋର୍ଡ ଯେତିକି ଚର୍ଚ୍ଚାକୁ ଆସିନାହିଁ, ତାଠାରୁ ପଡ଼ିଆ ବାହାରର ଘଟଣାବଳୀକୁ ନେଇ କିଛି ନା କିଛି ଚର୍ଚ୍ଚାରେ ରହିଛି। ଏବେ ଇଂଲଣ୍ଡ ସହ ୩ ଟିକିଆ ଟେଷ୍ଟ ସିରିଜ୍ ଚାଲିଛି। ଏହା ମଧ୍ୟରୁ ପ୍ରଥମ ଦୁଇଟି ଟେଷ୍ଟରେ ପାକିସ୍ତାନ ଶୋଚନୀୟ ପରାଜୟ ବରଣ କରିଛି। ଏହି ପରାଜୟ ପରେ ତୃତୀୟ ଟେଷ୍ଟ ଲାଗି ହେଡ୍ କୋଚ୍ ସର୍ଫରାଜ ଅହମ୍ମଦ୍, ବୋଲିଂ କୋଚ୍ ଉମର ଗୁଲ୍‌ଙ୍କ ସମେତ ୭ଜଣ ଖେଳାଳିଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏହାର ଦୁଇ ଦିନ ପରେ ପାକିସ୍ତାନ କ୍ରିକେଟ ବୋର୍ଡର ନିର୍ଦ୍ଦେଶକ ଆମିର ମିରଙ୍କ ପୋଷ୍ଟ ଅନୁଯାୟୀ ଦଳର ପରାଜୟ ସମ୍ପର୍କରେ ଏବେ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଛି। କିନ୍ତୁ ଗୋଟିଏ ଟେଷ୍ଟ ଲାଗି ୭ଜଣ ଖେଳାଳିଙ୍କୁ ବାଦ୍ ଦେବା ଲାଗି ଯେ କେବଳ ପ୍ରଦର୍ଶନ ଦାୟୀ ତାହାକୁ କେହି ସ୍ୱୀକାର କରୁନାହାନ୍ତି। ତୃତୀୟ ଟେଷ୍ଟ ଆରମ୍ଭ ପୂର୍ବରୁ କିଛି ଖେଳାଳିଙ୍କ ମୋବାଇଲ ଜବତ କରିନେବା ଘଟଣାରେ ପାକିସ୍ତାନ ଖେଳାଳି ଯେ, ମ୍ୟାଚ୍ ଫିକ୍ସିଂ କିମ୍ବା ଅନ୍ୟ କୌଣସି ବଡ଼ ଅପରାଧରେ ସମ୍ପୃକ୍ତ ତାହାର ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅନ୍ୟପକ୍ଷରେ ପାକିସ୍ତାନ କ୍ରିକେଟକୁ ପୁଣିଥରେ ମ୍ୟାଚ୍ ଫିକ୍ସିଂର ଭୂତ ଫେରିଛି ବୋଲି କୁହାଯାଉଛି।

## କାଣ୍ଡେଲ ଜାପାନ ଅଧିନାୟକ

ଟୋକିଓ,୭।୯ (ଏଜେନ୍ସି): ଭାରତ ବିପକ୍ଷ 'ସୁଜୁକି କପ୍'ର ଐତିହାସିକ ଟି-୨୦ ମୁକାବିଲା ଲାଗି ଜାପାନ କ୍ରିକେଟ ଦଳ ଘୋଷଣା କରାଯାଇଛି। କାଣ୍ଡେଲ କାଡୋୱାକି ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଚାର୍ଲି ହାରା, ବେଞ୍ଜାମିନ୍ ଗୋଉ, କୋହେଇ କୋବୁତା, ୱାତାରୁ ମିୟାଉଚି, ରିଓ ସାକୁରାନୋ, ଡେକ୍‌ଲାନ ସୁଜୁକି, ଶୋମା ସୁଗାୟା, ଆଲେକ୍‌ଜାଣ୍ଡର ଶିରାଇ, ଲାଚଲାନ ୟାମାମୋଟୋ, ମାକୋଟୋ ତାନିୟାମା, ଇବ୍ରାହିମ୍ ତାକାହାସି, ସୁୟୋସୀ ତାକାଡା, ଜେକ୍ କୁସୁଦା, ଆଲେଷ୍ଟର କାଦୋୱାକି। ଜାପାନର ସାନୋ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୨୨ରେ ଏହି ମୁକାବିଲା ଅନୁଷ୍ଠିତ ହେବ।

**● ସିଏଚେମ୍ ଟ୍ରଫି କ୍ରିକେଟ**

## ଓଡ଼ିଶା -ହିମାଚଳ ମ୍ୟାଚ୍ ଡ୍ର'

ଭୁବନେଶ୍ୱର,୭।୯ (ସମିସ): ସମ୍ବିତ ବେଜାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ପୁଡୁଚେରୀରେ ଚାଲିଥିବା ସିଏଚେମ୍ ଟ୍ରଫି ଆନ୍ତଃରାଜ୍ୟ ସିନିଅର କ୍ରିକେଟରେ ହିମାଚଳ ପ୍ରଦେଶ ସହ ଓଡ଼ିଶା ମ୍ୟାଚ୍ ଡ୍ର ରଖିଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ପ୍ରଥମେ ବ୍ୟାଟିଂ କରି ହିମାଚଳ ପ୍ରଦେଶ ୨୪୦ ରନ୍ କରିଥିଲା। ଜବାବରେ ସମ୍ବିତ ୩ଟି ଚୌକା ଓ ୨ଟି ଛକା ସହାୟତାରେ ୬୯ ଓ ଆଶୁତୋଷ ଛୁରିଆ ୧୫ ରନ୍‌ରେ ଅପରାଜିତ ରହିବା ଫଳରେ ଓଡ଼ିଶା ପ୍ରଥମ ଇନିଂସରେ ୯ ୱିକେଟ ହରାଇ ୨୬୯ ରନ୍ କରିଥିଲା। ଫଳରେ ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟୀ ହୋଇଛି। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।





## କିସ୍ ଓ ଗଞ୍ଜାମ ଜିତିଲା ରାଜ୍ୟ ଯୁବ ବାସ୍କେଟବଲ୍

ଭୁବନେଶ୍ୱର,୭।୯ (ସମିସ): ଗୋଠପଟଣାସ୍ଥିତ ଟାଇମ୍ସ ସ୍କଲାର୍ସ' ଗୁରୁକୁଳ ସ୍କୁଲ୍ ପରିସରରେ ଶେଷ ହୋଇଥିବା ୩୯ତମ ରାଜ୍ୟ ଯୁବ ବାସ୍କେଟବଲ୍ ପ୍ରତିଯୋଗିତାରେ ଗଞ୍ଜାମ ଓ କିସ୍ ଦଳ ଚାମ୍ପିଅନ ହୋଇଛି। ବାଳକ ବିଭାଗ ଫାଇନାଲରେ ଗଞ୍ଜାମ କଟକର ସେଲଟିକ୍ସ ଦଳକୁ ହରାଇଥିଲା। ସେହିଭଳି ବାଳିକା ବିଭାଗରେ ଖୋର୍ଦ୍ଧାକୁ ହରାଇ କିସ୍ ଟାଇଟଲ୍ ଜିତିଥିଲା। ଉଭୟ ବିଭାଗର ଚମ୍ପିଅନ୍ ଦଳକୁ ଟ୍ରଫି ସହ ୧୦ହଜାର ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୫୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ବାଳକ ବିଭାଗର ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଆଲୋକ ରଞ୍ଜନ ଲାକ୍ରା (ଗଞ୍ଜାମ) ଏବଂ ବାଳିକା ବିଭାଗରେ ଯମୁନା ହାଁସଦା (କିସ୍) ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ର ପୂର୍ବତନ ବିଧାୟିକା ତଥା ବିଜୁ ଜନତା ଦଳର ବରିଷ୍ଠ ନେତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥିଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ହକି ଇଣ୍ଡିଆର ସଭାପତି ଡ. ଦିଲ୍ଲୀପ ତୀର୍କି, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ପୂର୍ବତନ ସାଂସଦ ଡ଼.ପ୍ରସନ୍ନ ପାଟସାଣୀ, ଓଡ଼ିଶା ବାସ୍କେଟବଲ୍ ସଂଘର ସଭାପତି ଜ୍ଞାନରଞ୍ଜନ ପରିଡ଼ା, ସମ୍ପାଦକ ଅଶୋକ କୁମାର ସାହୁ, ଟାଇମ୍ସ ସ୍କଲାର୍ସ' ଗୁରୁକୁଳର ପ୍ରତିଷ୍ଠାତା ଡ. ଶାରଦା ପ୍ରସାଦ ମିଶ୍ର ଏବଂ ଅଧକ୍ଷା ରଞ୍ଜିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରୁ ଚୟନ ହେବାକୁ ଥିବା ଶ୍ରେଷ୍ଠ ଯୁବ ଖେଳାଳିମାନେ ଆଗାମୀ ଜାତୀୟ ଯୁବ ବାସ୍କେଟବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ।



**ଓଡ଼ିଶା ଟି-୨୦ ଲିଗ୍ ୨୦ରୁ**

## କଟକ-ସମ୍ବଲପୁର ଉଦ୍‌ଘାଟନୀ ଲଢ଼େଇ



ଭୁବନେଶ୍ୱର, ୭।୯ (ସମିସ)

ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଲାଗି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଫ୍ରାଞ୍ଚାଇଜ ଡ୍ରାଫ୍ଟ ପ୍ରକ୍ରିୟାରେ ୧୬ଜଣ ଲେଖାଏ ଖେଳାଳିଙ୍କୁ ନେଇଛନ୍ତି। ଆଇକନିକ ଖେଳାଳି ବିପ୍ଳବ ସାମନ୍ତରାୟ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ ଦଳର ଅଧିନାୟକ ରହିଛନ୍ତି। ଭାରତ ମସଲା ପ୍ରାୟୋଜିତ ଏହି ଟିମ୍ ଟାଇଟଲ ବଜାୟ ରଖିବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ଏମ୍‌ଡି ସୁଶାନ୍ତ ପଣ୍ଡା କହିଛନ୍ତି। ଭାରତୀୟ ବଧିର କ୍ରିକେଟ୍ ଦଳର ସଦସ୍ୟ ଶିବୁନା ନନ୍ଦଙ୍କୁ କଟକ ଦଳରୁ ଖେଳିବାର ସୁଯୋଗ ମିଳିଛି। କେନ୍ଦୁଝର ମାଇନ୍ସର ନେତୃତ୍ୱ ଶୁଭ୍ରାଂଶୁ ସେନାପତିଙ୍କୁ ଦିଆଯାଇଛି। ଦଳରେ ରାଜେଶ ଧୁପର, ଦେବବ୍ରତ ପ୍ରଧାନ, ଜାମଳା ମହାପାତ୍ର, କ୍ଷମାସାଗର ବଳ ପ୍ରମୁଖ ସ୍ଥାନ ପାଇଛନ୍ତି। ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ଖେଳିବାକୁ ଥିବା ରାଉରକେଲା ସୁପରଷ୍ଟାର୍ସ ଦଳରେ ସମ୍ବିତ ବରାଳ, ବିଶ୍ୱଜିତ ପ୍ରଧାନ, ପପୁ ରାୟ, ସନ୍ଦୀପ ପଟ୍ଟନାୟକ ପ୍ରମୁଖ ଖେଳାଳି ରହିଛନ୍ତି। ସ୍ୱସ୍ତିକ ସାମଲଙ୍କ ଭୁବନେଶ୍ୱର ଟାଇଗର୍ସ ଦଳରେ ରାଜେଶ ମହାନ୍ତି, ଶ୍ରେୟାଂଶ ଭରଦ୍ୱାଜ, ରାକେଶ ପଟ୍ଟନାୟକ ପ୍ରମୁଖ ସ୍ଥାନ ପାଇଛନ୍ତି। ଗୌରବ ଚୌଧୁରୀ ସମ୍ବଲପୁର ୱାରିୟର୍ସର ଅଧିନାୟକ ରହିଥିବାବେଳେ ଶାନ୍ତନୁ ମିଶ୍ର, ସାଇଦୀପ ମହାପାତ୍ର, ସୟଦ ତୁଫେଲ ଅହମ୍ମଦ, ଓମ ଟି ମୁଣ୍ଡେ ଓ ସୌମ୍ୟ ଲେଙ୍କା ଦଳରେ ରହିଛନ୍ତି। ଅନ୍ତର୍ଜାତୀୟ ତାରକା ସୁରେଶ ରାଇନା ଓ ଦେବାଶିଷ ମହାନ୍ତି ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ସେପ୍ଟେମ୍ବର ୨୦ରେ ଉଦଘାଟନୀ ଦିବସରେ କଟକ ସହ ସମ୍ବଲପୁରର ମୁକାବିଲା ହେବ।

### ଓସିଏ ଟି-୨୦ ଲିଗ୍: କ୍ୟାପ୍ଟେନ ଓ କୋଚ୍

| ଟିମ୍ | କ୍ୟାପ୍ଟେନ | ହେଡ୍ କୋଚ୍ |
|---|---|---|
| ଭୁବନେଶ୍ୱର ଟାଇଗର୍ସ | ସ୍ୱସ୍ତିକ ସାମଲ | ସୁବ୍ରତ ବିଶ୍ୱାଳ |
| ପୁରୀ ଟାଇଟାନ୍ସ | ଆଦିତ୍ୟ ରାଉତ | ପ୍ରୀତମଜିତ୍ ଦାସ |
| କେନ୍ଦୁଝର ମାଇନର୍ସ | ଶୁଭ୍ରାଂଶୁ ସେନାପତି | ସୂର୍ଯ୍ୟକାନ୍ତ ପ୍ରଧାନ |
| ରାଉରକେଲା ସୁପରଷ୍ଟାର୍ସ | ଗୋବିନ୍ଦ ପୋଦ୍ଦାର | ସଞ୍ଜୟ ରାଉଳ |
| ସମ୍ବଲପୁର ୱାରିଅର୍ସ | ଗୌରବ ଚୌଧୁରୀ | ବସନ୍ତ ମହାନ୍ତି |
| କଟକ ପାନ୍ଥର୍ସ | ବିପ୍ଳବ ସାମନ୍ତରାୟ | ପ୍ରଭଞ୍ଜନ ମଲ୍ଲିକ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS